e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୨୪ • ୧୯ ଫେବୃୟାରୀ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-24 • 19th February 2024, Monday • Bhubaneswar | Licensed to post without pre-payment of postage No- BN-60/22-24


## ସଚିନଙ୍କ ହୃଦୟ ଚୋରିକଲା କଶ୍ମୀର ବ୍ୟାଟ୍ କାରଖାନା








# ବଢ଼ିଲା ମାଟ୍ରନ୍‌ଙ୍କ ପାରିଶ୍ରମିକ, ଏଣିକି ମାସକୁ ୧୫ ହଜାର ପାଇବେ

**ଭୁବନେଶ୍ୱର, ୧୮।୨**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଜନଜାତି ଛାତ୍ରୀ ନିବାସ ମାଟ୍ରନମାନଙ୍କର ଗୁହାରି ଶୁଣିଛନ୍ତି। ଏଣିକି ମାଟ୍ରନମାନେ ମାସିକ ୧୦ ହଜାର ଟଙ୍କା ବଦଳରେ ୧୫ ହଜାର ପାଇବେ। କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ପାଇବେ। ସେହିପରି ଅବସର ସମୟରେ ୧ ଲକ୍ଷ ଟଙ୍କାର ସହାୟତା ପାଇବେ। ମାଟ୍ରନମାନଙ୍କ ମାସିକ ସହାୟତା ୫ ହଜାର ଟଙ୍କା ବଢ଼ାଇବା ପରେ ପରେ ରାଜ୍ୟ ସରକାର ୧୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିବେ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ୨୦୧୪ ମସିହାରୁ ଲେଡି ମାଟ୍ରନମାନେ ନିଯୁକ୍ତି ପାଇଛନ୍ତି। ସେମାନେ ଏପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କା ଦରମା ପାଉଥିଲେ। ନିର୍ଦ୍ଦିଷ୍ଟ ସମୟ କାମକରିବା ପରେ ସ୍ଥାୟୀ ନିଯୁକ୍ତି ଦେବା, ବେତନକୁ ନିୟମିତ ଭାବେ ପ୍ରଦାନ କରିବା, କୌଣସି ସମସ୍ୟା ଘଟିଲେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ, ହଷ୍ଟେଲମାନଙ୍କରେ ରହିବା ପାଇଁ ମାଟ୍ରନମାନଙ୍କୁ ଘର ଦିଆଯାଉ ଏବଂ ଚାକିରି ନବୀକରଣ ଦାୟିତ୍ୱ ପ୍ରଧାନ ଶିକ୍ଷକଙ୍କ ବଦଳରେ ସରକାରୀ କର୍ମଚାରୀଙ୍କୁ ଦିଆଯାଉ ବୋଲି ସଂଘ ଦାବି କରିଥିଲେ।



- କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା
- ଅବସର ସମୟରେ ୧ ଲକ୍ଷ ଟଙ୍କାର ସହାୟତା
- ୨୦୧୪ ମସିହାରୁ ଲେଡି ମାଟ୍ରନମାନେ ନିଯୁକ୍ତି ପାଇଛନ୍ତି

# ୫-ଟି ଅଧ୍ୟକ୍ଷଙ୍କ ଅନ୍ଧାରୁଆ ବାୟୋଟେକ୍ ପାର୍କସ୍ଥିତ ସାପିଜେନ୍ ବାୟୋଲଜିକ୍ସ ପରିଦର୍ଶନ

**ଭୁବନେଶ୍ୱର, ୧୮।୨**

**ନ୍ୟୁଜ୍ ବ୍ୟୁରୋ**

ରବିବାର ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆ ବାୟୋଟେକ୍ ପାର୍କସ୍ଥିତ ସାପିଜେନ୍ ବାୟୋଲଜିକ୍ସ ଟିକା ଉତ୍ପାଦନ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଦୈନିକ ୨.୪ କୋଟି ବିଭିନ୍ନ ପ୍ରକାରର ଟିକା ଉତ୍ପାଦନକ୍ଷମତା ଥିବା ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଟିକା ଉତ୍ପାଦନ ପ୍ଲାଣ୍ଟ ଦେଶର ସର୍ବବୃହତ୍ ଟିକା ଉତ୍ପାଦନ ପ୍ଲାଣ୍ଟ ଭାବେ ପରିଗଣିତ ହେବ।

ଶ୍ରୀ ପାଣ୍ଡିଆନ୍ ପ୍ଲାଣ୍ଟର ସମସ୍ତ ୟୁନିଟ୍ ପରିଦର୍ଶନ କରିବା ସହିତ ମ୍ୟାନେଜମେଣ୍ଟ ଏବଂ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ।

ଏହି ପ୍ଲାଣ୍ଟକୁ ଆଗାମୀ ୩ ମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ସଂପୃକ୍ତ ସରକାରୀ ବିଭାଗ ଗୁଡ଼ିକ ସମସ୍ତ ପ୍ରକାର ସହଯୋଗ ଯୋଗାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ ଯେ ଭାରତ ବାୟୋଟେକ୍ ପାର୍କର ଡ. କ୍ରୀଷ୍ଣା ଏଲାଙ୍କ ତତ୍ତ୍ୱାବଧାନରେ ଏହି ପ୍ଲାଣ୍ଟ ୧୫୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ସ୍ଥାପନ କରାଯାଉଛି।

ଏହି ଅତ୍ୟାଧୁନିକ ପ୍ଲାଣ୍ଟ ଜରିଆରେ ପ୍ରାୟ ୧୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ ଏବଂ ଏଥିରେ ଓଡ଼ିଶା ଲୋକଙ୍କୁ ସର୍ବାଧିକ ନିଯୁକ୍ତି ମିଳିବ। ଏହି ପ୍ଲାଣ୍ଟ କଲେରା, ମାଲେରିଆ ପରି ରୋଗ ପାଇଁ ୧୫ରୁ ଅଧିକ ପ୍ରକାର ଟିକା ପ୍ରସ୍ତୁତ କରିବା ପାଇଁ ଲକ୍ଷ୍ୟ ରଖିଛି।



ଭୁବନେଶ୍ୱରରୁ ପ୍ରସ୍ତୁତ ଏହି ଟିକାଗୁଡ଼ିକ ବିଶ୍ୱର ବିଭିନ୍ନ ସ୍ଥାନକୁ ରପ୍ତାନି କରାଯିବ ଏବଂ ଏହା ଦ୍ୱାରା ବାୟୋଟେକ୍‌ନୋଲୋଜି କ୍ଷେତ୍ରରେ ଓଡ଼ିଶାର ସୁନାମ ବୃଦ୍ଧି ହେବ। ଏହି ପ୍ରକଳ୍ପଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜୀବନ ମୂଲ୍ୟବାନ ନୀତି ଆଧାରରେ ସ୍ଥାପନ ହେଉଛି। ଏଠାରୁ ପ୍ରସ୍ତୁତ ଟିକା ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସୁରକ୍ଷା ଯୋଗାଇଦେବ।

ଶ୍ରୀ ପାଣ୍ଡିଆନ୍ ସରକାରୀ ସ୍ତରରେ ସମସ୍ତ ସହଯୋଗ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ବାୟୋଟେକ୍‌ନୋଲୋଜି ନୀତି କ୍ୟାବିନେଟ୍‌ରେ ଅନୁମୋଦନ କରିଛନ୍ତି ବୋଲି ସୂଚନା ଦେଇଥିଲେ। ଏଭଳି ଏକ ବୃହତ୍ ଟିକା ପ୍ରସ୍ତୁତକାରୀ ପ୍ଲାଣ୍ଟ ସ୍ଥାପନ *(ପୃଷ୍ଠା ୧୧ରେ)*

## ପ୍ରଥମରୁ ପିଲାଙ୍କ ହେବ ଜ୍ଞାନ ଅଭିବୃଦ୍ଧି

**ଭୁବନେଶ୍ୱର, ୧୮।୨**

**ନ୍ୟୁଜ୍ ବ୍ୟୁରୋ**

ପ୍ରଥମ ଶ୍ରେଣୀରୁ ଶିକ୍ଷାରେ ନିପୁଣତା ହାସଲ କରିବେ ଛାତ୍ରଛାତ୍ରୀ। ଏଥିପାଇଁ ନୂତନ ଏକ ଶିକ୍ଷା ପଦ୍ଧତି ଏଫ୍‌ଏଲ୍‌ଏନ୍ କ୍ଲାସ ମାଧ୍ୟମରେ ପ୍ରୟାସ କରିଛନ୍ତି ରାଜ୍ୟ ସରକାର। ପ୍ରଥମ ପର୍ଯ୍ୟାୟରେ ଗଜପତି ଜିଲ୍ଲାର ୩୨୭ଟି ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ସାମିଲ କରାଯାଇଛି। ଯେଉଁଥିରେ ପ୍ରାଥମିକ ସ୍ତରରୁ ସାଧାରଣ ଜ୍ଞାନ, ଭାଷା ସାହିତ୍ୟ ଓ ଗଣିତ ଶିକ୍ଷାରେ ଦକ୍ଷତା ହାସଲ କରିବେ ଶିକ୍ଷାର୍ଥୀ।

ପ୍ରଥମରୁ ପିଲାଙ୍କ ହେବ ଜ୍ଞାନ ଅଭିବୃଦ୍ଧି। ହାଇଟେକ କ୍ଲାସରୁମ୍ ସାଙ୍ଗକୁ ସ୍କୁଲ ପାରିପାର୍ଶ୍ୱର କରାଯାଉଛି ବିକାଶ। ଶିକ୍ଷଣୀୟ ସାମଗ୍ରୀ ଦ୍ୱାରା ଦିଆଯାଉଛି ଶିକ୍ଷାଦାନ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଏଫଏଲଏନ *(ପୃଷ୍ଠା ୧୧ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ୩ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ପୁରୀ ଅନ୍ତର୍ଜାତୀୟ ଗ୍ରୀନ ଫିଲ୍ଡ ଶ୍ରୀଜଗନ୍ନାଥ ବିମାନବନ୍ଦର



**ପୁରୀ, ୧୮।୨ : ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ପୁରୀରେ ଅନ୍ତର୍ଜାତୀୟ ଗ୍ରୀନ ଫିଲ୍ଡ ଶ୍ରୀଜଗନ୍ନାଥ ବିମାନବନ୍ଦର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ବିଶାଳ ପ୍ରକଳ୍ପ ପାଇଁ ୨୨ ଶହ ୩ କୋଟି ଟଙ୍କାର ଟେଣ୍ଡର ରଖାଯାଇଛି। ଆସନ୍ତା ୨୧ ତାରିଖରୁ ଅନଲାଇନ୍ ମାଧ୍ୟମରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ଆଗାମୀ ଏପ୍ରିଲ ୨୧ ତାରିଖ ଯାଏଁ ଏହା ଜାରି ରହିବ। ଇଡ୍‌କୋ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ପିପିପି ମୋଡରେ ନିର୍ମାଣ ହେବାକୁ ଥିବା ପୁରୀ ଅନ୍ତର୍ଜାତୀୟ ଗ୍ରୀନ ଫିଲ୍ଡ ଶ୍ରୀଜଗନ୍ନାଥ ବିମାନବନ୍ଦର କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ କରାଯିବ ପାଇଁ ଲକ୍ଷ୍ୟ ରଖାଯାଇଛି।

ଅନ୍ତର୍ଜାତୀୟ ଗ୍ରୀନ ଫିଲ୍ଡ ଶ୍ରୀଜଗନ୍ନାଥ ବିମାନବନ୍ଦର କାର୍ଯ୍ୟକ୍ଷମ ହେଲା ପରେ ଆଧ୍ୟାତ୍ମିକ ସହର 'ଶ୍ରୀକ୍ଷେତ୍ର' ଆକାଶପଥରେ ଯୋଡ଼ିହେବ। ଫଳରେ ପୁରୀକୁ ପର୍ଯ୍ୟଟନ କ୍ଷେତ୍ରରେ ଅଭୁତପୂର୍ବ ସଫଳତା ମିଳିବ। ଏଠାକୁ ଦେଶ-ବିଦେଶରୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବ।

ସୂଚନାଯୋଗ୍ୟ, ୧ ହଜାର ୧୬୪ ଏକର ପରିମିତ ଅଞ୍ଚଳରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ହେବ। ବିମାନ ଚଳାଚଳ ବିଭାଗର *(ପୃଷ୍ଠା ୧୧ରେ)*

# ରାଜ୍ୟରେ ଖୋଲିବ ଆଉ ୧୮ଟି ସରକାରୀ ଡିଗ୍ରୀ କଲେଜ



**ଭୁବନେଶ୍ୱର, ୧୮।୨ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆଉ ୧୮ଟି ସରକାରୀ ଡିଗ୍ରୀ କଲେଜ ଖୋଲିବ। ଚଳିତ ଶିକ୍ଷାବର୍ଷଠାରୁ କାର୍ଯ୍ୟକ୍ଷମ ହେବ ଏସବୁ କଲେଜ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ ସମୟରେ ନିଜ ଅଞ୍ଚଳରେ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ଲୋକମାନେ ଅନୁରୋଧ କରିଥିଲେ। ଯାହାକୁ ଭିତ୍ତି କରି ୧୮ଟି ବ୍ଲକରେ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ଆସନ୍ତା ସପ୍ତାହରେ ୧ ହଜାର ୫୬ ଜଣ ଅଧ୍ୟାପକଙ୍କୁ ଷ୍ଟାଫ୍ ସିଲେକ୍ସନ ବୋର୍ଡ ଜରିଆରେ ନିଯୁକ୍ତି ଦିଆଯିବ। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ସୂଚନା ଦେଇଛନ୍ତି।

୨ ହଜାର ମସିହାରେ ଓଡ଼ିଶାର ୫୪୮ଟି ଡିଗ୍ରୀ କଲେଜ ଥିଲା। ଏବେ ୧ ହଜାର ୪୦ରେ ପହଞ୍ଚିଛି। ବିଶ୍ୱବିଦ୍ୟାଳୟ ସଂଖ୍ୟା ୫ରୁ ବୃଦ୍ଧି ପାଇ ୨୪ରେ ପହଞ୍ଚିଛି। ଯେଉଁଥିରେ ୧୭ଟି ସରକାରୀ *(ପୃଷ୍ଠା ୧୧ରେ)*


# ପୃଥିବୀରୁ କେବେ ଲୋପ ହେବ ମଣିଷର ଅସ୍ତିତ୍ୱ ?



**ନୂଆଦିଲ୍ଲୀ, ୧୮।୨**

ଏକ ସମୟ ଥିଲା ଯେତେବେଳେ ପୃଥିବୀରେ ମଣିଷର ଚିହ୍ନବର୍ଣ୍ଣ ବି ନଥିଲା। କେବଳ ବଣ, ଜଙ୍ଗଲ, ନଦୀ, ପାହାଡ ଓ ଜଙ୍ଗଲୀ ପଶୁପକ୍ଷୀ ଥିଲେ। ପୃଥିବୀରେ ମଣିଷ ଅସ୍ତିତ୍ୱକୁ ଆସିବା ପରେ ଦୁନିଆର ନକ୍ସା ହିଁ ବଦଳି ଯାଇଛି। ଏବେ ବିଶ୍ୱର କୋଣଅନୁକୋଣରେ ମଣିଷ ରାଜ କରୁଛି। ଏବେ ମଣିଷ ଏତେ ଉନ୍ନତି କରିଯାଇଛି ଯେ ପୃଥିବୀ ବାହାରେ ମହାକାଶରେ ବି ବିଚରଣ କରିବାକୁ ଲାଗିଲାଣି। ଏବେ ସାରା ବିଶ୍ୱରେ କମ୍ପ୍ୟୁଟର ବ୍ୟବହାର କରାଯାଉଛି। ତେବେ ଆପଣ ଜାଣନ୍ତି କି ଏହି କମ୍ପ୍ୟୁଟର ମାଧ୍ୟମରେ ଭବିଷ୍ୟବାଣି ମଧ୍ୟ ହୋଇପାରୁଛି ?

ଆଜିର ଦୁନିଆରେ ଆମେ ଆଜି ଯାହା ବି କରୁଛେ ଏଥିରେ ସବୁଠୁ ଆଗରେ ରହିଛି ଟେକ୍ନୋଲୋଜି। ଏହି ଟେକ୍ନୋଲୋଜି ଭବିଷ୍ୟତର ଜୀବନକୁ ବୁଝିବା ପାଇଁ ସହାୟତା କରିପାରେ। ଆମମାନଙ୍କ ମଧ୍ୟରେ ଅଧିକାଂଶ ଆଶା କରନ୍ତି ଜୀବନ ଧିରେ ଧିରେ ସୁଧୁରିବାରେ ଲାଗିବ ଓ ସମୟ ବିତିବା ସହିତ ଜିନିଷ ଅଧିକ ସହଜ ହୋଇଯିବ। ତେବେ କିଛି ନିରାଶାବାଦୀ ବୈଜ୍ଞାନିକଙ୍କ ଏକ *(ପୃଷ୍ଠା ୧୧ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଫେବୃୟାରୀ ୨୦୨୪ସୋମବାର



# ସୋଆରେ 'ସ୍କେଲର୍ଜ-୨୦୨୪' ଆୟୋଜିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦ୍ୟା ସମ୍ବନ୍ଧୀୟ ଜ୍ଞାନ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଅଟେ ମାତ୍ର ବିଭିନ୍ନ କମ୍ପାନୀ ଗୁଡ଼ିକ ନିଯୁକ୍ତି ଦେବା ସମୟରେ ସେହିପରି ବ୍ୟକ୍ତିମାନଙ୍କୁ ଚାହିଁଥାନ୍ତି ଯେଉଁମାନଙ୍କର ମନୋଭାବ ସକାରାତ୍ମକ ଓ ଚିନ୍ତାଧାରା ନିଷ୍ପତ୍ତିମୂଳକ ହୋଇନଥାଏ। ଏହାଛଡ଼ା ସେମାନଙ୍କର ଅନ୍ୟମାନଙ୍କ ସହ ଉତ୍ତମ ଭାବେ ଭାବର ଆଦାନ ପ୍ରଦାନ କରିବାର କ୍ଷମତା ଥିବା ଆବଶ୍ୟକ ବୋଲି ଜେନପ୍ୟାକ୍ଟ ସଂସ୍ଥାର ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ (ଟଲେଣ୍ଟ ଆକ୍ୟୁଜିସନ୍) ଶ୍ରୀ କରୁଣାକରଣ ଭିନୟାଗମ ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ସୋଆ ସ୍କେଲର୍ଜ-୨୦୨୪'ରେ ଯୋଗ ଦେଇ କହିଛନ୍ତି। ଏହି ମେଗା ମ୍ୟାନେଜମେଣ୍ଟ କନ୍‌କ୍ଲେଭ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ଦ୍ୱାରା ଆୟୋଜିତ ହୋଇଥିଲା। ଏହି କନ୍‌କ୍ଲେଭ୍‌ର ଶୀର୍ଷକ ଥିଲା 'ବେୟୋଣ୍ଡ ବାଉଣ୍ଡାରିଜ :ଏମ୍ପାୱାରିଙ୍ଗ୍ ମାଇଣ୍ଡସ୍ ଆଣ୍ଡ ଏନାବଲିଙ୍ଗ ଗ୍ରୋଥ'। ଏଥିରେ ମୁଖ୍ୟ ପ୍ରସଙ୍ଗ ଉପରେ ମତ ରଖି ଶ୍ରୀ ଭିନୟାଗମ କହିଥିଲେ ଯେ ମ୍ୟାନେଜମେଣ୍ଟ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ମନେ ରଖିବା ଉଚିତ୍ ଯେ ଆବଶ୍ୟକୀୟ ଅଭିଜ୍ଞତା ନଥାଇ ମଧ୍ୟ କମ୍ପାନୀମାନେ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇପାରନ୍ତି। ନିଜର ବିଦ୍ୟା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ଯଥେଷ୍ଟ ହୋଇ ନଥାଏ। ନିଷ୍ପତିମୂଳକ ଚିନ୍ତାଧାରା, ସକାରାତ୍ମକ ମନୋଭାବ ଓ ସମସ୍ୟାର ସମାଧାନ କରିବା ନିମନ୍ତେ ଜ୍ଞାନ ନିର୍ଣ୍ଣାୟକ ହୋଇଥାଏ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରି କହିଥିଲେ ଯେ ଏହି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ ପ୍ରଦାନ କରିବା ସହ ଜୀବନରେ କଠିନ ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ତାଲିମ୍ ଦେଇଥାଏ। ସେ କହିଥିଲେ ଯେ ସୋଆ ଜାତୀୟ ସ୍ତରରେ ୧୫ ତମ ବିଶ୍ୱବିଦ୍ୟାଳୟ ଭାବେ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗରେ ସ୍ଥାନିତ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ଦୁଇଟି ପୃଥକ ପ୍ୟାନେଲ୍ ଆଲୋଚନା କରାଯାଇଥିଲା। ଏଥିରେ ଫ୍ୟାକ୍ଟସେଟର ଭାଇସ ପ୍ରେସିଡେଣ୍ଟ (ଟଲେଣ୍ଟ ଆକ୍ୟୁଜିସନ) ଶ୍ରୀମତି ଅନୁପମା ରଂଜନ, ମଣ୍ଡି ହୋଲଡିଂସର ଏଚ୍‌ଆର୍ ମୁଖ୍ୟ ଶ୍ରୀ ଶଲୋମନ ଦେବଭରମ, ଓମେଗା ହେଲ୍‌ଥକେୟାରର ଡାଇରେକ୍ଟର (ଟଲେଣ୍ଟ ଡେଭେଲପମେଣ୍ଟ) ଶ୍ରୀ କାର୍ତ୍ତିକ ମୁଲାକାଲୁରି, ଫାରଆଇର ଡାଇରେକ୍ଟର (ଏଚ୍‌ଆର୍) ଶ୍ରୀମତି ରଶ୍ମୀ ସିହ୍ନା, ଫରେସିଆର ଶ୍ରୀ ଭୂଷଣ ଖ୍ୟାନୋରେ, ଟ୍ରିନାମିକ୍ସର ଟଲେଣ୍ଟ ଆକ୍ୟୁଜିସନ୍ ମ୍ୟାନେଜର ଶ୍ରୀ ସ୍ୱପ୍ନିଲ୍ ଭିଳାସ ସେନଡାଗେ, ବର୍କାଡିଆର ସିନିଅର ଭାଇସ ପ୍ରେସିଡେଣ୍ଟ (ଏଚ୍‌ଆର୍) ଶ୍ରୀ ଦେବାଶିଷ ଘୋଷ, ସାରସ ଏଆଇର ଚିଫ୍ ଅପରେଟିଂ ଅଫିସର ଓ କୋ-ଫାଉଣ୍ଡର ଶ୍ରୀ ଅମିତ କାଟାରିଆ, ହାଇରାଡିଅସର ଆସୋସିଏଟ ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ସୁମିତ ଗୁପ୍ତା, ଆରବିଏଲ ବ୍ୟାଙ୍କର ହେଡ, କ୍ୟାମ୍ପସ୍ ରିଲେସନସିପ୍ ଶ୍ରୀମତି ସୁରଭୀ ପ୍ରକାଶ ଦିକ୍ଷୀତ, ସ୍ନିଡର ଇଲେକ୍ଟ୍ରିକର ସିନିଅର ମ୍ୟାନେଜର (ଏଚ୍‌ଆର ଆଣ୍ଡ ୟୁନିଭର୍ସିଟି ରିଲେସନ୍‌ସ) ଶ୍ରୀ ନିଖିଲ ସୁତ୍ରାୱେ ଓ ଆର୍‌ଏନ୍‌ଏଫ୍ ଟେକ୍ନୋଲୋଜିସର ଆସିଷ୍ଟାଣ୍ଟ ମ୍ୟାନେଜର (ଏଚ୍‌ଆର୍) ଶ୍ରୀମତି ଗୁନ ପାଲ ବକ୍ତବ୍ୟ ରଖିଥିଲେ।

# ଭର୍ଚ୍ୟୁଆଲ ମାଧ୍ୟମରେ 'ଆମ ହସ୍ପିଟାଲ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ





**ଆସିକା/ବାଲିଗୁଡା ନ୍ୟୁଜ ବ୍ୟୁରୋ**

୫ଟି ଉପକ୍ରମରେ ଆମ ହସ୍ପିଟାଲ ଯୋଜନାରେ ସରକାରୀ ଡାକ୍ତରଖାନା ଗୁଡିକର ରୂପାନ୍ତରଣ କରାଯାଇଛି । ଯାହାର ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ ଭି.କେ ପାଣ୍ଡିଆନ ଉଦ୍‌ଘାଟନ କରିଛନ୍ତି । ୧୫ଟି ଜିଲ୍ଲାର ୭୩ଟି ସରକାରୀ ଡାକ୍ତରଖାନା ଗୁଡିକର ରୂପାନ୍ତରଣ ମଧ୍ୟ ଉଦଘାଟନ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାର ଆସିକାରେ ୧ କୋଟି ୬୩ ଲକ୍ଷ୍ୟ ଅଟକଳ ବ୍ୟୟରେ ରୂପାନ୍ତରିତ ହୋଇ ଉଦଘାଟନ ହୋଇଛି । ଏହି ଭର୍ଚ୍ଚୁଆଲ କାର୍ଯ୍ୟକ୍ରମରେ ଆସିକା ସାଂସଦ ପ୍ରମିଳା ବିଷୋୟୀ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଜେଡି ସାଧାରଣ ସମ୍ପାଦିକା ସୁରଭି ବିଷୋୟୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଦକ୍ଷ୍ୟ ବିନେତା ସ୍ୱାଇଁ, ବିଡ଼ିଓ ଫକୀର ଚରଣ ପରିଡା, ମେଡିକାଲ ଅଫିସର ଦୀପକ ସାମନ୍ତରାୟ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ରାମକୃଷ୍ଣ ପାଣିଗ୍ରାହୀଙ୍କ ସମେତ ଏବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇବା ନେଇ ଆଶା କରାଯାଇଛି । **ସେହିପରି** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ରୂପାନ୍ତର କାର୍ଯ୍ୟ କରାଯିବା ପରେ ଶୁଭାରମ୍ଭ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ୟୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବ ପାଇଁ ବାଲିଗୁଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ସାଂସଦ ପ୍ରତିନିଧି ତଥା ବ୍ଲକ ବିଜେଡି ସଭାପତି ଟୁନା ଦାସ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମେଡିକାଲ ଅଧିକାରୀ ପରିଚାଳନା କରିଥିବା ବେଳେ ସମସ୍ତ କାର୍ଯ୍ୟରତ ମେଡିକାଲ ଅଫିସର, ମହିଳା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ଆଶା, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଏହି ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ମୋ' ହସ୍ପିଟାଲ ଯୋଜନାରେ ରୂପାନ୍ତର କରାଯାଇଛି। ଯେଉଁଠି ଫ୍ରି ଗାଡ଼ି ପାର୍କିଂ ସମେତ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ପ୍ରତୀକ୍ଷା ଗୃହ ଆଦିର ସୁବିଧା କରାଯାଇଛି। ଏହାଦ୍ୱାରା ଉକ୍ତ ଚିକିତ୍ସାଳୟରେ ରୋଗୀଶଯ୍ୟା ବୃଦ୍ଧି ବ୍ୟବସ୍ଥା କରାଯାଇଛି। ବିଶେଷକରି ରୋଗୀଙ୍କ ରୋଗ ଚିହ୍ନଟ କରିବା ପାଇଁ ପରୀକ୍ଷା କେନ୍ଦ୍ର ଉନ୍ନତି କରାଯାଇଛି। ସେହିପରି ମିଶନଶକ୍ତି କାଫେ ଖୋଲାଯିବା ବ୍ୟବସ୍ଥା କରାଯାଇଛି। ଯେଉଁଠି ରୋଗୀଙ୍କ ପାଇଁ ସୁଲଭ ଦରରେ ଖାଦ୍ୟ ମିଳିପାରିବ ସେ ବ୍ୟବସ୍ଥା କରାଯାଇଛି। ପ୍ରକାଶଯୋଗ୍ୟ ଯେ, ରାଜ୍ୟରେ ମୋ' ହସ୍ପିଟାଲ ଯୋଜନାରେ ରାଜ୍ୟରେ ୧୫ ଜିଲ୍ଲାରେ ୭୩ଟି 'ଆମ ହସ୍ପିଟାଲ'ର ଶୁଭାରମ୍ଭ ହୋଇଛି।

# ଯୌତୁକ ନିର୍ଯାତନା ଓ ହତ୍ୟା ଧମକ ଅଭିଯୋଗ

**ବ୍ରଜରାଜନଗର, ନ୍ୟୁଜ ବ୍ୟୁରୋ**

ଓରିଏଣ୍ଟ ଥାନା ଅନ୍ତର୍ଗତ ଦୁର୍ଗା ନଗର ଅଞ୍ଚଳର ଶକୁନ୍ତଳା ଗୋଛାୟତ(୩୧) ଶାଶୂ ଘର ତରଫରୁ ମାଡ଼ପିଟ, ମାନସିକ ଓ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶକୁନ୍ତଳାଙ୍କ ଶାଶୁ ଶ୍ରୀମତୀ ନାୟକ (୮୫) ମଧ୍ୟ ବୋହୁଙ୍କ ପରିବାର ତରଫରୁ ମାଡ଼ପିଟ, ଗାଳି ଗୁଲଜ ଓ ହତ୍ୟା ଧମକ ଦେଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେପଟେ ଓରିଏଣ୍ଟ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଶକୁନ୍ତଳାଙ୍କ ଅଭିଯୋଗ ଅନୁସାରେ, ଗତ ବର୍ଷ ମାର୍ଚ୍ଚ ମାସରେ ଶକୁନ୍ତଳାଙ୍କ ବିବାହ ଶ୍ରୀମତୀ ନାୟକଙ୍କ ପୁଅ ବୁଲୁ ନାୟକ ସହିତ ହୋଇଥିଲା। ବାହା ଘରରେ ବର ପକ୍ଷ ଦାବି ଅନୁସାରେ ଯୌତୁକ ମଧ୍ୟ ଦିଆ ଯାଇଥିଲା। ହେଲେ କିଛି ମାସ ପରେ ଶାଶୁ ଘର ଲୋକେ ମାନସିକ ନିର୍ଯାତନା ଦେବା ସହିତ ତାଙ୍କ ସ୍ୱାମୀ ମଧ୍ୟ ମାଡ଼ପିଟ କରିଥିଲେ। ତା ସହିତ ବାପ ଘରୁ ୫୦ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଆଣିବା ପାଇଁ ଦାବି କରିବା ସହିତ ନହେଲେ ଜୀବନରୁ ମାରିଦେବାର ଧମକ ଦେଇଥିବା ଶକୁନ୍ତଳା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେପଟେ ଶକୁନ୍ତଳାଙ୍କ ଶାଶୂ ଶ୍ରୀମତୀ ନାୟକ ତାଙ୍କ ବୋହୂ ଘରେ କଳହ ସୃଷ୍ଟି କରିବା ସହ ମାଆ ଓ ପୁଅ ମଧ୍ୟରେ ବିଚ୍ଛେଦ ଘଟାଉଥିବା ଅଭିଯୋଗ କରିଛନ୍ତି। ବୋହୂ ଶକୁନ୍ତଳାର ପରିବାର ଲୋକେ ଉଭୟ ମାଆ ଓ ପୁଅଙ୍କୁ ମାଡ଼ପିଟ, ଗାଳି ଗୁଲଜ ଓ ହତ୍ୟା ଧମକ ଦେଉଛନ୍ତି। ଫଳରେ ସେମାନେ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି ବୋଲି ଅଭିଯୋଗରେ ଶ୍ରୀମତୀ ନାୟକ ଉଲ୍ଲେଖ କରିଛନ୍ତି।

# 'ଲକ୍ଷ୍ମୀ' ବସ୍ ଗ୍ରାମାଞ୍ଚଳର ଜନଜୀବନକୁ କରିବ ସୁଗମ





**ଭଦ୍ରକ/ଧାମନଗର ନ୍ୟୁଜ ବ୍ୟୁରୋ**

ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁନିଶ୍ଚିତ ବସ୍ ସଂଯୋଗ ଆଭିମୁଖ୍ୟରେ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଲକ୍ଷ୍ମୀ ଯୋଜନାରେ ଭଦ୍ରକ ଜିଲ୍ଲାରେ ଲକ୍ଷ୍ମୀବସ ଚଳାଚଳ ର ଶୁଭାରମ୍ଭ କରାଯାଇଛି। ୬ଟି ଜିଲ୍ଲା ପାଇଁ ଆଭାସି ଜରିଆରେ ଭୁବନେଶ୍ୱରରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରାଯିବା ଅବସରରେ ଭଦ୍ରକ ଜିଲ୍ଲା ପାଇଁ ରାଣୀତାଲ ନିକଟସ୍ଥ ମେଡ଼ିକାଲ ପଡ଼ିଆରେ ଜିଲ୍ଲା ସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ୫ଟି ଭଦ୍ରକ ଜିଲ୍ଲା ସଂଯୋଜକ ଡ. ସଂଜୟ ଦାସ ପ୍ରମୁଖ ଯୋଗଦେଇ ଲକ୍ଷ୍ମୀ ଯୋଜନାର ଉପାଦେୟତା ସମ୍ବନ୍ଧରେ ପ୍ରକାଶ କରିଥିଲେ। ଲକ୍ଷ୍ମୀ ଯୋଜନାରେ ଭଦ୍ରକ ଜିଲ୍ଲାରେ ଗଡ଼ିବାକୁ ଥିବା ସମୁଦାୟ ୨୪ଟି ବସ୍‌ରୁ ୯ଟି ବସ୍‌କୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରାଯାଇଛି। ସେଥି ମଧ୍ୟରୁ ୮ଟି ବସ୍ ୭ଟି ବ୍ଲକରେ ଚଳାଚଳ କରିବ। ଭଦ୍ରକ ବ୍ଲକ୍‌ରେ ଦୁଇଟି ରୁଟ୍‌ରେ ୨ଟି ବସ୍ ଚଳାଚଳ କରିବ। ୧ ଟି ବସ୍ ଆବଶ୍ୟକ ସ୍ଥଳେ ବ୍ୟବହାର କରାଯିବାପାଇଁ ଗଚ୍ଛିତ ରଖାଯାଇଛି। ମାସେ ମଧ୍ୟରେ ସମସ୍ତ ବସ୍ ଜିଲ୍ଲାର ପଞ୍ଚାୟତରୁ ବ୍ଲକ୍ ଓ ବ୍ଲକ୍‌ରୁ ଜିଲ୍ଲାକୁ ଚଳାଚଳ କରିବା ନେଇ ସୂଚନା ପ୍ରଦାନ କରାଯାଇଛି। ଏହି ଲୋକାଭିମୁଖୀ ଲକ୍ଷ୍ମୀବସ୍ ଯୋଜନାରେ ଜିଲ୍ଲାର ସମସ୍ତ ପଞ୍ଚାୟତ ଯୋଡ଼ିହେବା ଦ୍ୱାରା ଗାଁ ଲୋକଙ୍କ ଗମନାଗମନ ସମସ୍ୟା ଦୂରହେବା ସହିତ ଗ୍ରାମର ସାମାଜିକ, ଅର୍ଥନୈତିକ ବିକାଶ ସୁଦୃଢ଼ ହେବାରେ ସହଜ ହେବ। ଲକ୍ଷ୍ମୀବସ୍ ଯୋଜନା ଗ୍ରାମାଞ୍ଚଳର ଜନଜୀବନକୁ ସୁଗମ କରିବ। ଯୋଗାଯୋଗର ସୁବିଧା ଜରିଆରେ ବିକାଶ ଆଗକୁ ବଢ଼ି ପାରିବ। ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ବିଧାୟକ ଶ୍ରୀଯୁକ୍ତ ରାଉତରାୟ, ଭଣ୍ଡାରିପୋଖରୀ ବିଧାୟକ ଶ୍ରୀଯୁକ୍ତ ସାମଲ ଏବଂ ୫ଟି ସଂଯୋଜକ ଶ୍ରୀଯୁକ୍ତ ଦାସ ଆଭାସି ଜରିଆରେ ଯୋଡ଼ିହୋଇ ବକ୍ତବ୍ୟ ରଖିଥିଲେ। ଲକ୍ଷ୍ମୀବସ୍ ଯୋଜନା ଏକ ଯୁଗାନ୍ତକାରୀ ଅଭିନଭ ପଦକ୍ଷେପ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ଜରିଆରେ ମହିଳା ଓ ଛାତ୍ର-ଛାତ୍ରୀ ବିଶେଷ ଭାବେ ଉପକୃତ ହୋଇ କମ୍ ଖର୍ଚ୍ଚରେ ସୁବିଧାରେ ଯାତାୟତ କରିପାରିବେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଆୟୋଜନ ଓ ପରିଚ୍ଳନା ଦାୟିତ୍ୱ ନିର୍ବାହ କରିଥିଲେ। ଓ.ଏସ୍.ଆର.ଟି.ସି. ମ୍ୟାନେଜର ସେକ୍ ମହମ୍ମଦ ରାଇଜୁଲ୍ ହକ୍, ବୈଷୟିକ ପରିଚ୍ଳକ ବିଜୟାନନ୍ଦ କର ପ୍ରମୁଖ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିଚ୍ଳନାରେ ଆସୁସଙ୍ଗିକ ସହଯୋଗ କରିଥିଲେ।

ସେହିପରି ସାଧାରଣ ଗ୍ରାମାଞ୍ଚଳ ଲୋକ ମାନେ ବ୍ଲକ ମୁଖ୍ୟାଳୟ କୁ ଯିବା ପାଇଁ ରାଜ୍ୟ ସରକାର ରାଜ୍ୟ ରେ ଲକ୍ଷ୍ମୀ ବସ ଚଳାଚଳ ପାଇଁ ଆରମ୍ଭ ହୋଇ ଥିବାବେଳେ ଧାମନଗର ବ୍ଲକ କାର୍ଯ୍ୟାଳୟରୁ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଶୁଭାରମ୍ଭ କରିଛନ୍ତି। ଏହି ଅବସର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବିଡ଼ିଓ ବନବିହାରୀ ଦିନ୍ଦା, ତହସିଲଦାର ଦୀପକ ଦାସ, ଜିଲ୍ଲାପରିଷଦ ଉପାଧକ୍ଷ ଟୁନି ବାଳା ବିଶ୍ୱାଳ, ସାଂସଦ ପ୍ରତିନିଧି ହରେକୃଷ୍ଣ ପାତ୍ରୀ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲିକ, ପ୍ରତାପ ସାମଲ, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି, ନଗର ସଭାପତି ଶୁଶାନ୍ତ ରାଉତ, ବିପିଏମ ପିତବାସ ବିଶ୍ୱାଳ, ମିଶନ ଶକ୍ତି ଅଧିକାରିଣୀ ସଦିପ୍ତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଆରମ୍ଭରୁ ୧୦ କିଲୋମିଟର ଯାଏଁ ନନ୍‌ଏସି ବସ୍‌ରେ ଯାତ୍ରା ଲାଗି ଭଡ଼ା ୫ ଟଙ୍କା ରହିଛି। ସେହିପରି ୧୧ ରୁ ୨୦ କିଲୋମିଟର ଦୂର ପାଇଁ ୧୦ ଟଙ୍କା ସ୍ଥିର ହୋଇଛି। ଏସି ବସ୍‌ରେ ଆରମ୍ଭରୁ ୧୦ କିଲୋମିଟର ଯାଏଁ ୧୦ ଟଙ୍କା ଓ ୨୦ କିଲୋମିଟର ଯାଏଁ ୨୦ ଟଙ୍କା ରହିଛି। ତେବେ ଧାମନଗରରେ ଧାମନଗରରୁ ଆନନ୍ଦପୁର ଭାୟା ଖଡ଼ିପଦା, ଧାମନଗରରୁ କ୍ଷେଣ୍ଟପୁର ଭାୟା ଖଡ଼ିପଦା, ଧାମନଗରରୁ ପଧାନି ଭାୟା ସୋହଡ଼ା, ଧାମନଗରରୁ କରଦା ଭାୟା ଦଳାଙ୍ଗ ରୁଟରେ ବସ୍ ଚାଲିବ ବୋଲି ସ୍ଥିର ହୋଇଛି। ବସ୍ ଚାଲିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ବସ୍ ଷ୍ଟପ ନିର୍ମାଣ ହେବାର ବ୍ୟବସ୍ଥା ରହିଛି। ଏହି ଦୃଷ୍ଟିରୁ ଧାମନଗର ବ୍ଲକରେ ମୋଟ ୩୭ ଟି ବସ୍‌ଷ୍ଟପ ନିର୍ମାଣ ହେବାକୁ ଯୋଜନା ହୋଇଛି। ନୂଆ ବସ୍‌ଷ୍ଟପ ଲାଗି ୫ ଲକ୍ଷ ୩୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେହିପରି ୪ଟି ବସ୍‌ଷ୍ଟପ କୁ ମରାମତି କରାଯିବାର ଅଛି। ମରାମତି ପାଇଁ ବସ୍‌ଷ୍ଟପ ପିଛା ୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। ଧାମନଗର ବ୍ଲକର ୩୧ଟି ପଞ୍ଚାୟତରେ ବସ୍‌ଷ୍ଟପ ପାଇଁ ଟଙ୍କା ଆସିଛି। ହେଲେ କୌଣସି ଗୋଟିଏ ପଞ୍ଚାୟତରେ ବସ୍‌ଷ୍ଟପ ନିର୍ମାଣ ଶେଷ ହୋଇନାହିଁ। ଏମିତିକି ୮୦ ପ୍ରତିଶତ ବସ୍‌ଷ୍ଟପ୍ ନିର୍ମାଣ ଆଦୌ ଆରମ୍ଭ ହୋଇନାହିଁ। ଯେଉଁ ୨୦ ପ୍ରତିଶତ ନିର୍ମାଣ ଆରମ୍ଭ ହୋଇଛି, କେବଳ କାନ୍ଥ ପ୍ଲିନ୍ଥ ଲେବୁଲରେ ରହିଛି। କେଉଁଠି ଗାଁ ଲୋକେ ଜାଗା ଛାଡୁନାହାନ୍ତି ତ ଆଉ କେଉଁଠି ଗାଁ ଲୋକେ ନିଜେ ଠିକା କାମ କରିବେ ବୋଲି ଜିଦ୍‌ଧରୁଛନ୍ତି। ଯାହାକୁ ନେଇ ଏହି ନିର୍ମାଣ କାମ ଧିମେଇ ଯାଇଛି। ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ବସ୍‌ଷ୍ଟପ ନିର୍ମାଣ ଲାଗି ସ୍ୱତନ୍ତ୍ର ଡିଜାଇନ୍ ଗ୍ରହଣୀୟ ହୋଇଛି। ଏଥିଲାଗି ଉପଯୁକ୍ତ ସଂସ୍ଥାକୁ ଟେଣ୍ଡର ଦେବାକୁ ପଦକ୍ଷେପ ନିଆଯାଇଛି। ହେଲେ ଲୋକେ ଏହାକୁ ବିରୋଧ କରୁଥିବାରୁ ବାଧାଉପୁଜୁଛି। ସେପଟେ ଏନେଇ ଧାମନଗର ବିଡିଓ ବନବିହାରୀ ଦିଣ୍ଡା କହିଛନ୍ତି ଯେ, ଲୋକଙ୍କ ସହ ଆଲୋଚନା କରାଯାଇ ସମସ୍ତ ପଞ୍ଚାୟତରେ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରାଯିବ।

# ମା'ମାନଙ୍କ ଆଶୀର୍ବାଦରେ ପୁଣି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ : ଉଚ୍ଚଶିକ୍ଷାମନ୍ତ୍ରୀ



**ମହାକାଳପଡ଼ା, ନ୍ୟୁଜ ବ୍ୟୁରୋ**

ମହାକାଳପଡ଼ା ଅଞ୍ଚଳର ବିକାଶରେ ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି । ଗମନାଗମନ କ୍ଷେତ୍ରରେ ବ୍ୟାପକ ସୁଧାର ଆସିଛି । ୧୦୪ କୋଟି ଟଙ୍କାରେ ଜମ୍ବୁ-ମାର୍ଶାଘାଇ ରାସ୍ତାର ନିର୍ମାଣ ହେଉଛି । ପାନୀୟ ଜଳ ସମସ୍ୟା ଶିଘ୍ର ଦୂର ହେବାକୁ ଯାଉଛି । ମା' ମାନଙ୍କ ପାଇଁ ଓଡ଼ିଶା ସରକାର ଦିନକୁ ଦିନ ନୂତନ ଯୋଜନାମାନ କରି ଚାଲିଛନ୍ତି । ମା' ମାନଙ୍କ ଆଶିର୍ବାଦରେ ପୁଣି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାସୀନ ହେବେ । ଓଡ଼ିଶା ସରକାରଙ୍କର ବିଭିନ୍ନ ଯୋଜନା ଅନ୍ୟ ରାଜ୍ୟ ପାଇଁ ମଡ଼େଲ ହେବ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ମିଶନଶକ୍ତି ପ୍ରଭୃତି ଯୋଜନା ଦ୍ୱାରା ଓଡ଼ିଶାବାସୀ ଉପକୃତ ହେଉଛନ୍ତି । ମହାକାଳପଡ଼ା ଅଞ୍ଚଳରେ ବଡ଼ ଇସ୍ପାତ କାରଖାନା ହେବ । ଲୋକେ ନିଯୁକ୍ତି ପାଇବେ । ରାଜଗଡ଼ ପଂଚାୟତର ମୌଳିକ ସମସ୍ୟା ଗୁଡ଼ିକ ସମାଧାନ କରାଯାଉଛି ବୋଲି ରାଜଗଡ଼ ଠାରେ ମୋ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାକାଳପଡ଼ା ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ, ସମବାୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ । ପଂଚାୟତର ସରପଂଚ ମମତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡ଼ିଓ ସାଗର କୁମାର ନନ୍ଦ, ସମିତିସଭ୍ୟା ସ୍ୱର୍ଣ୍ଣପ୍ରଭା ବେହେରା, ପୂର୍ବତନ ସରପଂଚ ଅଶୋକ କୁମାର ମହାପାତ୍ର, ପଦ୍ମନାଭ ପ୍ରତିହାରୀ, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରେମାନନ୍ଦ ମହାନ୍ତି, ନିରଞ୍ଜନ ମନ୍ତ୍ରୀ, ବିଜୟ କୁମାର ଦାସ, ଅମୀୟ ନାୟକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଚାକିରି ପାଇଁ ଆବେଦନ କଲେ ୫୦୩

## ବ୍ଲକ ସ୍ତରୀୟ ନିଯୁକ୍ତି ମେଳା




**ନିଶ୍ଚିନ୍ତକୋଇଲି, ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପରିସରରେ ବ୍ଲକ ସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ନିଯୁକ୍ତି ଅଧିକାରୀ ଶ୍ରମତୀ ମମତା ବେଉରା ସଭାପତିତ୍ୱ କରିଥିଲେ। ଏହି ମେଳାକୁ ଆନୁଷ୍ଠାନିକଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ଉଦଘାଟନ କରିଥିଲେ। ଅତିଥିଭାବେ ଉପାଧକ୍ଷ ଅଶୋକ ଓଝା ଯୋଗଦେଇ ରାଜ୍ୟ ସରକାର ଯୁବତୀ ଯୁବକମାନଙ୍କୁ କର୍ମନିଯୁକ୍ତି ଦେବାପାଇଁ ଏଭଳି ଏକ ଆୟୋଜନ କରିଛନ୍ତି। ଆଗକୁ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ନିଯୁକ୍ତି ସୁଯୋଗ ମିଳିବ। ଏଥିପାଇଁ ବହୁ କମ୍ପାନୀ ଓଡିଶାରେ ନିବେଶ ଆରମ୍ଭ କରିଛନ୍ତି। ଯୁବତୀ ଯୁବକମାନେ ପ୍ରଶିକ୍ଷଣ ନେଇ ନିଯୁକ୍ତି ର ସୁଯୋଗ ସୃଷ୍ଟି କରନ୍ତୁବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଧର୍ମରଞ୍ଜନ ପଣ୍ଡା,ବୁହାଳୋ ସରପଂଚ ରମାକାନ୍ତ ମହାନ୍ତି, ଏବିଡିଓ ଅଶୋକ କୁମାର ମହାନ୍ତି, ଏସଏଚଜି ଫେଡେରେସନ ସଭାପତି କନକଲତା ଭୂୟାଁ ଯୋଗ ଦେଇଥିଲେ। ଆୟୋଜିତ କର୍ମଶାଳାରେ ୫୦୩ଜଣ ନାମ ପଞ୍ଜୀକରଣ କରିଥିଲେ। ସିଧାସଳଖ ନିଯୁକ୍ତି ପାଇଁ ୨୧ଟି ସଂସ୍ଥା ଆସିଥିବା ବେଳେ ପ୍ରଶିକ୍ଷଣପରେ ନିଯୁକ୍ତି ସୁଯୋଗ ଦେବାପାଇଁ ୧୦ଟି ସଂସ୍ଥା ଓ ୩ଟି ଇଞ୍ଜିନିୟରିଂ କଲେଜ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଓଡିଶା ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ତନୁଜା ସାହୁ,ରିଙ୍କିନା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୌରାଞ୍ଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶାର ବିକାଶ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମୀରପାଟଣା ଠାରେ ୬, ୭, ୮, ୯, ୧୦ ୱାର୍ଡର ଆମ ଓଡିଶା ନବୀନ ଓଡିଶା ବିକାଶର ସଚେତନତା କାର୍ଯ୍ୟକ୍ରମ ପୌର ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭ନଂ ୱାର୍ଡର କାଉନସିଲର ଜୟନ୍ତୀ ପାଣି, ୧୦ନଂ ୱାର୍ଡର ରଶ୍ମିତା ସିଂହ, ୮ନଂ ୱାର୍ଡର ସ୍ମୃତିପ୍ରଜ୍ଞା ଶତପଥୀ, ୬ନଂ ୱାର୍ଡର ପ୍ରଦିପ୍ତ କୁମାର ଜେନା ଏବଂ ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ ପ୍ରମୁଖ ଉପସ୍ଥିତ ରହି ପୌରାଂଚଳରେ ହୋଇଥିବା ବିକାଶ ସଂପର୍କରେ ଆଲୋଚନା କରିଥିଲେ । ପୌରାଂଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଜାଗା ମିଶନ, ମୁକ୍ତା ଯୋଜନାରେ ରାସ୍ତାର ରୂପାନ୍ତରି କରଣ, ୭୨ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ପ୍ରଦାନ, ୩୬୧୯ ଜଣ ଗର୍ଭବତୀ ମହିଳାଙ୍କୁ ମମତା ଯୋଜନାରେ ସହାୟତା, ୨ କୋଟି ଟଙ୍କା ବିନିଯୋଗରେ ସ୍ମାର୍ଟ ପାର୍କ ଏବଂ ମଡେଲ ଶ୍ମଶାନ ନିର୍ମାଣ, ୪ କୋଟି ଟଙ୍କା ବ୍ୟୟରେ ପୌରାଞ୍ଚଳର ବିଭିନ୍ନ ରାସ୍ତାରେ ୩୬୩୬ଟି ଷ୍ଟ୍ରିଟ ଲାଇଟ୍ ଦ୍ୱାରା ଆଲୋକୀ କରଣ ଆଦି ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ସଭା ଶେଷରେ କାଉନସିଲର ପ୍ରଦିପ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୧୯।୨।୨୦୨୪, ଫାଲଗୁନ ଦି୦୭ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୬/୧୪/୩୮ **ଚନ୍ଦ୍ରୋଦୟ-** ରାଘ୧।୧୭।୧୧


**ଦଶମୀ-** ଦିଘ ୮/୫୧ ପର୍ଯ୍ୟନ୍ତ। **ମୃଗଶିରା ନକ୍ଷତ୍ର-** ଦିଘ ୧୦/୩୪ ପର୍ଯ୍ୟନ୍ତ। **ମିଥୁନଚନ୍ଦ୍ର-** ଅରୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, ମିଥୁନ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-**କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ପାର୍ବଣଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ୍ବ ଶାଗ ଦଘ ୮/୫୧ ପରେ ଶିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬/୧୭ ଗତେ ଘ ୭/୪୩ ମଧ୍ୟେ, ଦିଘ ୧୦/୫୨ ଗତେ ଘ ୧ / ୦୯ ମଧ୍ୟେ। **ପ୍ରର୍ବୋତ୍ସବ-**ଛାତ୍ରପତି ଶିବାଜୀ ଜୟନ୍ତୀ।




**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।




**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।




**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।




**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ।




**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।




**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।




**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।




**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।



**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।



**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।



**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

# ୩ୟ ଟେଷ୍ଟ: ଭାରତର ଐତିହାସିକ ବିଜୟ, ଇଂଲଣ୍ଡକୁ ୪୩୪ ରନରେ ହରାଇଲା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

12 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୨୪ ● ୧୯ ଫେବୃୟାରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-24 ● 19th February 2024, Monday ● Bhubaneswar | Licensed to post without pre-payment of postage No- BN-60/22-24





## ମର୍ଣ୍ଣିଂ ୱାକ

ମନୋଜ କୁମାର ବେହେରା



ତୁମେ ସବୁଦିନେ ସକାଳେ ମର୍ଣ୍ଣିଂ ୱାକ କରିବାକୁ ଯାଉଛ ନା' ଲୋକଙ୍କର ସେବା କରିବାକୁ ଯାଉଛ ? ଶ୍ରୀମତୀ ଦାସ ବାବୁଙ୍କ ଉପରେ ଟିକିଏ ଚିଡ଼ିକରି କହିଲେ ।

ଆରେ ! ତୁମେ ତ ପ୍ରାୟ ମୋ ସାଙ୍ଗରେ ମର୍ଣ୍ଣିଂୱାକ କରିବାକୁ ଯାଉଛ । ଏବେ ଥଣ୍ଡା ଅଧିକ ପଡିଛି ବୋଲି ତୁମେଏବେ ଯାଉନ। ଦାସ ବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ। ମୁଁ ଏବେ ଦେଖୁଛି କି ତୁମେ ରାସ୍ତାରେ ଗଲାବେଳେ ସଡକ ଉପରେ ପଡିଥିବା ଛୋଟ-ଛୋଟ ଇଟା, ପଥରକୁ ଗୋଡରେ ଆଡେଇ କରି ନହେଲେ ଗୋଡରେ ମାରି କରି ଆର ପାର୍ଶ୍ୱରେ ନେଇ ପକଉଛ । ଯଦି ରାସ୍ତାରେ କଣ୍ଟା ଦେଖାଯିବ ତା'ହେଲେ ତାକୁ ହାତରେ ଉଠେଇ କରି ନେଇ ଡଷ୍ଟବିନ୍ ଭିତରେ ପକେଇ ଦେଉଛ । ଯଦି ପାଣି ଟ୍ୟାପ୍ ଖୋଲା ଥାଏ ତାକୁ ଯାଇ ବନ୍ଦ କରୁଛ ଏବଂ ରାସ୍ତାରେ ଯଦି ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବ ତା'ହେଲେ ଫୋନ୍ କରି ଜଣେଇ ଦେଉଛ ଇଲେକ୍ଟ୍ରି ଅଫିସ୍‌ରେ । ତୁମେ ଯଦି ଏହି କାମ କରିବ ତା'ହେଲେ ଚାଲିବ କେତେବେଳେ । ତୁମର ଧ୍ୟାନ ତୁମ ଦେହ ପ୍ରତି ଆଉ ନାହିଁ । ଶ୍ରୀମତୀ ଟିକିଏ ରାଗିକରି କହିଲେ ।

ଆଛା..ତା'ହେଲେ କଥା ଆସି ଏଠି । ଦେଖ ! ତୁମେତ ଜାଣିଛ କି ସଡକରେ ସବୁଦିନ ହଜାର-ହଜାର ଲୋକ ଚାଲନ୍ତି ଆଉ ଗାଡି ମଧ୍ୟ ଚାଲେ । କିଏ ପାଦରେ ତ କିଏ ବାଇକ୍ କିମ୍ବା କାରରେ ଚଳେଇ କରି ଯାଏ । ମୁଁ ମର୍ଣ୍ଣିଂ ୱାକ କରିକି ଛୋଟ-ଛୋଟ ଇଟା ଆଉ ପଥରକୁ ଗୋଡରେ ମାରି ଅନ୍ୟ ପାର୍ଶ୍ୱକୁ ଠେଲି ଦେଇଥାଏ କିମ୍ବା କଣ୍ଟାକୁ ଉଠେଇକରି ଡଷ୍ଟବିନରେ ପକେଇ ଦିଏ । କାହିଁକିନା ସେହି ସଡକରେ ଚାଲିକରି ଯାଉଥିବା ଲୋକଙ୍କ ଭ୍ରମଣ ମୁଁ ସହଜ କରିଦିଏ । ଟିକିଏ ଭାବିକରି ଦେଖିଲ.ଯଦି ହଡବଡ ହୋଇ କୌଣସି ପଥିକ ଚାଲିକରି ଯାଉଥବ ଆଉ ତା'ର ଗୋଡ କୌଣସି ଛୋଟ ଇଟା-ପଥରରେ ବାଡେଇ ହେଇଯିବ ତା'ହେଲେ ତାକୁ କେତେ ଅସୁବିଧା ହେବ । ଆଉ ଯଦି ଗାଡିର ଟାୟାରରେ କଣ୍ଟା ପଶିଯିବ ତା'ହେଲେ କ'ଣ ହେବ ଜାଣିଛଟି । ସେହିଭଳି ବିଜୁଳି ଆଉ ପାଣିର ଅପବ୍ୟୟ ରୋକିବା ମଧ୍ୟ ଆମର ସାମୁହିକ ଦାୟିତ୍ୱ ବୋଲି ଦାସ ବାବୁ କହିଲେ ।

ଦେଖ..ତୁମର କଥା ଏକଦମ୍ ଠିକ,କିନ୍ତୁ ତୁମେ ଏକୁଟିଆ କେତେ ଲୋକଙ୍କର ପଥକୁ ସହଜ କରିପାରିବ । ଶ୍ରୀମତୀ ଟିକିଏ ଦୁଃଖୀ ହୋଇ କହିଲେ । ଦେଖ..ଏମିତି ଭଲ କାମରେ ଯଦି ମୋ ସହିତ ଆଉ କିଛି ଲୋକଙ୍କ ସାହାଯ୍ୟ ମିଳିଯିବ ତା'ହେଲେ ସ୍ଥିତିକୁ ବଦଳେଇବା ପାଇଁ ବେଶୀ ସମୟ ଲାଗିବନି । ହଁ ହଁ..ତୁମର କଥାତ ଠିକ୍ । ମୋତେ ପ୍ଲିଜ..କ୍ଷମା କରିଦିଅ । ମୁଁ ତୁମର ଭାବନାକୁ ବୁଝିବାକୁ ବେଶି ଡେରି କରିଦେଲି । ପ୍ରକୃତରେ ତୁମେ ଯାହା କରୁଛି ଭଲ କାମ କରୁଛି । ମୋତେ ଗର୍ବ ଅନୁଭବ ହେଉଛି କି ମୋ ସ୍ୱାମୀ ସମସ୍ତଙ୍କ ପାଇଁ ଏତେ ଭଲ ଭାବନା ରଖୁଛନ୍ତି । କାଲିଠୁ ମୁଁ ମଧ୍ୟ ତୁମ ସହିତ ମର୍ଣ୍ଣିଂ ୱାକକୁ ଯିବି ତୁମକୁ ସାହାଯ୍ୟ କରିବି, ଶ୍ରୀମତୀ ହସି ହସି କହିଲେ ।


ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧


## ମୋକ୍ଷ

ଆନନ୍ଦ କୁମାର ମାଇତି

ବୋଉ ଲୋ! ଏ ବୋଉ ! ତୁ ଏ କଣ କଲୁ ?

ସେତେବେଳେ ପୂରୁବ ଦିଗରେ ସୂର୍ଯ୍ୟ ପୁରା ଲାଲ ଟଗ ଟଗ ହୋଇ ଉପରକୁ ଉଠୁଥିଲା। ବିଜନ ଆଗ ଭେଁ କିନା ଚିଲ୍ଲେଇ ଉଠିଲା ତାପରେ ଘରର ସମସ୍ତେ କାନ୍ଦିଲେ। ଯେଉଁ କାନ୍ଦରେ ମିଶି ଥିଲା ମରଣ ବିଚ୍ଛେଦର କରୁଣ ଆର୍ତ୍ତନାଦ।

କାନ୍ଦ ଶୁଣି ଆଖ ପାଖ ସମସ୍ତେ ଧାଇଁ ଆସିଲେ। ସମସ୍ତଙ୍କ ଆଶଙ୍କା ସତ୍ୟ ହେଲା। ବିଜନର ମା ମୃତ୍ୟୁ ବରଣ କରିଛି। ତେବେ ସେ ମୃତ୍ୟୁ ସ୍ୱାଭାବିକ ମୃତ୍ୟୁ ନୁହେଁ। ବେକରେ ରଶି ଲଗେଇ ଆତ୍ମହତ୍ୟା କରିଛି ବିଜନର ବୁଢ଼ୀ ବୟସର ମାଆ ପୀତେଇ। ଅଦ୍ଭୁତ ଏକ ଶିହରଣ ସମସ୍ତଙ୍କ ଭିତରେ ଖେଳି ଯାଉଥିଲା ସେତେବେଳେ।

ସାହି ଭିତରେ ସବା ଆଗ ଶେଯରୁ ଉଠେ ବିଜନର ମାଆ ପୀତେଇ। ଆଜି ସୁରୁଜ ମହାପୁରୁ କୋଷେ ବାଟ ଗଲାଣି ଅଥଚ ମାଆ କବାଟ ଖୋଲିନି। ଶାନ୍ତି ଆଗ ଯାଇ କବାଟ ବାଡେଇଲା। ଭିତରୁ କୌଣସି ଶବ୍ଦ ନପାଇ ସ୍ୱାମୀ କୁ ଡାକିଲା। ବିଜନ ଆସି ଝରକା ଦେଇ ଦେଖେତ ତା ମାଆ ଝୁଲିଛି। ତାପରେ କବାଟ ଭାଙ୍ଗି ଭିତରକୁ ପଶିଥିଲା।

କିନ୍ତୁ ଗୋଟିଏ ମୃତ୍ୟୁରେ ଯେତିକି ବିଷାଦର ବାତାବରଣ ସୃଷ୍ଟି ହେବା କଥା ପୀତେଇ ବୁଢ଼ୀ ମୃତ୍ୟୁରେ ତାହା ନଥିଲା। ବରଂ ସଭିଙ୍କ ମନରେ ଯେମିତି ଏକ ସ୍ୱସ୍ତି ଭାବ ପ୍ରକଟିତ ହୋଇ ଉଠୁଥିଲା। ସମସ୍ତଙ୍କ କହିବା କଥା ଏହା କେବଳ ଏକ ମୃତ୍ୟୁ ନୁହେଁ ଏକ ବିରାଟ ମୁକ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ବାସ୍ତବରେ ପୀତେଇ ବୁଢ଼ୀ ମୁକ୍ତି ପାଇଛି , ଆଉ ନିଜ ପରିବାରକୁ ମଧ୍ୟ ମୁକ୍ତି ଦେଇଛି। ହେଲେ ବିଜନ ଆଖିରେ ଆଶ୍ୱସ୍ତି ଭାବ ପରିବର୍ତ୍ତେ ଯନ୍ତ୍ରଣା ଓ ବିଚ୍ଛେଦ ବେଦନାର ଭାବ ଯେମିତି ଫୁଟି ଉଠୁଥିଲା। ଗାଁ ଲୋକେ ତାକୁ ବୁଝେଇଛନ୍ତି, ଦେଖ୍ ବିଜନ। ମାଆର ମୃତ୍ୟୁରେ ବେଶି ଦୁଃଖ କରନା। ବିଚାରୀ ମରିଯାଇ ବରଂ ଶାନ୍ତି ପାଇଲା। ତାର ଅବ୍ୟାହତି ନେବାଟା ଭବିତବ୍ୟ ଥିଲା। ଅବଶ୍ୟ ଅବ୍ୟାହତି ନେବାରେ ବିକଳ୍ପ ଟି ସଠିକ୍ ନୁହେଁ କିନ୍ତୁ ସେ ଯେ ତୋ ପରିବାରକୁ ବେଶି ଭଲ ପାଉଥିଲା ଗଲା ବେଳେ ସମ୍ପୂର୍ଣ୍ଣ ପ୍ରମାଣ ଦେଇଗଲା।

ସେପର୍ଯ୍ୟନ୍ତ ବି ବିଜନ ଆଖିରୁ ଅନବରତ ଲୁହ ବୋହି ଚାଲୁଥିଲା। କ୍ରମେ ଅନେକ ଲୋକ ରୁଣ୍ଡ ହୋଇଗଲେଣି। ତାରି ଭିତରେ ବି ଥାଏ ପୀତେଇ ବୁଢ଼ୀର ସଙ୍ଗାତ ଚପଳା। ସେ ହିଁ ଠିକ୍ ଜାଣିଥିଲା ପୀତେଇ ବୁଢ଼ୀର ଆତ୍ମହତ୍ୟାର କାରଣ।

ଚପଳା ସେଇ ସାହିର। ସାହିରେ ସଭିଙ୍କ ଘରକୁ ସେ ବୁଲି ଯାଏ। ସାହିସାରା ସବୁ ଘର ଗୁମର ତା ପାଖରୁ ମିଳିବାଟା ଥୟ ଜାଣ। ତାର ଗୋଟିଏ ବଡ ଦୁର୍ଗୁଣ ତା ପେଟଟା ଭାରି ପତଳା। ଗୋଟିଏ ବି କଥା ତା ପେଟରେ ଲୁଚି ରହିବା ଅସମ୍ଭବ। ସେ ଆସି ପହଞ୍ଚିଲା ମାତ୍ରେ ଆରମ୍ଭ କରିଦେଇଥିଲା ପୀତେଇ ବୁଢ଼ୀର ସମସ୍ତ ମହତ୍ତ୍ୱ କଥା।

ଦୀର୍ଘ ଦିନ ହେଲା ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଭାରି ଯନ୍ତ୍ରଣା ଭୋଗୁଥିଲା ବିଜନ ମାଆ। ଡାକ୍ତର ଦେଖା ବି ଚାଲିଥିଲା। ବିଜନ ଭାରି ଅଭାବୀ ଲୋକ। ମୂଲିଆ କାମ କରେ। ଯାହା ଉପାର୍ଜନ ହୁଏ ସେତିକିରେ ହୁଏତ ସଂସାର ଟା ଚଳିଯିବ। କିନ୍ତୁ ସେତକ ବି ଠିକରେ ହେଉନଥିଲା। ମାର ରୋଗରେ ମୁଠା ମୁଠା ଟଙ୍କା ପ୍ରତି ମାସରେ ଖର୍ଚ୍ଚ ହୋଇଯାଉଥିଲା। ଅଳ୍ପ ବୟସରେ ବିଜନ ତା'ବାପାକୁ ହରେଇଛି। ତା ମାଆ ହିଁ ତାକୁ ଏତୁଟାଏ କରିଛି। ମାର ଏତେ ବଳିଦାନ ପାଇଁ ଏତିକି ଅବଦାନ ଯଥେଷ୍ଟ ନୁହେଁ ବୋଲି ବିଜନ ସମସ୍ତଙ୍କ କହେ। ନିଜର ମହାନତା ଦେଖେଇଲେ କଣ ହେବ ଧୀରେ ଧୀରେ ସେ ଧାର କରଜରେ ବୁଡ଼ି ଗଲା। ପରେ ପରେ ତାକୁ ଆଉ ଧାର ଉଧାର ବି ମିଳିଲାନି। ନିରୁପାୟ ହୋଇ ବାପା ଅମଳର ମାଣେ ଜମି ବିକ୍ରି କରିବାକୁ ପଡ଼ିଲା ମାଆର ଡାକ୍ତର ଦେଖା ଖର୍ଚ୍ଚ ପାଇଁ। ନିର୍ମମ ଚେଷ୍ଟା କରିଛି ମାଆ କୁ କେମିତି ଭଲ କରିବା ପାଇଁ। ପୀତେଇ ଲଢୁଥିଲା ତା ରୋଗ ସହ ଆଉ ବିଜନ ଅସହାୟତା ସହିତ। ଦୁହିଁଙ୍କ ଯୁଦ୍ଧଟାବି ଥିଲା ଏକପ୍ରକାର ଅସମ।

ରୋଗରେ ମ୍ରିୟମାଣ ହୋଇ ମୃତ୍ୟୁ ଦ୍ୱାରକୁ ପୀତେଇ ପାଖେଇ ଯାଉଥିବା ବେଳେ ବିଜନର ଋଣ ତା ଦେବାଳିଆ ଭବିଷ୍ୟତକୁ ଅନୁସରଣ କରିଚାଲିଲା। ତଥାପି ସେ ତାର ମାନସିକତାର ଲଢେଇ ଜାରିରଖିଥିଲା। ଅବଶ୍ୟ ବିଲ ବିକ୍ରି ବେଳେ ତା ମାଆ କେମିତି ସୁରାକ ପାଇଯାଇଥିଲା। ସେତେବେଳେ ବିଜନକୁ ପାଖକୁ ଡାକି କହିଥିଲା, ଜାଣିଛୁ ତୋ ବାପା କେତେ କଷ୍ଟରେ ସେଇ ମାଣକ କରିଥିଲା । ତୁ ତାକୁ ବିକିଦେବୁ ?

ବିଜନ କହିଥିଲା , ନ ବିକିଲେ ତୋ ଡାକ୍ତର ଦେଖା କେମିତି ହେବ ?

ଦରକାର ନାହିଁ ମୋର ଡାକ୍ତର ଦେଖା।

ଜାଗା ବିକିବାର ପ୍ରଥମ ବାଧା ତା ସ୍ତ୍ରୀ ଆଗ ବିରୋଧ କରିଥିଲା।

– ତମେ ସେ ଜାଗା ବିକିବ ମାଆ ର ଡାକ୍ତରୀ ଖର୍ଚ୍ଚ ପାଇଁ ?

ବିଜନ ଚୁପ୍ ଥିଲା।

ତା ସ୍ତ୍ରୀ ବୁଝେଇ କହିଲା ଭଳି କହିଥିଲା, ଭବିଷ୍ୟତ କୁ କିଛି ସଞ୍ଚୟ କହିଲେ ସେଇ ଜାଗାଟା କେବଳ ମାତ୍ର ବଳକା ରହିଛି। ସେଇତକ ଯଦି ବିକ୍ରି ହୋଇଗଲା ଆମେ ସବୁ ଦାଣ୍ଡର ଭିକାରୀ ହୋଇଯିବା ଜାଣି ଥାଅ। ସବୁ ତ ବିକି ଭାଙ୍ଗି ରୋଗ ପଛରେ ଗଲା। ତାପରେ ପିଲା ଛୁଆ କଥା ଟିକେ ଚିନ୍ତା କର। ସେତେବେଳକୁ ବିଜନ କହିଥିଲା , ସବୁ ଠିକ୍ ହୋଇଯିବ।

ସେଦିନ ଏତିକିରେ ବି କଥା ସରି ନଥିଲା। ସ୍ୱାମୀ ସ୍ତ୍ରୀ ଦିହେଁ ସେଇ ଜାଗା ବିକ୍ରି ନେଇ ଘମାଘୋଟ ଝଗଡ଼ା ଲଗେଇ ଦେଇଥିଲେ। ଆଉ ଝଗଡ଼ା ଟି ପୀତେଇ କାନକୁ ବାଜିବା ପରେ ବିଜନ କୁ ତାଗିଦ୍ କରିଥିଲା , ହେଲେ ବିଜନ କାହାରି କଥା ଶୁଣି ନଥିଲେ ମଧ୍ୟ ବିଧ୍ୱସ୍ତ ବିଜନ ଗୃହଯୁଦ୍ଧର କୌଣସି ରାସ୍ତା ଖୋଜି ପାଉନଥିଲା ସେଦିନ । ନିରାଡୁଣ ଅସହାୟତା ତିନି ପ୍ରଜନ୍ମର ବଞ୍ଚିବାର ଅଧିକାର ତା ପାଖରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ପିତା ପୁତ୍ର ସ୍ୱାମୀ , ତ୍ରିମୁଖଙ୍କ ଦାବି ମଝିରେ ନିଜ କର୍ତ୍ତବ୍ୟ କୁ ସେ କେଉଁଠି ଠିଆ କରିବ ଭାବିପାରୁନଥିଲା। ଜୀବନର ଅନ୍ଧାର ଓ ଆଲୁଅ ମଝିରେ ଈଶ୍ୱର ଆଉ ସୈତାନର ନାଗର ଯୁଦ୍ଧ ରେ ପ୍ରତିନିୟତ ହାରି ଯାଉଥିଲା ସେ। ନିଜ ଛାତିରେ ବି ନିଜ କାନ କୁ ପକେଇ ସେ ଶୁଣି ବାକୁ ପାଉନଥିଲା ଈଶ୍ୱର ପବିତ୍ର ଉଚ୍ଚାରଣ।

ଚପଳା ବି ଦେଖୁଥିଲା ସେଦିନ ଭାରି ଖୁସି ପିତେଇ। ନିଜ ଜୀବନର ସମସ୍ତ ସୁଖ ଦୁଃଖ ତା ପାଖରେ ବିସ୍ତାରିତ କରି ବସିଥିଲା ସେଦିନ। ତା ସ୍ୱାମୀଙ୍କ ତିଳ ତିଳ ହୋଇ ନିର୍ମମ ଉପାର୍ଜନ ରେ ଅମଳ କରିଥିବା ଜାଗା ଖଣ୍ଡିଏ ବିକ୍ରି କରି ସାରିଛି ବିଜନ। ତେଣୁ ତା ମନରେ ପୂରା ବିଧ୍ୱସ୍ତ। ଚପଳା କୁ ଦେଖି ସେ ମୁଣ୍ଡ କରିଦିଏ ହୃଦୟର ଗହନ ଗୁହାର ଭାଷା କୁ , ମୋତେ ଆଉ ବଞ୍ଚିବାକୁ ଇଚ୍ଛା ନାହିଁ ଦେଖ। ମୋ ଦେହ ଯନ୍ତ୍ରଣା ଠୁ ବେଶୀ ବଳି ଯାଉଛି ହୃଦୟ ଯନ୍ତ୍ରଣା। ରାତି ଭୟାନକ ପାଲଟି ଯାଉଛି । ଦିନ ରାତି ଠାକୁରଙ୍କୁ ଡାକୁଛି , ସେ ଯେତେଶୀଘ୍ର ମୋତେ ଏଠୁ ନେଇ ଯାଉ। କିନ୍ତୁ ମୁଁ ଯେମିତି ଜମଙ୍କର ବି ଅଣଦେଖା ପାଲଟି ଯାଇଛି।

ଚପଳା ସାନ୍ତ୍ୱନା ଦେଇ କହିଲା, ଏମିତି କହୁଛୁ କାହିଁକି ମିତ? ବିଜନ ଜାଣିଲେ ଭାରି କଷ୍ଟ ପାଇବ।

ସେଇଟା ତ ବଡ଼ କଷ୍ଟ । ପିଲାଟା ମୋର ଚିକିତ୍ସା ପାଇଁ ସର୍ବସାନ୍ତ ହୋଇଗଲାଣି। ଦୁନିଆ ଧାର ଉଧାର କରିସାରିଛି। ଏଣିକେ ପିଲାଙ୍କ ମୁହଁ କୁ ଦାନ ଦିଏ। ସେଇ ଘରଟି କି କେମିତି ଏତେ ଗୁଡ଼ିଏ ଋଣ ସୁଝିବ? ମୁଁ ପୋଡ଼ା ମୁହିଁ ମାଆ ହୋଇ ପିଲାଙ୍କ ଧ୍ୱଂସ ମୁହଁକୁ ଠେଲି ଦେଉଛି।ସେସବୁ ଆଉ ସହି ପାରୁନି । ନିଜକୁ ଭାରି ଅପରାଧୀ ଭଳି ଲାଗୁଛି। ମୋ ପାଇଁ ତା ସଂସାର ଟି ଛାରଖାର ହୋଇଯିବ ଏକଥା ଦେଖିବା ଆଗରୁ ମୋର ମରଣ ହେବାଟା ନିହାତି ଉଚିତ୍।

ଚୁପ୍ କର କହି ଚପଳା ତାଗିଦ୍ କରିବାରୁ ପୀତେଇ ପୁଣି କହିଥିଲା , ମୁଁ ସେଇ ଦିନ ଦିନ ପାଇଁ ଚୁପ ହେବାକୁ ଚାହୁଁଛି ।....

ତାପରେ ନୀରବ ରେ ଲୁହ ଝରେଇ ଚାଲିଥିଲା ସେ। ଚପଳା ତା ଆଖିରୁ ଲୁହ ପୋଛି ଦେଇ କହିଥିଲା , ତୁ ମରିଗଲେ କଣ ସବୁ ସମାଧାନ ହୋଇଯିବ ଭାବୁଛୁ ? ନା , ବରଂ ବିଜନଟା ପୁରା ଭାଙ୍ଗି ପଡ଼ିବ। ନିଜ ସ୍ତ୍ରୀ ପିଲା କଥା ସାମାନ୍ୟ ଚିନ୍ତା ନକରି ତୋ ପାଇଁ ନିଜକୁ ଉଜାଡି ଦେବା ପିଲାଟି ଯେ ତୋତେ କେତେ ଚାହେଁ। ତୋର ବଞ୍ଚି ରହିବା ତା ପାଇଁ କେତେ ଆଶୀର୍ବାଦ ତୁ କଣ ବୁଝିପାରୁନୁ ତାର ଏଇ କଥିବାକୁ?

ଚପଳା ଯେଉଁ ଦିନ ପୀତେଇ ସହ ମୃତ୍ୟୁ ବିଷୟରେ କଥା ହେଉଥିଲା ସେଇଦିନ ରାତିରେ ପୀତେଇ ଆତ୍ମହତ୍ୟା କରିଥିଲା। ଦିନ ବେଳେ ଚପଳା ସହ ବିଜନ ମାଆ କଥା ହେଲା ଆଉ ସେଇ ରାତିରେ ଆତ୍ମହତ୍ୟା! ଏଇ ମୃତ୍ୟୁ ପାଇଁ ଚପଳା କୁ ବିଜନ ଦୋଷୀ ବୋଲି ଭାବୁନି ତ? ଚପଳା ପୀତେଇ ପାଖକୁ ଯିବା କଥାଟା ବିଜନ ଜାଣିଛି। ସେଇ କାରଣରୁ ହୁଏତ ବିଜନ ଭାବି ଥାଇ ପାରେ ଚପଳା ହୁଏତ ଏମିତି କିଛି ସାଙ୍ଘାତିକ କଥା କହିଛି ଯାହାଫଳରେ ତା ମାଆ ଆତ୍ମହତ୍ୟା କରିବାକୁ ବାଧ ହୋଇଛି। ଏଇ ସନ୍ଦେହ ଚପଳା କୁ ଯେମିତି ସବୁବେଳେ କୋରି କୋରି ଖାଉଥିଲା।ତେଣୁ ତାର ଉଚିତ୍ ହେବ ସେଦିନ କଣ ସବୁ କଥା ହୋଇଥିଲେ ତାର ଦୁଇ ମିତ ସେସବୁ ବିଜନ କୁ ଜଣାଇବା ନିହାତି ଜରୁରୀ। ନହେଲେ ସବୁ ଦୋଷ ଚପଳା କୁ ମୁଣ୍ଡେଇ ବାକୁ ପଡ଼ିପାରେ।

କିନ୍ତୁ ବିଜନ ଯଦି କିଛି ବିରୋଧ ଆଚରଣ କରେ, ଯାହାବି ହେଉ ଚପଳା ଭରସି ଭରସି ବିଜନ ପାଖକୁ ଗଲା। ବିଜନ ଆଉ ପୂର୍ବ ବିଜନ ପରି ଦେଖାଯାଉନଥିଲା। ବିପର୍ଯ୍ୟସ୍ତ ଦେଉଥିଲା। ଦୁଇଟି ରାତି ଭିତରେ ସେ ଯେମିତି ଦାରୁଣ ବିୟୋଗ ଯନ୍ତ୍ରଣାରେ ତାହ୍ କାତର। ଆଖି ତଳ କଳା ପଡିଗଲାଣି। ମୁଣ୍ଡ ନୁଖୁରା ସାଙ୍ଗକୁ ମୁହଁ ଯେମିତି ଫୁଲି ଉଠିଛି। ନିଶ୍ଚୟ ଏ ଦୁଇ ରାତି ବିଲକୁଲ ଶୋଇ ପାରିନି ସେ। ସତେକି ଭୟଙ୍କର ଝଡ଼ କୋହି ଯାଇଛି ତାରି ଉପରେ।

ଯାହାହେଉ ଯେଉଁ କଥା ପାଇଁ ଚପଳା ଡରୁଥିଲା ସେ ସବୁ କିଛି ହେଲାନି। ବିଜନ ପୁରା ଶାନ୍ତ। ସେ ଏକେ ଚପଳାକୁ ଦେଖିଲା । ଚପଳା ଲକ୍ଷ୍ୟ କଲା ବିଜନ ଆଖିରେ ବିଧ୍ୱସ୍ତ ର ଚାହାଣି। ତା ମୁଣ୍ଡରେ ହାତ ରଖି କହିଲା, ଏମିତି ଭାଙ୍ଗି ପଡ଼ନା ବିଜନ। ବିଧାତା ପୀତେଇ ଭାରି ଭଲ ପାଉଥିଲା ତୋ ସଂସାରକୁ। ତୁ ଭାଙ୍ଗି ପଡ଼ିଲେ ତା ଆତ୍ମା ଶାନ୍ତି ପାଇବନି। ଭାରି କଷ୍ଟ ପାଉଥିଲା ସେ ହତଭାଗିନୀଟା।ଦେହ ଆଉ ମନରେ ଅସହ୍ୟ ଯନ୍ତ୍ରଣା ଥିଲା ତାର। ଏ ସବୁରୁ ସେ ଆଜି ମୁକ୍ତି ପାଇ ସାରିଛି।

ମୁକ୍ତି ଶବ୍ଦ ଟି ଶୁଣିବା ମାତ୍ରେ ହଠାତ୍ ଭେଁ କିନା ରଡ଼ି ଛାଡ଼ି ବିଜନ କାନ୍ଦି ଉଠିଲା ଯେମିତି, ଚପଳା ତାର କଥା କି ହରେଇ ବସିଲା।

ଚପଳା ଚାଲିଯିବା ପରେ ବିଜନ ନିଜ ଆଖି ଲୁହରେ ଓଦା ହୋଇଥିବା ହାତ ପାପୁଲି ଦୁଇଟିକୁ ଆଖି ଆଗରେ ରଖି ନିଜକୁ ପଚାରିଲା, ଏ ଲୁହ ମୃତ୍ୟୁ ବେଦନାର ଲୁହ ନା ମୋକ୍ଷ ମୁକ୍ତିର ଲୁହ?


ଏରସମା, ଜଗତସିଂହପୁର
ମୋ ୯୪୩୯୦୭୦୭୯୫


## ଆତ୍ମହତ୍ୟା ସମାଧାନ ନୁହେଁ

କିରଣ ମିଶ୍ର



ପୁତୁରାଟିଏ ଦେହ ଖରାପ ହୋଇ ହସ୍ପିଟାଲରେ ପଡ଼ିଥିବାରୁ ତାକୁ ଦେଖିବାକୁ ଯାଇଥାଏ। ପୂର୍ବ ଦିନ ରାତିରେ ଦୁଇ ତିନିଥର ମୂର୍ଚ୍ଛା ହୋଇଯାଇଥିବାରୁ ତା'କୁ ଡାକ୍ତର ଆଇ.ସି.ୟୁ କୁ ସ୍ଥାନାନ୍ତର କରିଥାନ୍ତି। ଆମେ ଯେତେବେଳେ ଡାକ୍ତରଖାନାରେ ପହଞ୍ଚିଲୁ ଶୀତ ଦିନ ସକାଳ ହେତୁ ପ୍ରାୟ ରୋଗୀଙ୍କ ଆତ୍ମୀୟମାନେ ସେଇ ଆଇ. ସି. ୟୁ ରୁମ୍ ସାମ୍ନା ହଲରେ ଶୋଇଥିଲେ।ସେଇଟା ହିଁ ଥିଲା ସମସ୍ତଙ୍କ ପାଇଁ ଅପେକ୍ଷାଗାର। ମୋ ଯାଆ କିନ୍ତୁ ନଶୋଇ ଚାହିଁଥିଲା। ମୁଁ ପହଞ୍ଚିବା ପରେ ଆମେ ଦୁଇ ଯାଆ ପୁତୁରା ବିଷୟରେ କଥାବାର୍ତ୍ତା ହେଉଥାଉ। ସେ ବ୍ୟସ୍ତ ହୋଇ କାନ୍ଦୁଥାଏ, ମୁଁ ତାକୁ ପ୍ରବୋଧନା ଦେଇ କହୁଥାଏ,'ପୁଅ ଭଲ ହୋଇଯିବ ବ୍ୟସ୍ତ ହୁଅନା'। ଧିରେ ଧିରେ ଦିନ ବଢିବାରୁ ସେଠି ଶୋଇଥିବା ଲୋକମାନେ ଉଠିଲେ। ମଶିଣା ବ୍ୟାଗ୍ ସବୁକୁ ସେଠାର ବସିବା ପାଇଁ ପଡିଥିବା ଚଉକି ଉପରେ ଥୋଇ ସମସ୍ତେ ନିଜ ନିଜର ନିତ୍ୟକର୍ମ ସାରିବାକୁ ଚାଲିଗଲେ ବସି ବସି ସେମାନଙ୍କ କାର୍ଯ୍ୟକଳାପକୁ ଦେଖି ଭାବୁଥାଏ, ପରିବାରର ଜଣେ ଲୋକ ମେଡିକାଲ୍‌ରେ ପଡିଗଲେ ସମସ୍ତେ ସତରେ କେତେ ହନ୍ତସନ୍ତ ହୁଅନ୍ତି । ବିଶେଷ କରି ଯେଉଁ ରୋଗୀଟି ଆଇ.ସି.ୟୁକୁ ଯାଏ ତା' ପରିବାରର ସମସ୍ତେ ମୃତ୍ୟୁ ସହ ଲଢୁଥିବା ଭଳି ଲାଗନ୍ତି। ସମସ୍ତଙ୍କ ଚକ୍ଷୁରେ ଲୋତକ ଟୁଳୁଟୁଳୁ ହୋଇ ରହିଥାଏ, ମୁହଁରୁ ହସ କ'ଣ କଥା ବି ହଜି ଯାଏ। କାରଣ ସାଧାରଣତଃ ଆମର ଧାରଣା ରୋଗୀ ସିରିଏସ୍ ହେଲେ ଆଇ.ସି.ୟୁକୁ ଯାଆନ୍ତି। ଏଇ ମାନସିକତାହିଁ ରୋଗୀର ଆତ୍ମୀୟଙ୍କୁ ଦୁର୍ବଳ କରିଦେଇଥାଏ। କିଛି ସମୟ ପରେ ରୋଗୀଙ୍କ ଆତ୍ମୀୟମାନେ ନିଜ ନିଜର ନିତ୍ୟକର୍ମ ସାରି ଫେରୁଥିଲେ। ହସ୍ପିଟାଲ ପକ୍ଷରୁ ହଲ୍‌ଟିକୁ ପରିଷ୍କାର ପରିଚ୍ଛନ୍ନ କରିଦିଆ ଯାଇଥିଲା।ଆଉ ରୋଗୀଙ୍କ ଆତ୍ମୀୟମାନେ ମଶିଣା ପକାଇ ନିଜ ନିଜ ଜାଗା ଅକ୍ତିଆର କରୁଥିଲେ। କାରଣ ସେଇଠି ବସି ହିଁ ସେମାନଙ୍କୁ ପ୍ରତୀକ୍ଷା କରିବାକୁ ପଡିବ। ମୁଁ ବସିଥିବା ଚେୟାର ଟିର ତଳେ ଜଣେ ପଚାଶ ବର୍ଷର ହେବ ସ୍ତ୍ରୀ ଲୋକ, ଗୋଟିଏ ତେଇଶି ଚବିଶ ବର୍ଷର ପୁଅ ଓ ଗୋଟିଏ ପଚିଶ ବର୍ଷର ବିବାହିତ ଝିଅ ମଶିଣା ଟିଏ ପକାଇ ବସିଲେ। ସେମାନେ ଆଣିଥିବା ଚା' ବିସ୍କୁଟ ଖାଉଥାନ୍ତି। ମୁଁ ଏକା ବସିଥାଏ। ଯାଆ ମୋର ଡାକ୍ତର ଡାକିବାରୁ କଥା ହେବାପାଇଁ ଭିତରକୁ ଯାଇଥାଏ।

ସ୍ତ୍ରୀ ଲୋକଟି ପ୍ରଥମେ କଥା ହେବା ଆରମ୍ଭ କଲା।

ପଚାରିଲା –ଆପଣଙ୍କର କାହାର ଦେହ ଖରାପ।

ମୋ' ଠାରୁ ପୁତୁରାର ଦେହ ଖରାପ ଓ କ'ଣ ହୋଇଛି ଶୁଣିଲା ପରେ, କହିଲା,

—ମୋର ବି ମୂର୍ଚ୍ଛା ବେମାର ଥିଲା। ଦୁଇ ବର୍ଷ ମଲା ଭଳି ପଡିଲି। ଅନେକ ଡାକ୍ତରମାନେ ଫେରାଇ ଦେଲେ। ଶେଷରେ ମହାନଦୀ ବିହାରର ଜଣେ ଡାକ୍ତରଙ୍କ ଚିକିତ୍ସାରେ ରହିଲି ଓ ଭଲ ହେଲି। ଭଲ ହେଲି ଯେ ଛଅ ମାସ ତଳେ ହାର୍ଟ ଖରାପ ହୋଇଯିବାରୁ, ହାର୍ଟ ଅପରେସନରେ ହୋଇଛି। ତିନୋଟି ଷ୍ଟେଣ୍ଟ୍ ଲାଗିଛି।

ମୁଁ ଏତକ ଶୁଣି ସାରିବା ପରେ ପଚାରିଲି,

– ଆପଣଙ୍କର କିଏ ପଡିଛନ୍ତି ? କାହା ଦେହ ଖରାପ ?

ସ୍ତ୍ରୀ ଲୋକଟି ଉତ୍ତର ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।କହିଲା,

– ମୋ ସ୍ୱାମୀ ପଡିଛନ୍ତି। ମାସେ ତଳେ

ବିଷ ଖାଇ ଦେଇଥିଲେ। କଟକ ଡ଼ାକ୍ତରଖାନାରେ ନେଇ ଚିକିତ୍ସା କରି ପଅର ଦିନ ଘରକୁ ନେଇଥିଲୁ। ସେ ଆଉ ପାଟିରେ ଚୋବାଇ ଖାଇ ପାରୁନଥିଲେ। ତଣ୍ଟି ପାଖରେ ଗୋଟିଏ ନଳୀ ଲାଗିଥିଲା, ସେଇ ନଳୀବାଟେ ଖାଦ୍ୟ ଦିଆଯାଉଥିଲା। ଘରକୁ ନେଲା ଦିନ ପୁଅ ଟିକେ ହର୍ଲିକ୍ସ ସେଇ ବାଟେ ଦେଲା। କିନ୍ତୁ ସେ ଏତେ ଛଟପଟ ହେଲେ ଯେ, କାଲି ପୁଣି ଏଠିକି ଧରି ଆସିଛୁ। ଏବେ ଆଇ.ସି.ୟୁରେ ଅଛନ୍ତି। ମୁଁ ବିଷ ଖାଇବାର କାରଣ ନ ପଚାରୁଣୁ ସ୍ତ୍ରୀ ଲୋକଟି ଅନ୍ତର ଭିତରେ ଫୁଟୁଥିବା କଥା ଗୁଡାକ ଗ୍ଲାନିର ସହ ଓଗାଳି ଦେଇଥିଲା, – ବୁଝିଲେ ମା' ମୋର ହାର୍ଟ ଅପରେସନ ପରେ ମୁଁ ଆଉ କାମକୁ ପାରୁନି। (ସତରେ ମୁଁ ତା'ର ଦୁର୍ବଳ କ୍ଷୀଣ ଶରୀରକୁ ଦେଖୁଥାଏ)। ଆମର ଚାଷବନ୍ଦୀ ଘର ।ତଳ ଉପର ହୋଇ ଆଠ ବଖରା ଘର ।ତା ସହିତ ଖାଇବାକୁ ଦୁଇ ପୁଅ ଓ ଆମେ ବାପ ମା' ଚାରିଜଣ। ମୁଁ ମୋ ସ୍ୱାମୀଙ୍କୁ କୁହେ ମୁଁ ପାରୁନି ମତେ ଟିକେ ସାହାଯ୍ୟ କର। ଏଇଥିରୁ ଆମ ଭିତରେ କଳି ହେଲା ଓ ଶେଷରେ ରାଗରେ ସିଏ ବିଷ ଖାଇଦେଲେ ।ତା ପରର ଅବସ୍ଥା ଏୟା। ଏତକ କହି ସାରିଲା ବେଳକୁ ସ୍ତ୍ରୀ ଲୋକଟିର କୋହ ଉଠୁଥିଲା। ପୁଅ ଝିଅ ନୀରବ ହୋଇ ଶୁଣୁଥିଲେ।

ମୁଁ ଦେଖୁଥାଏ,ସ୍ତ୍ରୀ ଲୋକଟି କିପରି ନିଃସଙ୍କୋଚରେ ନିଜ ଦୋଷକୁ ସ୍ୱୀକାର କରିନେଉଥିଲା ।ମତେ କିନ୍ତୁ ସ୍ତ୍ରୀ ଲୋକଟି ଉପରେ ମାୟା ଆସୁଥିଲା। ତା'ର କ୍ଷୀଣ ଶରୀରକୁ ରୋଗ ଯେତିକି କଷ୍ଟ ଦେଉଥିଲା, ସ୍ୱାମୀର ଏ କୁତ୍ସିତ ପଦକ୍ଷେପ ସେତିକି ମାନସିକ ଯାତନା ଦେଉଥିଲା। ମନରେ ମୋର ଅସୁମାରୀ ପ୍ରଶ୍ନ !! କାହିଁକି ତାଙ୍କ ସ୍ୱାମୀ ଏପରି ପଦକ୍ଷେପ ନେଲେ ? ଗୋଟିଏ ଘର କ'ଣ ସ୍ତ୍ରୀ ଲୋକର ? ଆଉ ସେଇ ଘରର ସବୁ କାମ କ'ଣ ସ୍ତ୍ରୀ ଲୋକଟି କରିବାକୁ ବାଧ୍ୟ ?

ତା'ର କ'ଣ ଯନ୍ତ୍ରଣା ନାହିଁ ? ତା' ରୋଗ କ'ଣ ରୋଗ ନୁହେଁ। ସ୍ତ୍ରୀ ଲୋକଟି ଯେତିକି ଦିନ ବଞ୍ଚିବ ଏକ ଆତ୍ମଗ୍ଲାନି ଭିତରେ ନିଶ୍ଚୟ ରହିବ ସ୍ୱାମୀ ଜଣକ ନିଜର ପୁଅ, ଝିଅ ଓ ବୋହୁଙ୍କ ଆଗରେ ସ୍ତ୍ରୀ ଟିକୁ ଦୋଷୀ କରି ଠିଆ କରି ଦେଲା। ଯଦି ସତରେ ତାଙ୍କ ସ୍ୱାମୀ ଏହି କାରଣରୁ ବିଷ ଖାଇଥାନ୍ତି ତା'ହେଲେ ଭଗବାନ ତା'ଙ୍କୁ କ୍ଷମା କରିବେନି। ଚାହିଁଥିଲେ ଖୁବ୍ ସୁନ୍ଦର ଭାବେ ପରିବାରକୁ ଚଳେଇ ନେଇ ପାରିଥାନ୍ତେ। ପୁରୁଷ ନିଜର ପୌରୁଷତ୍ୱର ଅହଂକାର ଛାଡି ଘରକାମରେ ସାମାନ୍ୟ ହାତ ବାଣ୍ଟିଥିଲେ, ଉଜୁଡି ଯାଇଥିବା ଘରଟି ନିଶ୍ଚୟ ବସି ଯାଇଥାନ୍ତା। ପୁରୁଷ ଟିଏ ସାମାନ୍ୟ ନଇଁ ଯାଇଥିଲେ ଏ ସୁନ୍ଦର ପୃଥିବୀ ହସି ଉଠିଥାନ୍ତା। ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ। ସେଠାରୁ ଫେରିବା ବେଳେ ମୋ ମନ ବହୁତ ଭାରୀ ହୋଇଯାଇଥିଲା। ତା ଅନ୍ତରର କୋହ ମୋ ଭିତରକୁ ସଞ୍ଚରି ଯାଇଥିଲା।

## ବିପଦ ବେଳେ ଶତ୍ରୁ ବି କରେ ଦୟା

ନୂତନ କୁମାର ବେହେରା

ସକାଳେ ମାଆ ପକ୍ଷୀଟି ଆହାର ଲାଗି ଉଡ଼ି ଯିବା ଆଗରୁ ତାର ପିଲା ପକ୍ଷୀ ଛୁଆ ଦୁଇଟିକୁ ଗେଲ କରି କହିଲା...ଆରେ ଶୁଣ ଧନ, ତୁମେ ଦି'ଟା ମୋର ଦୁଇ ଆଖି, ତୁମର କିଛି ହେଲେ ମୁଁ ସହି ପାରନି। ତୁମ କଥା ଭାବି ଭାବି ମରିଯିବି। ତୁମେ ଦୁହେଁ ତ ଖଣ୍ଡିଉଡ଼ା ଦେଉଛ,ଆଉ କିଛି ଦିନ ସବୁର ଧର। ଯେବେ ପୁରା ଉଡ଼ି ପାରିବ ମୋ ସହିତ ଉଡ଼ି ଯିବ... ତୁମକୁ ଖାଦ୍ୟ ଯୋଗାଡ଼ର ସବୁ କୌଶଳ ଶିଖାଇବି। ଏବେ ତୁମେ ଏଇ ବସାରେ ହିଁ ଥିବ। ଅବାଧ ହୋଇ ଜମା ଉଡ଼ିବନି। ମୁଁ ଆସିଲେ ମୋ ସାମ୍ନାରେ ଉଡ଼ା ଶିଖିବ। ବସାରେ ହୁସିଆର୍ ହୋଇ ରହିବ '। ମାଆ ପକ୍ଷୀ ଉଡ଼ି ଯିବାର କିଛି ସମୟ ପରେ ଗୋଟିଏ ପକ୍ଷୀ ସାବକ ଖଣ୍ଡି ଉଡ଼ା ଦେବାକୁ ଉଦ୍ୟମ କଲା, ଅନ୍ୟ ପକ୍ଷୀଟି ମନା କରୁ କରୁ ସେ ଉଡ଼ିଗଲା କିଛି ବାଟ... ମାତ୍ର ଦୂରକୁ ଯାଇ ପାରିଲାନି, ସେ ଗଛର ପାଖାପାଖି ପଥର ଗଦା ଉପରେ କଚାଡି ହୋଇ ପଡ଼ିଲା। ଆଘାତ ପାଇ ଛଟପଟ ହେଉଥାଏ ଓ ଭାରି କଷ୍ଟରେ ରାବୁଥାଏ...ଆଃ...ମରିଗଲି ମରିଗଲି...। ପାଖରେ ଥିବା ବିଲେଇଟିଏ ଦୌଡ଼ି ଆସିଲା ସେ ପକ୍ଷୀ ଶାବକ ପାଖକୁ। ବିଲେଇକୁ ଦେଖି ଶଙ୍କି ଗଲା ସେ...ଡ଼ରରେ ଥରିଲା। ବିଲେଇ ତାର ଏ ଅବସ୍ଥା ଦେଖି କହିଲା...ଆରେ ଡ଼ରନା.. ମୁଁ ତୋତେ ଖାଇବିନି... ଅସହାୟକୁ ସାହାଯ୍ୟ କରିବା ଦୟା ଦେଖାଇବା ମହତପଣ। ତୋ ଏ ବିପଦରେ ମୁଁ ତୋତେ ଖାଇଲେ ପାପ ହେବ। ତୋତେ ଖାଇଲେ ବଞ୍ଚିବା ବଦଳରେ ପାପରେ ମରିବି। ଚାଲ୍,ତୋତେ ମୁଁ ନେଇ ତୋ ବସାରେ ଛାଡ଼ି ଦେଇ ଆସିବି ।ବିଲେଇ ପକ୍ଷୀ ଛୁଆଟିର ଡେଣାକୁ ପାଟିରେ ଚାପିଲା ଯେମିତି ତା'କୁ କାଟିବନି ଓ ଗଛ ଉପରକୁ ଉଠି ଯାଇ ତାଙ୍କ ବସାରେ ଛାଡ଼ି ଦେଇ ଆସିଲା। ମା' ପକ୍ଷୀ ଆହାର ନେଇ ଫେରିଲା। ସବୁ ଘଟଣା ଶୁଣିଲା ଆଉ ଗୋଟେ ପକ୍ଷୀ ଛୁଆଠୁ... ଭଗବାନ ଆଜି ବଞ୍ଚାଇ ଦେଲେ ତା ଛୁଆକୁ। ବିଲେଇ ପକ୍ଷୀର ଚିର ଶତ୍ରୁ ହୋଇ ବି ଦୟା କଲା ତାକୁ। ଅନୁଭବ କଲା ବିପଦ ବେଳେ ଶତ୍ରୁ ବି କରେ ଦୟା। ବିଲେଇଟା ଆଜି ବଞ୍ଚାଇ ଦେଲା ତାର ଛୁଆକୁ...ମା' ପକ୍ଷୀଟି ମନେ ମନେ ଭଗବାନଙ୍କୁ ଜୁହାର ହେଲା ଓ ସେ ବସାରୁ ଦେଖିଲା ବିଲେଇଟି ଗଛ ତଳେ ବସିଛି...ସେଇ ବସାରୁ ମୁଣ୍ଡ ନୁଆଇଁ ବିଲେଇକୁ ସମ୍ମାନର ସହ କୃତଜ୍ଞତା ଜଣାଇଲା...ବିଲେଇ ମୁରୁକି ହସି ଦେଇ ଦୂରକୁ ଚାଲିଗଲା।




କୋହି, ବାରିପଦା, ମୟୂରଭଞ୍ଜ
ମୋ.ନଂ.--୮୦୧୮୩୫୩୩୨୨


## ତିଳୋତ୍ତମା

ସାଇ ଅର୍ପିତା ମିଶ୍ର

ପହିଲି ମାଘର କଅଁଳ ଖରା ଧୀରେ ଧୀରେ ଚାଳରେ ପଡୁଥାଏ ହେଲେ, ଆଜି କାଇଁ ପିଣ୍ଡିରେ ଗାଁ ଛୁଆଙ୍କ କୋଳାହଳ ନାହିଁ । ଚଉରାମୂଳ ଶୁଖି ମାଟି ଆଁ କଲାଣି ଅଥଚ ମମତା ନାନୀ କାହାନ୍ତି ?

' କଉଡ଼ି କଉଡ଼ି ସାଇତି ରଖିଲି ଲୋ, ମୋ ତିଳ ଯିବ ଶାଶୁ ଘରକୁ
ଓଢ଼ଣା ଦେଇ ମୁହଁ ଲୁଚାଇବ, ମୁଁ ଚାନ୍ଦ ବୋଲାଇବି କାହାକୁ ?'

ଜେଜୀବୁଢ଼ୀ ନିଜ ଥରଥର କଣ୍ଠରେ ଦୋହରେଇ ଚାଲିଛି ଏହି ଦୁଇ ଧାଡିକୁ । ନାନୀ ଆଉ ଧିରେନ ନନା ହାତରେ କାଠବାକ୍ସ ଆଉ ବଉଳ ପାଟଶାଢ଼ୀଟି ଧରି ମୁହାଁମୁହିଁ ହୋଇ ବସିଥାନ୍ତି । 'ତିଳ କହିଥିଲା, ବାପା ସପ୍ତମ ବୋର୍ଡରେ ପ୍ରଥମ ଶ୍ରେଣୀରେ ପାସ କରିଲେ, ହାତ ଘଡିଟିଏ କିଣିଦେବ' । "ମୋ ଦଦରା ଦୋଚକିଟାକୁ ବନ୍ଧା ପକାଇ କିଣିଥିଲି ତା ପାଇଁ ଏ ଘଡି, ସେଦିନ ତା ଆଖିର ସେ ଖୁସି...", ଏତକ କହି ଧିରେନ ନିଜ କୋହ ସମ୍ଭାଳି ପାରିଲେ ନାହିଁ । 'ମନେ ଅଛି କଲିକତା ଯିବା ଦିନ ସେ ଘଡିକୁ ଘରେ ଭୁଲି ଯାଇଥିଲା, ତୁମେ ସେଇ ଦଦରା ଦୋଚକିକୁ ଧରି ଘଡିଟି ଦେବାକୁ ଗଲ ହେଲେ ରେଳଟି ଷ୍ଟେସନ ଛାଡିଦେଇଥିଲା । ଭାବିଥିଲି ଦଶରା ଛୁଟିରେ ଆସିଲେ ମନେକରି ଦେବି ।' ସମୟକୁ ଏପରି କଟାକ୍ଷ କରିଥିବା ନାନୀଙ୍କ ସେ ବଙ୍କା ହସ କ୍ଷଣିକରେ ଦୁଃଖର ଭ୍ରୁକୁଞ୍ଚିତ ଲୁହରେ ଭାସିଗଲା । ଅଣ୍ଟାରେ ହାତଦେଇ ଆଜି ବି ବୁଢ଼ୀ ବେଲେ ବାସିପଖାଳକୁ ନେଇ ଜଳନ୍ତା ଚୁଲି ମୁହଁରେ ଢାଳି ଦେଇ ଆସିଲା । ତିଳର ଅନ୍ତ୍ୟେଷ୍ଟି ପରଠୁ ନିଆଁ ସହ ଯେମିତି ତା'ର ଅହିନକୁଳ ସମ୍ପର୍କ ।

'ତିଳୋତ୍ତମା' । ଆଷାଢ଼ି ମେଘର କରାଳ ଗର୍ଜନକୁ ଚିରି ତା କୁଆଁକୁଆଁ କାନ୍ଦରେ ଫାଟିପଡୁଥାଏ ଏକୁଡ଼ିଶାଳ । ଲବଙ୍ଗି ବୁଢ଼ୀକୁ କେହି ମନ୍ତ୍ରଣା ଦେଇଥିଲା ଯେ ପଞ୍ଚାୟତ କୁଆଡେ ଝିଅ ଜନମ ହେଲେ ନୋଟ ଦେବ । ସେ ଖୁସିରେ ବୁଢ଼ୀର ପାଦ ମାଟିରେ ପଡୁନଥାଏ । ହେଲେ ଧୀରେନ ଚାଷୀର ବାପ ହୃଦୟର ଗୋଟିଏ ପାର୍ଶ୍ୱ ଖୁସିରେ ଦୁଲୁକିଲେ ବି ଅନ୍ୟ ପାର୍ଶ୍ୱଟି ଚିନ୍ତାରେ ଅସ୍ତବ୍ୟସ୍ତ ହେଉଥାଏ । ନାରୀ ଜନ୍ମ ନେଇ ଏ ଦୁର୍ଦ୍ଧାନ୍ତ ସମାଜରେ ପବିତ୍ରତା ରକ୍ଷା କରିବା ଯେ କେତେ କଷ୍ଟ ତାହା ସେ ବାରିପାରୁଥାଏ । କାନ୍ଥରେ ଲାଗିଥିବା ଶିଉଳି ଛଡେଇ ହୁଏ ସତ, ହେଲେ ତା ଦାଗ ତ ସବୁଦିନ ରହିଯାଏ । ହେଲେ ଏଠି ଦୋଷ ନା ଉଷୁମା କାନ୍ଥକୁ ଦେଇହୁଏ, ନା ପଲସ୍ତରା ଦେଇଥିବା ମାଧିଆ ମିସ୍ତ୍ରୀକୁ ! ଯାହା ହେଉ ସେ କିନ୍ତୁ ଠାଣି ନେଲା ତା ଝିଅ ହେବ ଖାଣ୍ଟି ହୀରା ଆଉ ପବିତ୍ରତା ହବ ତା ଝିଅ ଜୀବନର ମୂଳ ଉଦ୍ଦେଶ୍ୟ । ବାସ ଆଉ କ'ଣ ଥିଲା। ଝିଅର ନାଁ ଦିଆଗଲା । ଏକୋଇଶିଆ ଦିନ ଝିଅକୁ ଦି ପାପୁଲିରେ ଉଠାଇ କହିଲା 'ସମାଜ ରେ ସବୁ ଆସୁରିକ ଶକ୍ତିର ସମ୍ମୁଖୀନ ହୋଇ ଚମକିବ ମୋ ତିଳୋତ୍ତମା।'

ତିଳ ତିନି ବରଷ ଛୁଇଁଲା ଦିନଠୁଁ ଲବଙ୍ଗି ବୁଢ଼ୀର ନିତିଦିନିଆ କାମ ହେଲା ସନ୍ଧ୍ୟା ଘଣ୍ଟି ବାଜିଲା କ୍ଷଣି ତା' ମୁଣ୍ଡରେ ତେଲ ଘଷି ତାକୁ ଦେବୀ ତିଳୋତ୍ତମାଙ୍କ କାହାଣୀ କହିବ । 'ବୁଝିଲୁ ତିଳ ବିଶ୍ୱକର୍ମା ସିନା ଅପୂର୍ବ ସୁନ୍ଦରତାର ଅଧିକାରିଣୀ କଲେ ସୁନ୍ଦ ଉପସୁନ୍ଦଙ୍କ ନାଶ କରିବା ପାଇଁ କିନ୍ତୁ ଦେବୀ ତିଳୋତ୍ତମା ନିଜ କର୍ତ୍ତବ୍ୟ ସମ୍ପାଦନ କରି ନିଜ ପବିତ୍ରତାକୁ ବଜାୟ ରଖିଲେ ।'

କାହାଣୀ ଶୁଣି କୌତୁହଳର ସହ ଦିନେ ଷୋଳ ବରଷି ତିଳ ପଚାରିଲା ଜେଜୀ, ଗୋଟିଏ ପ୍ରଶ୍ନ ! ନାରୀର ପବିତ୍ରତା ବଜାୟ ରଖିବା କ'ଣ ତା'ର ନିଜସ୍ୱ କର୍ତ୍ତବ୍ୟ, ଏଥିରେ କ'ଣ ତା ପରିବେଶର କୌଣସି ଦାୟିତ୍ୱ ନାହିଁ ?' ତା ପ୍ରଶ୍ନ ଶୁଣି ଲବଙ୍ଗିର ଧ୍ୟାନ ହଟିଗଲା ତା ଗୁଆଭଙ୍ଗା ଉପରୁ । କିଛିକ୍ଷଣ ତିଳକୁ ଚାହିଁରହି ଧିରେନକୁ ଆଖିରେ କ'ଣ ଗୋଟିଏ ଠାରିଦେଇ କହିଲା 'ମୁଁ କୁଆଡେ ଶୁଣୁଥିଲି ସାଥି ଦିଦି କହୁଥିଲା ହାଇସ୍କୁଲରେ ଜୁଡୋ କରାଟେ ଶିଖାଉଛନ୍ତି, ଆମ ତିଳ ଖୁବ ବଢିଆ ଶିଖିବ ।' ଋତୁମତି ହେଲା ଦିନଠୁଁ ବାପା ମା ଦୁହିଙ୍କ ଚିନ୍ତା ଆଉ ଦାୟିତ୍ୱ ଉଭୟ ବଢ଼ିଗଲା । ବୟସର ତୃଷ୍ଣା ଯେମିତି ଗଡିଚାଲିଲା, ଠିକ ସେଭଳି ପେଟକୁ କାଟି ଝିଅର ହାତ ଦିହାତ କରିବାକୁ ଯୋଗାଡ଼ ଚାଲୁଥାଏ । ହେଲେ ତିଳର ଲକ୍ଷ୍ୟ ଥିଲା ଭିନ୍ନ । ମା'ର ଆଣ୍ଠୁ ଧରିଲା ଦିନ ଘରକୁ ଆସିଥିବା ଡାକ୍ତର ଦିଦିଙ୍କୁ ଦେଖି ତା ମନ ଲାଖିରହିଥିଲା ବେକରେ ଝୁଲିଥିବା ଷ୍ଟେଥୋ, ସଫେଦ କୋଟ, କାଳିଦିଆ ଭାରି କଲମ ଆଦିରେ, ସେ ସବୁରେ ନିଜକୁ କଳ୍ପନା କରି ମନେ ମନେ କୁରୁଳି ଉଠୁଥାଏ । ବାପ ମନ ସବୁ ବୁଝିପାରୁଥାଏ ହେଲେ ଅର୍ଥ ବାଧକ ସାଜୁଥାଏ, କିନ୍ତୁ ଧିରେନର ସ୍ୱାଭିମାନ କେବେ କାହା ସାମ୍ନାରେ ହାତ ପତାଇବାକୁ ଦେଇନାହିଁ । କେଦାର ଜମିଦାରର ସମୁଦାୟ ଛଅ ଏକର ଜମିର ଚାରି ଭାଗରୁ ଭାଗେରେ ମୁଣ୍ଡପୋତି ଖଟୁଥିବା କେଇ ଶ୍ରମିକଙ୍କ ଭିତରୁ ସେ ଜଣେ । ହେଲେ ସେ କେବେ ଅନ୍ୟମାନଙ୍କ ଭଳି ଜମିଦାରର ଅଗ୍ରୀମ ଶ୍ରମିକ ମୂଳ ଜକେଇ ରଖିନି। 'କେତେ ଦିନ ଆଉ ଚୁପ ହେଇ ରହିବ ଯେ ? ଝିଅ ଆମର ବଡ଼ ହେଲାଣି । ଏତେ ବରଷ ହେଲା ଆମ ଜୀବନଟା ତ ଯେନତେନ ଚାଲିଗଲା, ହେଲେ ସେତକ କ'ଣ ତା ପାଠ ପଢା ଆଉ ବାହାଘର ପାଇଁ ଯଥେଷ୍ଟ । 'ଏତକ ଶୁଣି, ତୁନିପଡ଼ି ସେଦିନ ଧିରେନ ଘରବନ୍ଧ ଡେଇଁ ବାହାରକୁ ବାହାରିଗଲା। ସନ୍ତାନଟି ମା'ଗର୍ଭରୁ ବାହାରିଲା କ୍ଷଣି କେବଳ ତା'ର ଜନ୍ମ ହୁଏ ନାହିଁ, ତା ସହ ଜନ୍ମ ହୁଏ ବାପପଣିଆ । ସେ ବାପ ହୃଦୟ ସାମ୍ନାରେ ବେଳେବେଳେ ହାରିଯାଏ ସବୁ ସ୍ୱାଭିମାନ । ଏତକ ହୃଦୟଙ୍ଗମ କରୁ କରୁ ଆଖିରୁ ଧାରେ ଲୁହ ବୋହିଗଲା । ସେ ଲୁହ ତା ସଙ୍ଗେ ଧୋଇଦେଇଥିଲା ସବୁ ସ୍ୱାଭିମାନ । ଦିନେ ଗାଁ ମଝିରେ ତା ବା 'ର ଛାତିରେ ଗୋଇଠା ମାରିଥିବା ସେ ଜଲ୍ଲାଦକୁ ଆଜି ସେ ଆଖିରେ ଆଖି ମିଶେଇ ଧାର ମାଗିବ । ହେଲେ ଝିଅର ଖୁସି ସମ୍ମୁଖରେ ସେ ସବୁ ଦୁଃଖ ଯେମିତି ଆଶା ସମୂହର ସଙ୍ଗମସ୍ଥଳୀରେ ମିଳେଇଗଲା । 'ତୋ ବା' ତ ଉଧାର ରଖି ରଖି ମଲା ଏବେ ତୋ ବାରି । ଅଭାଗାକୁ ସନ୍ତାନ ହେଲା ବି ତ ଝିଅ !' ଏତକ କହି ଅଧାବିଡା ନୋଟ ଫିଙ୍ଗି ଦେଲା କେଦାର । ଭୂଇଁରୁ ଉଠାଇ ଥରୁଟିଏ ନଜର ବୁଲାଇ ଆଣି ବୁଝିପାରିଲା ଏତକ ଯଥେଷ୍ଟ ନୁହେଁ, କିନ୍ତୁ ଆଉ ମାଗିବନି । ବାପ ହେଲେ ବି ପୁଅର ଅସ୍ମିତା ମରିନି ତା ଭିତରେ । 'ଏତକ କୋଉଠୁ ହବ ଯେ ?' ମମତାର ଅଭିଯୋଗ ଭରା ଏ ପ୍ରଶ୍ନ ଶୁଣି ଝାଳୁଆ ଗାମୁଛାକୁ ଚିପୁଡ଼ି ଧିରେନ କହିଲା 'ଆଜିଠାରୁ ଦି ଓଳି ବେଶୀ ଖଟିବି ବୋଲି କଥା ଦେଇଛି, ବାକି ଦେଖିନେବା । ତିଳ ନୂଆ ଜାଗାକୁ ଯିବ ପାଠ ପଢିବାକୁ, ତା ସାମ୍ନାରେ ଏ ସବୁ କଥା ନ ଉଠାଇଲେ ଭଲ । 'ସବୁ ଶୁଣି ବି ନ ଶୁଣିଲା ଭଳି ରହିଲା ତିଳୋତ୍ତମା । ମନରେ ଏବେ ପ୍ରେରଣା ସହ ଯୋଡି ହେଇଗଲା ଦାୟିତ୍ୱର ବେଡି । ସେ ପ୍ରେରଣା କେବେ କଠିନ ପରିଶ୍ରମର ରୂପ ନେଲା, ତ କେବେ ଅନିଦ୍ରା ରାତିରେ ହେଉଥିବା ଦୃଢ ସଂକଳ୍ପର, ତ ପୁଣି କେବେ ଥକି ଭାଙ୍ଗି ମୁହଁରେ ଲୁଗା ଚୁଣ୍ଢା କାନ୍ଦର । କିନ୍ତୁ ଉଦ୍ଦେଶ୍ୟ ଏକ, ସେ ହେଉଛି ବାପାଙ୍କ ମେରୁଦଣ୍ଡ ହେବି ।

ରୋଗୀ ରଙ୍କଙ୍କ ଧାଡିରେ ଶେଷରେ ପାଳି ଆସିଲା ମମତା ଆଉ ତିଳର । ସକାଳ ଓଳି ଡାକ୍ତର ଖାନାରେ ରୋଗୀ ଚିକିତ୍ସା କଲା ପରେ ଦିଦି ଉପର ଓଳି ନିଜ ଘରେ ରୋଗୀ ସେବା କରିଦିଅନ୍ତି । ଘରକୁ ପଶିଗଲା କ୍ଷଣି ତିଳର ଆଖି ଲାଖି ରହିଗଲା । ସଫେଦ ଚୂନ ଦିଆ କାନ୍ଥ । କାନ୍ଥର ଗୋଟିଏ ପାର୍ଶ୍ୱରେ କାଚରେ ବନ୍ଧେଇ ହୋଇ କେତେ ସୁନ୍ଦର ସୁନ୍ଦର ଚିତ୍ର ସବୁ । ବେଶ ଦାମୀ ନିଶ୍ଚିତ । ଗୋଟିଏ ବିରାଟ ଶାଗୁଆନରେ ତିଆରି ମେଜ ଆଉ ତା ଉପରେ ପୋର୍ସିଲନର ଚା'କେଟଲୀ । ଠିକ ତାକୁ ମୁହଁ କରି ଗୋଟିଏ ଅଗ୍ନିସ୍ଥାନ । ତା ଉପରେ ଲାଗିଛି ଗୋଟିଏ ବିରାଟ ଫଟୋ, ଜଣେ ମହିଳାଙ୍କର । ସେଇ ମଫସଲ ଭିତରେ ଏ ଯାକଯାକମ ସେ ପ୍ରଥମଥର ଦେଖୁଥାଏ । ତା ଭିତରର ତାରୁଣ୍ୟ ଉର୍ଜା ତାକୁ ଉତ୍ସାହିତ କରୁଥାଏ ଗୋଟିଏ ଅବିକଳ ଭବିଷ୍ୟତ ଗଢିବାକୁ । ତିଳ ସେ ଫଟୋଟିକୁ କୌତୁହଳର ସହ ଚାହିଁ ରହିଥିବାର ଦେଖି ସଙ୍ଗେ ସଙ୍ଗେ ଦିଦି କାଗଜରେ ଓଷଦ ଲେଖୁ ଲେଖୁ କହିଲେ 'ସେ ହେଉଛନ୍ତି ଓଡିଶାର ପ୍ରଥମ ମହିଳା ଡାକ୍ତର, କୁନ୍ତଳା କୁମାରୀ ସାବତକ୍ଷ ଆଛା ତିଳୋତ୍ତମା ତୁମେ ଏ. ଆଇ. ପି.ଏମ.ଟି ପରୀକ୍ଷା ଦେଇଥିଲ ବୋଲି ଶୁଣିଥିଲି, କ'ଣ ପରିଣାମ ଆଶା କର ? 'ସେ କିଛି କୁହନ୍ତା ତହୁଁ ମମତା କହିଦେଲା' ମା ଏଡ଼େ ବଡ଼ ପରୀକ୍ଷା ଆମ ବଉଁଶରେ ଏଇ ପ୍ରଥମ ଥର ଦେଲା ସେ ବଡ କଥା, ପରିଣାମ ଯାହା ହେଲେ ବି ଦୁଃଖ ନାହିଁ"। ଦିଦି ତିଳ ମୁଣ୍ଡରେ ହାତ ବୁଲାଇ ଆଣି କହିଲେ,'ହେଲେ ଖବର କାଗଜରୁ ଯାହା ଜାଣିଲି ପରିଣାମ ଏ ମାସ ଶେଷରେ ବାହାରିଯିବ, ମୋ ଘରେ ଆସି ଦେଖିନେବ"। ମାସ ସରିବ ସରିବ ହେଉଥାଏ, ଆଉ ପରିବାର ଲୋକଙ୍କ କୌତୁହଳ ବଢୁଥାଏ । ସେ ଗାଁରେ ଖବର କାଗଜ କେବଳ ବାବୁ ଆଉ ବାବୁଆଣୀଙ୍କ ଘରେ ଦିଆ ହୁଏ, ତେଣୁ ଘରକରଣା ଯେନତେନ ସାରି ଓଢଣା ଧାରକୁ ମୁହଁରେ କାମୁଡି ତିଳକୁ ଧରି ମମତା ପହଂଚିଗଲା ଦିଦିଙ୍କ ଘର ଦୁଆରେ । ଦିଦି ଆସିଲା ଯାଏଁ ଦୁଆରେ ମା'ଝିଅ ବସି ରହିଲେ। ଏପଟେ କେଦାର, ଧିରେନ କୁ ତା ପାଦ ମୋଡିବାକୁ କହି ଟିକଟାଳେଇ ହୁକା ମାରି ତା ପିଅନକୁ ଖବର କାଗଜ ପଢିବାକୁ ହୁକୁମ ଦେଲା । ' ମାଲିକ ! ଏ କଣ ଧିରେନ ଝିଅ ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଛି ।' ହୁକା ଯେମିତି କେଦାରର ନାକକୁ ଚଢି ତା ଅକଲ ଗୁଡୁମ କରିଦେଲା । ଏପଟେ ଦିଦି ଫେରି ଦୁଆରେ ବସିଥିବା ମା ଝିଅଙ୍କୁ କୁଣ୍ଢେଇ ଶୁଭେଚ୍ଛା ଜଣାଇଲେ । ନିର୍ଦ୍ଧାରିତ ହେଇ ଥିବା କଲେଜଟି କଲିକତାରେ ଥିଲା।' ପର ରାଇଜରେ ସମ୍ଭାଳି ହୋଇ ରହିବୁ, ଜମା ସେ ଛୋଟ ଲୁଗା ପିନ୍ଧି ନିଶା ଫିସା କରିବୁନି ବୁଝିଲୁ । ପାଠ ସାରି ଗାଁ କୁ ଫେରି ଆସିବୁ । 'ଲବଙ୍ଗି ଏତକ କହି କାନିରେ ଲୁହ ପୋଛି ଆଣିଲା। ଠିକ ସମୟ ଓ ଦିନ ଦେଖି ତିଳ ବାହାରି ଗଲା କଲିକତାକୁ ।

'ଆଛା ଝିଅର ବୟସ କେତେ ?' ଆରକ୍ଷୀ ନିରୀକ୍ଷକ ନିଜ ଗମ୍ଭୀର ଗଳାରେ ପଚାରିଲେ। 'ଆଜ୍ଞା ! ଅଠର ଆଧାରକାର୍ଡ ଅନୁଯାୟୀ, ନହେଲେ ଉଣେଇଶି ।' ଚା' କପ ହାତରେ ବଢ଼ାଇ ଦେଇ ଧିରେନ ଉତ୍ତର ଦେଲେ। 'ଦେଖନ୍ତୁ ବୟସର ପ୍ରଭାବରେ ଉଦ୍ଧତପଣିଆ ଆସିବା ସ୍ୱାଭାବିକ, ହେଲେ ତାକୁ ଆୟତରେ ନରଖିଲେ ତା'ର ଗୋଟିଏ ପରିଣାମ ମୃତ୍ୟୁ, ଏବଂ ବୋଧହୁଏ ତାହା ହିଁ ଲେଖା ଥିଲା ଆପଣଙ୍କ ଝିଅ ଭାଗ୍ୟରେ।' ଆରକ୍ଷୀ ନିରୀକ୍ଷକଙ୍କ ମୁହଁରୁ ଏ ଶବ୍ଦ ଗୁଡିକ ଯେମିତି ବିଷାକ୍ତ ତୀର ଭଳି ଆସି ଧିରେନର ବାପ ହୃଦୟକୁ ବିନ୍ଧି ପକେଇଲା । ତାକୁ ତା ସଂସ୍କାର ଉପରେ ସନ୍ଦେହ କରିବାକୁ ସଂକୋଚ ଲାଗୁଥାଏ । ତା କାନ କାଇଁ ଶୁଣିପାରୁଥାଏ ତିଳୋତ୍ତମାର ବୁକୁଫଟା କାନ୍ଦ । ତିଳର ମୃତ୍ୟୁ ଖବର ପାଇବାର ସପ୍ତାହେ ଆଗର କଥା । ମଝିରାତିରେ ହଠାତ ତା ନିଦ ଭାଙ୍ଗିଗଲା । ଝାଳ ଗମଗମ ଦେହ ଆଉ ଶୁଖିଲା ଥରଥର ଓଠରେ ମମତାକୁ ଉଠାଇ କହିଲା 'ଝିଅର କିଛି ଫୋନଫାନ ଆସିନି ଦୁଇଦିନ ହବ, ଚିଠି ବି ଲେଖୁନି ତା ପରୀକ୍ଷା ସରିଲା ଦିନଠୁଁ । ମୋ ମନ ଟା କାଇଁ ଭଲ ଲାଗୁନି ଜମା ମ ।' ତା ଚିନ୍ତା ଦେଖି ମମତା କହିଲା 'ତୁମେ ବ୍ୟସ୍ତ ହୁଅନି ଜମା, କାଇଁ ବେମାରୀ ଡାକୁଚ । ସେ ବ୍ୟସ୍ତ ଥିବ, ବୋଧହୁଏ ପରୀକ୍ଷା ସରିବା ଖୁସି ମନାଉଥିବେ ସାଙ୍ଗ ସାଥି ସବୁ । ତଥାପି ମୁଁ କାଲି ଦିଦିଙ୍କ ଘରେ ଯାଇ ତାକୁ ଟେଲିଫୋନ କରି ଆସିବି ।' ବଡି ସକାଳୁ ଧିରେନ ପୁଣିଥରେ ସାଇକଲ ପେଲି ଡାକ ଘରକୁ ବାହାରିଗଲା । ଆଜି ବି କୌଣସି ଚିଠି ନ ପାଇ ନିରାଶ ହୋଇ ତାକୁ ଫେରିବାକୁ ପଡିଥିଲା । ସେଦିନ, ବାପ ପଣିଆରେ ନିଜ ସନ୍ତାନକୁ ନେଇ ତା'ର ବିକଳପଣିଆକୁ ସେ ଅନୁଭବ କଲା । ପୋଖରୀ ହୁଡ଼ାରେ ଥିବା ବାଉଁଶ ଗଛରେ ତା ଦୋଚକିକୁ ଡେରି ଦି ପାପୁଲିକୁ ଆକାଶ ମୁହାଁ କରି ମନେପକେଇଲା ତିଳର ଏକୋଇଶିଆ କଥା। ବୁଢା ଦିପହରେ ସେ ଜାଗାର ନୀରବତାକୁ ତା ବୁକୁଫଟା କାନ୍ଦ ଚିରିପକାଉଥାଏ । ଏଇମିତି ବୃଥା ପ୍ରୟାସ ଲାଗିରହିଲା ସପ୍ତାହେ ଯାଏ । ମମତାକୁ ବାର ବାର ଦିଦିଙ୍କ ଘରକୁ ଯିବାକୁ ଲାଜ୍ ମାଡୁଥିଲା କିନ୍ତୁ ତା ମାତୃହୃଦୟ ବୋଲ ମାନୁ ନଥାଏ । ହେଲେ ଆଜି ଟେଲିଫୋନରେ କେହିଗୋଟିଏ ପୁରୁଷର ରୁକ୍ଷ ଗଳାରେ ସେପଟୁ କହିଲା 'ତିଳୋତ୍ତମା ଦେଇଙ୍କ ଘର ଲୋକ କହୁଛନ୍ତି ? ଦୁର୍ଭାଗ୍ୟବଶତଃ ଦୁଇଦିନ ପୂର୍ବରୁ ତାଙ୍କ ମୃତ ଦେହ ଗଳିତ ଅବସ୍ଥାରେ ସମୁଦ୍ର କୂଳରୁ ଉଦ୍ଧାର ହୋଇଛି । ଶବ ବ୍ୟବଚ୍ଛେଦ ନିମନ୍ତେ ନିକଟତର ଥାନାରେ ହସ୍ତାନ୍ତର କରିଦିଆଯିବ ।'

କେତେଦିନ ପରେ ଆଜି ବି ବୟସର ଅପରାହ୍ନରେ ଥାନା ଦୁଆରେ ବାପା ମା' ଦୁହେଁ ଆଶାର ମଶାଲ ଜଳାଇ ବସିଛନ୍ତି ନ୍ୟାୟ ପାଇଁ । ହେଲେ ପ୍ରଶ୍ନଟିଏ, ଏଠି ବାସ୍ତବରେ କିଏ ଅପବିତ୍ରତାର ବାହକ ସାଜିଲା, ତିଳୋତ୍ତମା ନା ସୁନ୍ଦ ଉପସୁନ୍ଦ ରୂପୀ ଏ ସମାଜ ? କିଏ ପବିତ୍ରତାର ବାସ୍ତବ ନାଶକ, ଯେ ହରଣ କରେ ନା ଯିଏ ତାକୁ ରକ୍ଷା କରିବାକୁ ଯାଇ ନିଜକୁ ହରେଇବସେ ?


ଭୁବନେଶ୍ୱର
ମୋ-୮୯୧୭୬୭୪୬୭୬

ଅଦାର ସେବନ ଦ୍ୱାରା ଜଏଣ୍ଟ ପେନ୍ ଦୂର ହୁଏ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୧୨ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
12 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୨୪ ● ୧୯ ଫେବୃୟାରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-24 ● 19th February 2024, Monday ● Bhubaneswar | Licensed to post without pre-payment of postage No- BN-60/22-24

DSPL-675

ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା

#ନୂଆ-ଓ ଛାତ୍ରବୃତ୍ତି



# ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।



@DHE_Odisha
@hedodisha
www.fb.com/dheodisha
0674-2323401, 2323402, 2323403 2323404
https://scholarship.odisha.gov.in
scholarshiphed@gmail.com

ଉଚ୍ଚ ଶିକ୍ଷା ବିଭାଗ

OIPR : 11001/13/0078/2324

30 YEARS
ସମ୍ବାଦ କଳିକା

# ଭାରତରେ ବଢୁଛି ଧନୀଙ୍କ ସଂଖ୍ୟା

ଦେଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢୁଛି । ଏଥିସହିତ ମୁଦ୍ରା ନୀତିରେ ସ୍ଥିରତା କାରଣରୁ ଋଣ ଅଭିବୃଦ୍ଧି ଅଧିକ ରହିଛି । ଏଥିଯୋଗୁ ଭାରତରେ ଧନୀ ଲୋକଙ୍କ କ୍ରୟଶକ୍ତି ମଧ୍ୟ ବଢୁଛି । ଏସବୁ କାରଣରୁ ଭାରତରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବର୍ଷକୁ ୧୦ ହଜାର ଡଲାର (୮,୨୮,୭୨୩ ଟଙ୍କା) ରୋଜଗାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨୦୧୫ ମସିହାରେ ୨୪ ନିୟୁତ ଥିଲା କିନ୍ତୁ ସଂପ୍ରତି ଏମାନଙ୍କ ସଂଖ୍ୟା ୬୦ ନିୟୁତରେ ପହଞ୍ଚିଛି । ଅର୍ଥାତ୍ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ୪.୧ ପ୍ରତିଶତ ବୋଲି ଶୁକ୍ରବାର ଗୋଲଡମ୍ୟାନ୍ ସାଚ୍‌ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ରହିଛି । ଆସନ୍ତା ୨୦୨୭ ସୁଦ୍ଧା ବାର୍ଷିକ ୧୦ ହଜାର ଡଲାର ମୁଣ୍ଡପିଛା ଆୟ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି । ଭାରତରେ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟଶକ୍ତି ବଢୁଛି ।

ଫଳରେ ଗହଣା, ସ୍ୱାସ୍ଥ୍ୟସେବା, ବାହାରେ ଖାଇବା ଆଦି ଖର୍ଚ୍ଚ ବଢ଼ିଛି । ଭାରତରେ ଆର୍ଥିକ ଓ ଭୌତିକ ସଂପତ୍ତି ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଲୋକଙ୍କ ସଂପତ୍ତି ବଢ଼ିବାରେ ଲାଗିଛି । ଜମି ଏବଂ ସୁନାକୁ ଯଦିଓ ସଂପତ୍ତି ସାଇତି ରଖିବାର ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରାଯାଉଛି ତଥାପି ଭାରତୀୟମାନେ ସେମାନଙ୍କ ସଞ୍ଚୟ ଓ ନିବେଶ ଅଭ୍ୟାସରେ ପରିବର୍ତ୍ତନ ଆଣିଛନ୍ତି । ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ଜରିଆରେ ଇକ୍ୱିଟିରେ ନିବେଶ କରୁଛନ୍ତି ବୋଲି ଗୋଲ୍ଡମ୍ୟାନ୍ ସାଚ୍‌ସ ପକ୍ଷରୁ କୁହାଯାଇଛି କିନ୍ତୁ ଭାରତକୁ ସାମଗ୍ରିକ ଭାବେ ଦେଖିଲେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୩ ହଜାର ଡଲାରରୁ କମ୍ ରହିଛି । ବଡ଼ ଧନୀ ଏବଂ ମଧ୍ୟ ଆୟବର୍ଗର ଲୋକମାନଙ୍କ ମଧ୍ୟରେ ବ୍ୟୟ କ୍ଷମତାରେ ପାର୍ଥକ୍ୟ ଏକ ବଡ଼ ଚିନ୍ତାର ବିଷୟ ବୋଲି କୁହାଯାଇଛି । ଭାରତରେ ୯୬ କୋଟିରୁ ଅଧିକ ଡେବିଟ କାର୍ଡ ଲୋକଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ୯.୩ କୋଟି ଲୋକଙ୍କ ପାଖରେ ପୋଷ୍ଟପେଡ ମୋବାଇଲ ସଂଯୋଗ ରହିଛି । ଏହା ସତ୍ତ୍ୱେ କେବଳ ୩ କୋଟି ଭାରତୀୟ ଗାଡ଼ି କିଣିବାକୁ ସକ୍ଷମ ବୋଲି ରିପୋର୍ଟରେ କୁହାଯାଇଛି ।

# ଉତ୍କଳ ସାହିତ୍ୟ ଓ 'ଉତ୍କଳ ଦୀପିକା'

ଡକ୍ଟର ବୈଷ୍ଣବ ଚରଣ ସାମଲ

## ଗୌରୀଶଙ୍କର ଓ 'ଉତ୍କଳ ଦୀପିକା'

'ଉତ୍କଳ ଦୀପିକା' ଓଡ଼ିଆ ଭାଷା ଓ ସାହିତ୍ୟର ସଙ୍କଟ ମୁହୂର୍ତ୍ତରେ ଆତ୍ମ ପ୍ରକାଶ କରିଥିଲା। ଯେଉଁ ସମୟରେ ବଂଗୀୟ ଭଦ୍ରବ୍ୟକ୍ତିମାନେ ଓଡ଼ିଆ ସାହିତ୍ୟର ଅସାରତା ପ୍ରତିପାଦନ କରୁଥିଲେ ସେହି ସମୟରେ ଉତ୍କଳ ଦୀପିକା ସେମାନଙ୍କ ଯୁକ୍ତିକୁ ଅମୂଳିକ କହି ପ୍ରାଚୀନ ଓଡ଼ିଆ ସାହିତ୍ୟର ଗୌରବକୁ ପ୍ରଚାର କଲା। ୧୯୧୬ ମସିହାରେ ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନରେ ଅଭିଭାଷଣ ଦେଇ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଆପଣାର ଶ୍ରଦ୍ଧା ଓ ଅନୁରକ୍ତି ପ୍ରକାଶ କରିଥିଲେ। ସେ ଅଭିଭାଷଣରୁ ଗୌରୀଶଙ୍କରଙ୍କର ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି କିପରି ଗଭୀର ମମତା ଥିଲା ତାର ଯଥାର୍ଥ ସୂଚନା ମିଳିଥାଏ। 'ଉତ୍କଳ ପୁତ୍ର' ଠାରୁ ଭଞ୍ଜ ସାହିତ୍ୟ ତଥା ରୀତି ସାହିତ୍ୟ ବିରୋଧୀ ଯେଉଁ ଆଲୋଚନା ଆରମ୍ଭ ହୋଇ 'ଉତ୍କଳ ପ୍ରଭା'ରେ ତୀବ୍ର ଆକାର ଧାରଣ କରି ଏବଂ 'ବିଜୁଳି'ରେ ତାର ପୂର୍ଣ୍ଣାହୂତି ପଡିଥିଲା ସେହି ସବୁ ଆଲୋଚନାକୁ ଗୌରୀଶଙ୍କର ଲକ୍ଷ୍ୟ କରିଥିଲେ। ତେଣୁ ଦୀପିକାରେ ସେ ଭଞ୍ଜୀୟ କାବ୍ୟ ସପକ୍ଷରେ ନାନା ଯୁକ୍ତି ଉପସ୍ଥାପନ କରି ପ୍ରତିପକ୍ଷମାନଙ୍କର ବକ୍ତବ୍ୟକୁ ଖଣ୍ଡନ କରିଥିଲେ। ଦୀପିକା ପ୍ରାଚୀନ ସାହିତ୍ୟର ଗୁଣାତ୍ମକ ବିଶ୍ଳେଷଣ କରି ସେଥିରୁ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ବିଚାର କରିଛି। 'ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ' ପ୍ରତିପକ୍ଷମାନଙ୍କର ଏହି ଉକ୍ତିକୁ ବିରୋଧ କରିବାକୁ ଯାଇ ଦୀପିକା ଲେଖିଥିଲେ-'ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷପୂର୍ବରୁ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଅଛନ୍ତି ତାହାର ସହତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ। କି ରଚନା ଚାତୁର୍ଯ୍ୟ କି ସ୍ୱଭାବ ବର୍ଣ୍ଣନା କି ଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତଚନ୍ଦ୍ରଙ୍କ ଠାରୁ ଅଧିକ ପରାକାଷ୍ଠା ଲାଭ କରି ଅଛନ୍ତି। ତଥାପି ଦେଖ ବିଦ୍ୟାସୁନ୍ଦର ଆଜି କି ପର୍ଯ୍ୟନ୍ତ ବିଦ୍ୱାନ ମଣ୍ଡଳୀରେ ସମାଦୃତ ହେଉଛନ୍ତି।




ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ। ରସକଲ୍ଲୋଳ ଆଦିରସ ଘଟିତ କୁତ୍ସିତ ଭାବାଶ୍ରିତ ବୋଲି ଯେ ଯାହା କହନ୍ତୁ ସେଥିରେ ଆମ୍ଭର ବକ୍ତବ୍ୟ ନାହିଁ। ମାତ୍ର ରସକଲ୍ଲୋଳ ଯେ ସର୍ବବିଷୟରେ ବିଦ୍ୟାସୁନ୍ଦର ଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ। ଏହି ବାକ୍ୟର ଦୃଢତା କାରଣ ପ୍ରମାଣ ଦର୍ଶାଇବା ବାହୁଲ୍ୟମାତ୍ର। ଯେ ସହୃଦୟ ବ୍ୟକ୍ତି ଏହି ଗ୍ରନ୍ଥ ଦ୍ୱୟ ପାଠ କରି ଅଛନ୍ତି ସେ ଏହି ଗ୍ରନ୍ଥ ଦ୍ୱୟର ଉତ୍କର୍ଷାପକର୍ଷ ବିଷୟ ହୃଦୟଙ୍ଗମ କରିଅଛନ୍ତି। ଦୀନକୃଷ୍ଣଙ୍କୁ ଛାଡି ଆହୁରିମଧ୍ୟ ଅନେକ କବି ଅନେକ ବିଷୟରେ ଅନେକ ଗ୍ରନ୍ଥ ରଚନା କରି ଅଛନ୍ତି।

ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି। ଓଡ଼ିଶାର କବିକୁଳକେଶରୀ ଉପେନ୍ଦ୍ର ଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରି ଅଛନ୍ତି ମାତ୍ର ଇଦାନୀ ପ୍ରଶଂସିତ କବି ରଚିତ ୨୦/୨୫ ଖଣ୍ଡ ଗ୍ରନ୍ଥରୁ ଅଧିକ ମିଳୁନାହିଁ।'' ଏହିପରି ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଦୀପିକା ବିଭିନ୍ନ ସମୟରେ ସୁଚିନ୍ତିତ ମତ ପ୍ରଦାନ କରିଅଛି। ପ୍ରାଚୀନ ସାହିତ୍ୟକୁ ଦୀପିକା ନିନ୍ଦା କରିନାହିଁ ବରଂ ଓଡ଼ିଆ ଜାତୀୟତାର ମୂଳପିଣ୍ଡ ରୂପେ ପ୍ରାଚୀନ ସାହିତ୍ୟକୁ ଗ୍ରହଣ କରିଅଛି। ପ୍ରାଚୀନ ସାହିତ୍ୟର ପ୍ରଶଂସା କଲେ ହେଁ ନୂତନ ସାହିତ୍ୟକୁ ନିନ୍ଦା କରିନାହିଁ। ବରଂ ନୂତନ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଦୀପିକା ଦେଇଛି ପ୍ରେରଣା। ଯେଉଁଠି ଅଯଥାରେ ପ୍ରାଚୀନ ସାହିତ୍ୟର ଅପନିନ୍ଦା କରାଯାଇଛି ସେଇଠି ଦୀପିକା ତାର ବିରୋଧ କରିଛି।

# ପାଣିକବିଙ୍କ ଆତ୍ମକାହାଣୀ - ଏକ କାଳଜୟୀ ଆତ୍ମଲିପି (୧)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କେଉଁ ମଣିଷଟି ବା ଜହ୍ନଟିଏ ନୁହେଁ! ଆପଣାର ଅନ୍ଧକାର ପାଖକୁ ଲୁଚେଇ ରଖିବା ଏକ ସ୍ୱାଭାବିକ ମାନସିକ ପ୍ରକ୍ରିୟା। ଆଲୋକିତ ପାଖଟିକୁ ଅପରକୁ ଦେଖାଇଦେଲେ ; ଏଣିକି ସବୁ ସଫାସୁତୁରା, ଧୂଳିମଳି ନାହିଁ। ସର୍ବେ ଭଦ୍ର ଅମାୟିକ ପରି ପ୍ରତୀୟମାନ। କିନ୍ତୁ ଯେ, ଯେମନ୍ତ ଦିଶନ୍ତି, ତନ୍ମଧ୍ୟରୁ ଅନେକ ତାହା ନୁହଁନ୍ତି। ଏମାନେ କିଛି କିଛି କୁକର୍ମ, ଅପକର୍ମ, ଅମାନବୀୟ କାର୍ଯ୍ୟରେ ଲିପ୍ତ ରୁହନ୍ତି। ଏହିଟି ତାଙ୍କ ଜୀବନର ଅନ୍ଧକାର ଦିଗ। ଲୋକନିନ୍ଦା, ସମାଜ ଭୟରେ ସେମାନେ ଆପଣାର କୃତକର୍ମକୁ ସ୍ୱୀକାର କରନ୍ତିନି। ଅନୁତାପ ଦୁଷ୍କର୍ମର ଶ୍ରେଷ୍ଠ ଉପଚାର- ଏ କଥାଟିର ମୂଲ୍ୟ ବୁଝନ୍ତିନି ମିଛ ମଣିଷମାନେ। ଛଳନାର ମୁଖା ପିନ୍ଧି ବୁଲନ୍ତି । ସେମାନଙ୍କୁ ଚିହ୍ନିବା କାଠିକର ପାଠ। ଏ ପରିପ୍ରେକ୍ଷୀରେ ଓଡିଆ ଗୀତିନାଟ୍ୟର ମଉଡମଣି ଗଣକବି ବୈଷ୍ଣବ ପାଣି ଏକ ବ୍ୟତିକ୍ରମ। ସେ ବିନା ଦ୍ୱିଧାରେ ପ୍ରକାଶ କରିଦେଇଛନ୍ତି ଆପଣାର ମନ୍ଦ କର୍ମକୁ ନିଜ ଆତ୍ମଲିପି "ପାଣି କବିଙ୍କ ଆତ୍ମକାହାଣୀ" ରେ । ସାହିତ୍ୟର ବଡପଣ୍ଡାମାନେ ଏହାକୁ ଗ୍ରହଣ କରିପାରିନାହାନ୍ତି। ନାସିକା କୁଞ୍ଚନ କରିଛନ୍ତି। ସମାଲୋଚନାରେ କ୍ଷତବିକ୍ଷତ ହୋଇଛି କବିପ୍ରାଣ। ତଥାପି ନାହିଁ ଅଭିଯୋଗ ଅବା ଅନୁଶୋଚନା। ଏସବୁର ଉର୍ଦ୍ଧ୍ୱରେ; ତାଙ୍କ ଆତ୍ମଲିପିଟି ଓଡିଆ ବାଣୀ ଭଣ୍ଡାରର ଏକ ଅକ୍ଷୟ କୀର୍ତ୍ତି, ନିର୍ଭୁଲ୍ ସାମାଜିକ ଦଲିଲ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆତ୍ମଲିପି ଗୁଡିକ ମିଥ୍ୟା ଉପରେ ଆଧାରିତ- ଏକଥାଟି କହିଲେ ପ୍ରଖ୍ୟାତ ନାଟ୍ୟକାର ବର୍ଣ୍ଣାଡଶ। ଏହା ପୂର୍ଣ୍ଣତଃ ସତ୍ୟନୁହେଁ। ବିଶ୍ୱରେ ବହୁ ଉଚ୍ଚ କୋଟିର ଆତ୍ମକାହାଣୀମାନ ରହିଛି। ସେଗୁଡିକର ସାମାଜିକ, ରାଜନୀତିକ, ସର୍ବୋପରି ଐତିହାସିକ ମୂଲ୍ୟବୋଧର ପଟାନ୍ତର ନାହିଁ। ଚର୍ଚ୍ଚିଲଙ୍କର 'ୱାର୍ ମେମୋରିଜ୍' (ନୋବେଲ୍ ପୁରସ୍କାର ପ୍ରାପ୍ତ), ହିଟ୍‌ଲର୍‌ଙ୍କ ମହାନ୍‌କୃତି 'ମେନ୍‌କାମ୍ପ', ମାର୍କିନ୍ ଗର୍କିଙ୍କ 'ମାଇଁ ଚାଇଲ୍ଡ ହୁଡ୍', ମହାତ୍ମାଗାନ୍ଧିଙ୍କ 'ମାଇଁ ଏକ୍ସପେରିମେଣ୍ଟ ୱିଥ୍ ଟ୍ରୁଥ୍" - ଏସବୁ ଆତ୍ମଜୀବନୀ ଇତିହାସର ଏକ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ କହିଲେ ଭୁଲ୍ ହେବନି। ଅନୁରୂପ ଭାବେ ଓଡିଆ ଭାଷାରେ ରଚିତ ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଡ. ହରେକୃଷ୍ଣ ମହାତାବ, ସୁରେନ୍ଦ୍ର ମହାନ୍ତି, ରମାଦେବୀଙ୍କ ପରି ଆହୁରି କେତେକ ସ୍ୱନାମଧନ୍ୟ ସ୍ରଷ୍ଟା ତଥା ଦେଶ ହିତୈଷୀଙ୍କ ଆତ୍ମଜୀବନୀ ଗୁଡିକ ଗୋଟେ ଗୋଟେ ବହୁ ମୂଲ୍ୟ ସାମାଜିକ, ରାଜନୀତିକ ଚିତ୍ରପଟ। ଗଦ୍ୟସମ୍ରାଟ୍ ଫକୀର ମୋହନ ସେନାପତିଙ୍କ 'ଆତ୍ମ ଚରିତ' ଓଡିଆ ଭାଷାରେ ରଚିତ ପ୍ରଥମ ଆତ୍ମଲିପି। ଉନ୍ନବିଂଶ ଶତାବ୍ଦୀର ସାହିତ୍ୟ, ଶିକ୍ଷା, ଧର୍ମ, ସଂସ୍କୃତି, ଚଳଣି, ରାଜନୀତିକ ଜୀବନ, ଇତିହାସ- ଏମିତି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଆଲୋକିତ କରିଛି 'ଆତ୍ମ ଚରିତ'ଟି। କେବଳ ଓଡିଶା ନୁହେଁ, ସାରା ବିଶ୍ୱରେ ଏହା ଆଲୋଡନ ସୃଷ୍ଟି କରିଥିଲା। ଅନେକ ଆତ୍ମଲିପି ଲେଖକ ନିଜ ମନ ଗହନର ଗୋପନ କଥାକୁ ହୁଏତ ପାଠକ ଆଗରେ ସ୍ପଷ୍ଟ କରିନାହାଁନ୍ତି ବା କିଛି ଅଂଶରେ ପ୍ରକାଶ କରିଛନ୍ତି; କିନ୍ତୁ ପାଣିକବି ଆପଣାର ଆତ୍ମଲିପିଟିକୁ ଖୋଲାବହି କରିଦେଇଛନ୍ତି। ପ୍ରତିଟି ପୃଷ୍ଠାରେ ରହିଛି ତାଙ୍କର ସ୍ୱୀକାରୋକ୍ତି। ଚୋରି, ଗୁଣ୍ଡାମି, ବେଶ୍ୟାଶକ୍ତି ଭଳି ନିଜର ଚାରିତ୍ରିକ ଅଧଃପତନକୁ ଲେଖିଦେଇଛନ୍ତି ଆତ୍ମକାହାଣୀଟିରେ। ଏହାର ପ୍ରକାଶକାଳ ୧୯୫୫। ଆତ୍ମଲିପିଟି ରହସ୍ୟ, ରୋମାଞ୍ଚ, କାବ୍ୟରସରେ ରସାଣିତ ଯାହା, ପାଠକର ଦୃଷ୍ଟିକୁ ବହୁ ଭାବରେ, ବହୁରୂପରେ ଆକର୍ଷଣ କରେ।

ପାଣିକବିଙ୍କ ଆତ୍ମକାହାଣୀର ଆରମ୍ଭ ଏକ ନାଟକୀୟ ଭଙ୍ଗୀରେ, "କବି ! ମୁଁ ଓଡିଶାର ପୁରପଲ୍ଲୀ ରେ ସୁପରିଚିତ କବି। ମୋର ଜନ୍ମସ୍ଥାନ କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ଥାନାର କୋଠପଦା ଗ୍ରାମସ୍ଥ ବିରୂପା ନଦୀତଟ। ପିତାଙ୍କ ନାମ ୰ ସୁଦର୍ଶନ ପାଣି, ମାତାଙ୍କ ନାମ ଚାନ୍ଦ ଦେବୀ। ମୁଁ ମୋ ପିତାମାତାଙ୍କ ତୃତୀୟ ଗର୍ଭସନ୍ତାନ। ମୋର ଇଂ ୧୮୮୨ ମସିହା କୁମାର ପୂର୍ଣ୍ଣିମା ଗୁରୁବାର ରାତ୍ରରେ ଜନ୍ମ। ମୋର ଲଗ୍ନ ମିଥୁନ (ରାଶି) ଅଶ୍ୱିନୀ ମେଷ। ଲୌକିକ ବ୍ୟବହାର ଅନୁଯାୟୀ ପଞ୍ଚୁଆତି, ଷଷ୍ଠୀପୂଜା ଓ ଏକୋଇଶା ନିୟମିତ ଭାବେ ପାଳନ କରାଯାଇଥିଲା ଓ ଶତ୍ରୁଘ୍ନ ନାମ ରଖାଯାଇଥିଲା।" ବାଲ୍ୟାବସ୍ଥାରେ ଖଡିପାଠ ଶିକ୍ଷାପରେ ଶତ୍ରୁଘ୍ନଙ୍କ ବ୍ରତୋପନୟନ ସମୟ ସମୁପଗତ। ପିତା ପୂର୍ବ ମାନସିକ ମୁତାବକ ଜଗନ୍ନାଥଙ୍କ ବଡ ଛତାରୁ ଅଷ୍ଟଗଣ୍ଡା ତାମ୍ରଖଣ ପରିଶୋଧ ସ୍ୱରୂପ ପ୍ରଦାନ କରି ତାଙ୍କର ବ୍ରତୋପନୟନ କଲେ। ଏଣିକି ଶତ୍ରୁଘ୍ନ ପରିଚିତ ହେଲେ ବୈଷ୍ଣବ ଭାବେ। ତାଙ୍କ ବାଲ୍ୟକାଳ ଦାରିଦ୍ର୍ୟ ପରିପୂର୍ଣ୍ଣ। କୋଠପଦା ମହନ୍ତ ତପୋନିଧି ରଘୁନାଥପୁରୀ ଗୋସ୍ୱାମୀ। ତାଙ୍କ ଇଷ୍ଟଦେବ ଶ୍ରୀ ଶ୍ରୀ ରଘୁନାଥଜୀଉ ଠାକୁରଙ୍କ ପାଇଁ ଫୁଲତୋଳା, ଫୁଲଗୁନ୍ଥା କାମରେ ନିଯୁକ୍ତ ରହି ବୈଷ୍ଣବ ଉଦର ପୋଷଣ କଲେ। ମହନ୍ତ ମହାରାଜାଙ୍କର ଥିଲା ଗୋଟେ ଯାତ୍ରା ଦଳ, ଗୋଟେ ଗୀତିନାଟ୍ୟଦଳ। ଏଥିରେ ଯୋଗଦେଲେ ବୈଷ୍ଣବ। ସୁଯୋଗଟିଏ ମିଳିଲା। ମହନ୍ତଙ୍କ ଦୟାରୁ ଡେରାବିଶି ନିବାସୀ ସ୍ୱର୍ଗତ ଶିବରାମ ସିଂହଙ୍କ ନିକଟରୁ ନୃତ୍ୟଗୀତ ଶିକ୍ଷାକରି ପ୍ରଥମ ସ୍ଥାନ ଅଧିକାର କଲେ। ଏଣିକି ଯାତ୍ରା ଦଳରେ ଗୋଟିପୁଅ। ମହନ୍ତଙ୍କ କୋଠପଦାରେ ଥିବା ମାଇନରସ୍କୁଲ୍ ପାଚକର ମୃତ୍ୟୁ ହେଲା। ସେହି କାର୍ଯ୍ୟରେ ବୈଷ୍ଣବ ନିଯୁକ୍ତି ପାଇଲେ। ରୋଷେଇ ବାସ ସହ ଶିକ୍ଷକଙ୍କ ବାସନମଜା, ଅଇଁଠା ପରିଷ୍କାର, ବିଛଣା କରିଦେବା, ପଦସେବା- ଏ ସମସ୍ତ କାର୍ଯ୍ୟରେ ସେ ଉଣାକଲେନି। ଶିକ୍ଷକମାନେ ଦୟାକରି ପାଠବହି, ଖଡି, ସିଲଟ ଆଦି ମାଗଣାରେ ଯୋଗାଇଦେଲେ। ବୈଷ୍ଣବ ପାଞ୍ଚ ଶ୍ରେଣୀ ପାଠ ଶେଷକଲେ। ଗଣିତରେ ଅତ୍ୟନ୍ତ ଦୁର୍ବଳ ହେତୁ ଷଷ୍ଠରୁ ତାଙ୍କ ପୋଥିରେ ଡୋରି ବନ୍ଧାହେଲା। ମହନ୍ତ ମହାରାଜଙ୍କର ଅପାର କରୁଣାରୁ ଯାହାକିଛି ପାଣିକବିଙ୍କର ଉନ୍ନତି ସମ୍ଭବ ହୋଇଥିଲା। ଠାକୁରସେବା, ଗୋଟିପୁଅ ନାଚ, ପାଲାଗାୟକ ଶେଷରେ ଯାତ୍ରା ଦଳର ଖାଣ୍ଟି ଓସ୍ତାଦ୍‌ରୁ ସେ ହେଲେ ଗୀତିନାଟ୍ୟ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ୍ । ପାଣିକବିଙ୍କ ରାଶି ରାଶି ସାହିତ୍ୟ କୃତି। ଭଜନ, ଜଣାଣ, ଛାନ୍ଦ, ଚଉତିଶା, ଚଉପଦୀ, ଫାର୍ଶ, କାବ୍ୟକବିତା, ଗୀତିନାଟ୍ୟ ସର୍ବୋପରୀ ଆତ୍ମଲିପି ରଚନା କ୍ଷେତ୍ରରେ ତାଙ୍କ ସଫଳତା ବେଶ୍ ଆଖିଦୃଷ୍ଟିଆ। ଏ ସମସ୍ତ ସୃଷ୍ଟି ମଧ୍ୟରେ ୧୨୧ ଟି ଗୀତିନାଟ୍ୟ, ୨୧ ଖଣ୍ଡ କାବ୍ୟ ଅନ୍ତର୍ଭୁକ୍ତ। ପାଣିକବିଙ୍କ ସୃଷ୍ଟି ଦିଗ୍‌ବଳୟ ସମାଜ, କିମ୍ବଦନ୍ତୀଠାରୁ ଇତିହାସ ଯାଏଁ ପ୍ରଲମ୍ବିତ। ଆତ୍ମଲିପିରେ ଲେଖକଙ୍କ ସ୍ୱିକାରୋକ୍ତି ତାଙ୍କୁ ଜଣେ ନିର୍ଭିକ, ସତ୍ୟନିଷ୍ଠ, ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରେ। ଏଭଳି ସଫଳତା ଖୁବ୍ କମ୍ ଆତ୍ମ ଜୀବନୀ ଲେଖକଙ୍କ ଭାଗ୍ୟରେ ପରିଦୃଷ୍ଟ।

ପଙ୍କରୁ ପଦ୍ମ, ଅଳିହା ଆବର୍ଜନାରୁ ଚହଟା ଘାସଫୁଲ, କଣ୍ଟାରୁ ଗୋଲାପର ଜନ୍ମ। ଅନୁରୂପ ଭାବେ ପାପପୂର୍ଣ୍ଣ ପଙ୍କିଳ ଜୀବନଚର୍ଯ୍ୟା ସମ୍ଭୂତ ବୈଷ୍ଣବଙ୍କ କଳାକୃତି ପରିଣତ ହେଲା ଅମୂଳ ମୂଳରେ। ଏହାର ଶ୍ରେଷ୍ଠ ନିଦର୍ଶନ ତାଙ୍କ ଆତ୍ମଜୀବନୀ। ସେ ଯାତ୍ରା ଦଳଧରି କଟକର ମସ୍‌ଜିଦ୍ ଗଳିଠାରୁ ମହାନଗରୀ କଲିକତାର ବାରଙ୍ଗନା ବସ୍ତିଯାଏଁ ଅଭିନୟ ପ୍ରଦର୍ଶନ କରିଛନ୍ତି। କେତେବେଳେ ଦାଦାଗିରି ତ କେବେ ସୁନ୍ଦରୀ ବେଶ୍ୟାସଂଗ ଲାଳସାରେ ମଜ୍‌ଗୁଲ ଅବା ଚିତା ଚୈତନ, ରୁଦ୍ରାକ୍ଷ ଜଟାମାଳି ଧାରଣକରି କାପାଳିକ ଭାବେ କିଶୋରୀ ମାତା ପ୍ରେମରେ ଅବଗାହିତ। ଆଉ କେତେବେଳେ ହାରାମଣି ରଜକିନୀର ପ୍ରେମରେ ପାଗଳ। ଏହାଥିଲା ପାଣିକବିଙ୍କର ଯୌବନ ର ସ୍ଖଳନ। ଛାତ୍ରାବସ୍ଥାରେ ଚୋରୀ, ହାକିମାତି ତାଙ୍କର କିଛି କମ୍ ନଥିଲା।

ବୈଷ୍ଣବଙ୍କ ପୂଜାରୀ କାମ କରୁଥିବା ବେଳର କଥା। ଦିନେ ଅନ୍ତେବାସୀଙ୍କ ପାଇଁ ତରକାରୀ ନିଅଣ୍ଟ ହେଲା। ଦୁଃସାହାସୀ ବୈଷ୍ଣବ କାଢିଲେ ନୂଆ ବୁଦ୍ଧିଟିଏ। କେତେକ ଛାତ୍ରଙ୍କୁ ଏକଜୁଟ୍ କରି ବିଭିନ୍ନ ପ୍ରକାର ପନିପରିବା ଚୋରି କଲେ। ଯାଜପୁରସ୍ଥ କତରାପୁରୀ ନିବାସୀ ଗୋବିନ୍ଦ ଗୁଇଁ, ଦୋଳଦଉ ନାମକ ବ୍ୟକ୍ତି ଦ୍ୱୟଙ୍କର ସ୍କୁଲ୍ ହତାରେ ଥାଏ ମସଲାଦି ଗୋଦାମଟିଏ। ତାଙ୍କ ବାଡିରେ ଝୁଲୁଥିଲା କଦଳୀଗଛରେ କାନ୍ଦିଏ ବନ୍ତଳ। ବୈଷ୍ଣବ କୌଶଳରେ ତାକୁ ଚୋରିକଲେ । ସେହି ଚୋରି କଳାକୁ ବର୍ଣ୍ଣନା କଲେ ନିଖୁଣ ଭାବରେ, " ମୁଁ ବୋଡିଙ୍ଗରୁ ବଡ ନୌତିଟି ଆଣି ତାରି ସାହାଯ୍ୟରେ ଚଢି କଦଳୀ କାନ୍ଦିଟିକୁ ହାଣି ଆଣି ବୋର୍ଡିଂ ରେ ତରକାରୀ କରି ପିଲାମାନଙ୍କୁ ଖାଇବାକୁ ଦେଲି । ପରଦିନ ସକାଳେ କଦଳୀ ସମ୍ବନ୍ଧେ ଆଲୋଚନା ଚାଲିଲା।" ପ୍ରତ୍ୟୁତ୍ପନ୍ନମତି ବୈଷ୍ଣବ ଆପଣାର ଦୋଷକୁ ହେଡ୍‌ମାଷ୍ଟର ମହୋଦୟଙ୍କ ଆଗରେ ମାନିଗଲେ। ହେଡ୍‌ମାଷ୍ଟେ ଦୋକାନୀକୁ ଡାକି ସୂର୍ଯ୍ୟାୟଣ ଓ ଚାନ୍ଦ୍ରାୟଣ ବାରି ଖଡି ପକାଇ କହିଲେ ଯେ, ଏ କଦଳୀ ପଶ୍ଚିମ ଦିଗକୁ ଯାଇଛି। ଏହାକୁ ଜଣେ କୃଷ୍ଣକାୟ ଦୀର୍ଘାକୃତି ପୁରୁଷ ନେଇଯିବାର ଉତ୍ତର ଲେଖୁଛି। ପୁରୁଣା ଦାଗୀଚୋର କୋଠପଦାର ବଳେଇ ସୋଇଁ କଦଳୀ ନେଇଥିବା ବିଶ୍ୱାସକରି ଗୁଇଁ, ଦଉ ଚୁପ୍ ରହିଲେ। ପାଣିଏ ଆଶ୍ୱସ୍ତ ହେଲେ। ଲେଖିଲେ, "ପାଠକେ ଏତେବେଳେ ମୁଁ ଧୈର୍ଯ୍ୟ ସମ୍ବରଣ କଲି। ଶିକ୍ଷକ ମହାଶୟଙ୍କ ଖଡିପାଠକୁ ମୋର ରକ୍ଷାକାରୀ ମନେକଲି।"

ଉନବିଂଶ ଶତାବ୍ଦୀର ଜନଜୀବନ ନାନା ପ୍ରକାର ଅନ୍ଧବିଶ୍ୱାସରେ ଆଚ୍ଛନ୍ନ ଥିଲା। ସମାଜ ଉପରେ ଜ୍ୟୋତିଷ ବିଦ୍ୟାର ପ୍ରଭାବ ମଧ୍ୟ ଅତି ମାତ୍ରାରେ ଦେଖାଯାଇଥିଲା। ଚୋରୀ, ଡକାୟତି; ସୁନାରୂପା, ଗୋରୁ ଗାଈ ହଜିଲେ ଲୋକେ ଅବଧାନଙ୍କ ପାଖକୁ ଯାଉଥିଲେ। ଅବଧାନେ ଖଡି ପକାଇବା ସହିତ ହନୁମାନ ପ୍ରଶ୍ନ, କାକଶାସ୍ତ୍ର, ଅଚ୍ୟୁତମାଳିକା ଆଦି ବିଭିନ୍ନ ପ୍ରକାର ଧର୍ମୀୟ ଶାସ୍ତ୍ର ଅବଲମ୍ବନ କରୁଥିବା କହି ଲୋକଙ୍କ ବିଶ୍ୱାସ ଜନ୍ମାଉଥିଲେ। ପରୋକ୍ଷରେ ଜନତା ଭଣ୍ଡି ହେଉଥିଲେ। ଏ କଥାଟି ପାଣିକବି କଦଳୀ ଚୋରିରୁ ରକ୍ଷା ପାଇଥିବା ପ୍ରସଙ୍ଗରୁ ବାରି ହୋଇପଡେ। ଛାତ୍ର ଜୀବନରେ ବୈଷ୍ଣବ ମଧ୍ୟ ଆଉ କେତେକ ଦୁଷ୍ଟାମି କରିଥିଲେ। ତାହା ତାଙ୍କୁ ଉତ୍ତରଜୀବନରେ ବହୁ ଦୁଃଖ ଦେଇଛି। ସେ ଆପଣା କଳା କର୍ମକୁ ସ୍ୱୀକାର କରି ଅନୁତାପ ଗଙ୍ଗାଜଳରେ ଅଙ୍ଗମାର୍ଜନ କରି ଦେଇଛନ୍ତି। ପାଣିକବି ଥିଲେ ଅତ୍ୟନ୍ତ ଦୁଃସାହସୀ। ପ୍ରାକ୍ ସ୍ୱାଧୀନତା କାଳୀନ ନୀତିନିୟମ ନିଗଡ଼ବନ୍ଧା ସମାଜ ପ୍ରତି ତାଙ୍କର ନଥିଲା ଭୂକ୍ଷେପ। ସେ ଦ୍ୱିତୀୟ ପତ୍ନୀ ଭାବେ ଗ୍ରହଣ କଲେ ବିବାହିତା ରଜକିନୀ ହାରାମଣିଙ୍କୁ। ହାରା ତାଙ୍କ କବିତ୍ୱ ବିକାଶରେ ବିଶେଷ ସହାୟକ ହେଲା - ଏହା ନିଶ୍ଚିତ।

(କ୍ରମଶଃ)

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ଦେଶରେ ବଢୁଛି ମହିଳା ବିରୋଧୀ ଅପରାଧ

ରାଜଧାନୀ ଚିନ୍ତା



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

ବେଶ୍ କିଛିଦିନ ପରେ ଗତ ରବିବାର ଦିନ ଠିକ୍ ସକାଳ ଆଠଟାରେ ରାମ ଗୋପାଳ ବାବୁଙ୍କ ବୈଠକ ଖାନାରେ ଆସରର ସମସ୍ତ ସଭ୍ୟ ପ୍ରବେଶ କରି ଗୋଟିଏ ଲେଖାଁଏ ଚୌକିରେ ବସିଗଲେ। ଅବିଳମ୍ବେ ରାମଗୋପାଳ ବାବୁଙ୍କ ପତ୍ନୀ ଗୋଟିଏ ଟ୍ରେରେ କିଛି ବିସ୍‌କୁଟ୍ ଓ ପ୍ରତ୍ୟେକଙ୍କ ପାଇଁ କପ୍‌ରେ ଗରମ ଚା' ରଖିଦେଇଗଲେ। ଆସରର ସଭ୍ୟମାନେ ପ୍ରତ୍ୟେକେ ଦୁଇଟି କରି ବିସ୍‌କୁଟ୍ ଓ ଚା କପ୍ ଟେ ଲେଖାଁଏ ହାତରେ ଧରି ଆଲୋଚନା ଆରମ୍ଭ କଲେ। ପ୍ରଥମେ ମହିଳାସଭ୍ୟ ପାର୍ବତୀ ଦେବୀ ଆଲୋଚନା ଆରମ୍ଭ କରି କହିଲେ, ଅଳ୍ପଦିନ ତଳେ ଖବର କାଗଜରେ ବାହାରି ଥିଲା ଯେ, ଦେଶରେ ମହିଳା ବିରୋଧୀ ଅପରାଧ ବଢିଚାଲିଛି। ଗତ ୬ ବର୍ଷ ମଧ୍ୟରେ ପ୍ରାୟ ୨୫ ଲକ୍ଷ ବାଳିକା, ଯୁବତୀ ଓ ମହିଳା ନିଖୋଜ ହୋଇଛନ୍ତି। ଅର୍ଥାତ୍ ବର୍ଷକୁ ହାରାହାରି ପ୍ରାୟ ୪ଲକ୍ଷ ୧୬ ହଜାର ୬ଶହ ୬୬ ବାଳିକା, ଯୁବତୀ ଓ ମହିଳା ନିଖୋଜ ହୋଇଛନ୍ତି। ଖବର କାଗଜରେ ଏ ସମ୍ବାଦ ବାହାରିବା ବେଳକୁ ପୋଲିସ ବିଭାଗ ୧୩ଲକ୍ଷ ୨୭ ହଜାର ୬୩୫ ଜଣ ନିଖୋଜଙ୍କୁ ଉଦ୍ଧାର କରିପାରିଥିଲା। ଆଉ ସେତେବେଳେକୁ ୧୧ଲକ୍ଷ ୨୭ ହଜାର ୩୬୫ ଜଣଙ୍କ ପତ୍ତା ମିଳିନଥିଲା। ରାମ ଗୋପାଳ ବାବୁ ପାର୍ବତୀ ଦେବୀଙ୍କୁ ପଚାରିଲେ ଆପଣଙ୍କର ଚାକିରି ଜୀବନର ଅନୁଭୂତିରୁ ଆପଣ କହିଲେ, ଏତେ ବାଳିକ, ଯୁବତୀ ଓ ମହିଳା ନିଖୋଜ ହେବାର ସମ୍ଭାବ୍ୟ କାରଣ ସବୁ କ'ଣ ହୋଇପାରେ ?' ପାର୍ବତୀ ଦେବୀ କହିଲେ,''ଗାଁ ମାନଙ୍କରେ ନିର୍ଜନ ରାସ୍ତାରେ ଛାତ୍ରୀମାନେ ସ୍କୁଲ ଯାଉଥିବା ବେଳେ ଅସାମାଜିକ ଲୋକମାନେ ସେମାନଙ୍କୁ ଏକାକୀ ଦେଖି ସେମାନଙ୍କୁ ଅପହରଣ କରିନେଇ ବନ୍ଦୀଭାବରେ ରଖନ୍ତି ଓ ସେମାନଙ୍କୁ ଦୁଷ୍କର୍ମ କରି ଅସାମାଜିକ କାମରେ ବ୍ୟବହାର କରି ପଇସା ରୋଜଗାର କରନ୍ତି। ଏହି ବନ୍ଦୀମାନଙ୍କୁ କେବଳ ମୁଠାଏ ଖାଇବାକୁ ଦେଇଥାଆନ୍ତି। କୌଣସି ସୂତ୍ରରୁ ପୋଲିସ ଏମାନଙ୍କ ପତ୍ତାପାଇଲେ ଏହି ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳିକୁ ଚଢଉ କରି ବନ୍ଦୀ ମହିଳାମାନଙ୍କୁ ଉଦ୍ଧାର କରିଥାଆନ୍ତି। ତେବେ ଏହି ବନ୍ଦୀମାନଙ୍କ ଭିତରୁ କେହି ଯଦି ସାହସ କରି ପୋଲିସରେ ଖବରଦିଏ ପୋଲିସ ତତ୍‌କ୍ଷଣାତ୍ ଏହି ଅସାମାଜିକ ଲୋକଙ୍କୁ ବନ୍ଦୀ କରି ମହିଳା ବନ୍ଦୀଙ୍କୁ ଉଦ୍ଧାର କରନ୍ତି। କିନ୍ତୁ କୌଣସି କାରଣରୁ ଯଦି ପୋଲିସକୁ ଖବର ଦେବାକୁ ଯାଉଥିବା ମହିଳା ବନ୍ଦୀ ଏହି ଅସାମାଜିକ ଲୋକଙ୍କ ଦ୍ୱାରା ଧରାପଡିଯାଏ ତେବେ ସେଇ ଅଭାଗିନୀ ଉପରେ ଅସାମାଜିକ ଲୋକମାନେ ଅକଥନୀୟ ଅତ୍ୟାଚାର କରି ଥାଆନ୍ତି। ତେଣୁ ସାଧାରଣତଃ ଏହି ମହିଳା ବନ୍ଦୀମାନେ ପୋଲିସକୁ ଖବର ଦେବାକୁ ଯିବା ପାଇଁ ସାହସ କରିନଥାନ୍ତି।

ଅନେକ ସମୟରେ ଦେଖାଯାଉଥାଏ ଯେ, ଅଳ୍ପ ବୟସର ବାଳିକା ମାନେ ବାପା-ମାଙ୍କୁ ନଜଣେଇ ନିଜ ପ୍ରେମିକ ସହ ମନ୍ଦିରରେ ଅବା ବିବାହ ପ୍ରସ୍ତୁତିକରଣ କରୁଥିବା ବିଚାରପତିଙ୍କ ଆଗରେ ଦସ୍ତଖତ କରି ବିବାହ କରି ନିଜ ସହର ଛାଡି ଅନ୍ୟ ସହରରେ ଯାଇ ବାସ କରନ୍ତି। କେତେକ ସ୍ଥାନରେ ଏହି ପ୍ରେମିକ, ନିଜେ ପ୍ରେମକରି ବିବାହ କରିଥିବା ପତ୍ନୀକୁ ଧୋକା ଦେଇ ନୂଆ ପ୍ରେମିକାକୁ ବିବାହ କରି ଅନ୍ୟ ସହରରେ ବାସ କରିଥାଏ । ପ୍ରଥମ ପତ୍ନୀ ଏଖବର ପାଇ ଦୁଃଖରେ ଭାଙ୍ଗି ପଡିଥାଏ। ସେ ବାପଘରର ହୋଇପାରେ ନାହିଁକି ଶ୍ୱଶୁର ଘରର ହୋଇପାରେ ନାହିଁ। କେହି କେହି ତ ଏ ଦୁଃଖ ସହି ନପାରି ଆତ୍ମ ହତ୍ୟା କରିଥାଆନ୍ତି।। ଆଉ ସେ ଯଦି ଚାକିରିଆ ହୋଇଥାଏ ନିଜକୁ ସମ୍ଭାଳି ନେଇ ଏକାକୀ ଜୀବନ ଯାପନ କରିଥାଏ।''ରାମ ଗୋପାଳ ବାବୁ ପୁନଶ୍ଚ ପାର୍ବତୀ ଦେବୀଙ୍କୁ ପଚାରିଲେ, ଆପଣଙ୍କ ମନରେ ଏହି ସମସ୍ୟାର ସମାଧାନ କିପରି ହୋଇପାରିବ ? ପାର୍ବତୀ ଦେବୀ କହିଲେ, ''ଛାତ୍ରଛାତ୍ରୀମାନଙ୍କୁ ଅଳ୍ପବୟସରୁ ଚରିତ୍ର ଗଠନ ଓ ସମାଜର ରୀତିନୀତି ଶିକ୍ଷା ଦେବା ଉଚିତ୍। ତାହା ହେଲେ ସେମାନେ ବଡ ହେଲେ ବାପା-ମା'ଙ୍କୁ ନଜଣେଇ ବିବାହ ପରି ଏକ ଚିରସ୍ଥାୟୀ ବନ୍ଧନରେ ବାନ୍ଧି ହେବେ ନାହିଁ। ଗାଁ'ମାନଙ୍କରେ ପାଖରେ ପାଖରେ ସ୍କୁଲ ମାନ ଖୋଲିଲେ ବାଳିକାମାନଙ୍କୁ ନିଶ୍ଚିତ ରାସ୍ତାରେ ଏକାକୀ ଯିବାକୁ ପଡିବ ନାହିଁ। ଯେଉଁଠାରେ ହାଇସ୍କୁଲ, ମାଇନର ସ୍କୁଲ, ଉଚ୍ଚ ପ୍ରାଥମିକ ସ୍କୁଲ ଓ ଅଙ୍ଗନବାଡି ମାନ ଅଛି ସେ ସବୁକୁ ଗୋଟିଏ ପରିବେଶ ମଧ୍ୟରେ ରଖିଲେ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯିବା ବେଳେ ବା ସ୍କୁଲରୁ ଫେରିବା ବେଳେ ଏକାକୀ ଯିବାକୁ ପଡିବ ନାହିଁ। ଏହାଛଡା ବାଳିକା ଅପହରଣକାରୀମାନଙ୍କୁ ଧରାପଡିଲେ କଠିନରୁ କଠିନ ଦଣ୍ଡ ଦିଆଯିବା ଉଚିତ। ତାହା ହେଲେ ଏହି ଦଣ୍ଡ ଭୟରେ କେହି ଆଉ ଏପରି ଅପହରଣ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଫେବୃୟାରୀ ୨୦୨୪ସୋମବାର



# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି:୧୬୦ ଅଭିଯୋଗରୁ ୮୭ ଅଭିଯୋଗର ତ୍ୱରିତ ସମାଧାନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**



ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ କଟକ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୪୧ଟି ପଞ୍ଚାୟତରୁ ୧୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୧୫୭ଟି ବ୍ୟକ୍ତିଗତ, ୩ଟି ସାମୁହିକ ହୋଇଥିଲା । ଶିବିରରେ ୮୭ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨ ଜଣ ଆବେଦନ କରିଥିବା ବେଳେ ରେଡକ୍ରସ୍‌ରୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଦିବ୍ୟାଙ୍ଗ ଭତ୍ତା ନିମନ୍ତେ ୪ ଜଣ ଓ ଅନ୍ୟାନ୍ୟ ଭତ୍ତା ନିମନ୍ତେ ୧ ଜଣ ଆବେଦନ କରିଥିଲେ । ଏହି ଅବସରରେ ଦୁଇ ଦିବ୍ୟାଙ୍ଗ ଯଥା ନଗସପୁର ଗ୍ରାମପଞ୍ଚାୟତର ହେନାରାଣୀ ମଲିକ ଓ କୋଲଣପୁର ଗ୍ରାମପଞ୍ଚାୟତର କରୁଣାକର ବାରିକଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା । କଟରପଡା ପଞ୍ଚାୟତର ସମିତି ସଭ୍ୟ ତାଙ୍କ ପଞ୍ଚାୟତରେ ହୋଇଥିବା ଉପସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ଅଭିଯୋଗ କରିଥିଲେ । ତେବେ ସମିତି ସଭ୍ୟଙ୍କ ଅଭିଯୋଗକୁ ଜିଲ୍ଲାପାଳ ଗୁରୁତର ଭାବେ ନେଇ ଉପଜିଲ୍ଲାପାଳ କମଳଜିତ ନାୟକଙ୍କୁ ତ୍ୱରିତ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଭାବେ ଶିକ୍ଷା ବିଭାଗ, ପାନୀୟ ଜଳ ବିଭାଗ, ରାସନକାର୍ଡ ନାମ ସଂଯୋଗୀକରଣ ସମେତ ବିଭିନ୍ନ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲାପାଳ ସାଧାରଣ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଲୋକେ ଜିଲ୍ଲାପାଳଙ୍କୁ ପ୍ରଶଂସା କରିଛନ୍ତି । ଏହି ଶିବିରରେ କଟକ ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ମିହୀର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପୋ, ଜିଲ୍ଲାପରିଷଦ ସିଡିଓ ସୁବାଷ ଚନ୍ଦ୍ର ରାୟ, ଉପଜିଲ୍ଲାପାଳ କମଳଜିତ ଦାସ, ନିଶ୍ଚିନ୍ତକୋଇଲି ତହସିଲଦାର ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ଶିକ୍ଷାଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମକରାନନ୍ଦ ବେଉରା, ଡିଏଫଓ କଟକ ବବିତା ମହାନ୍ତି, କଟକ ସିଡିଭିଓ ବିଭୂରଞ୍ଜନ ଦାସ, ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ଅଶୋକ କୁମାର କର, ଏଏସଆରସିଏସ ଶୁଶାନ୍ତ କୁମାର ମିଶ୍ରଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଏବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ସିଡିପିଓ ସତ୍ୟଭାମା ବିଶୋଇ ପ୍ରମୁଖ ବହୁ ପଦାଧିକାରୀ ଯୋଗଦେଇ ନିଜ ନିଜ ବିଭାଗର ଅଭିଯୋଗକୁ ଲିପିବଦ୍ଧ କରିନେଇଥିଲେ । ତୁରିତ ତଦନ୍ତ କରି ଜିଲ୍ଲାପାଳଙ୍କୁ ଅବଗତ କରାଇବେ ବୋଲି ଶିବିରରେ ଜିଲ୍ଲାପାଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।




# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ ରୋକିବାକୁ ଆହ୍ୱାନ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ବ୍ଲକ କାଠକଟା ପଞ୍ଚାୟତ ସ୍ଥିତ ସୁଜୁନାପାଳ ଗ୍ରାମରେ ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା ଏବଂ ଜଳ ସଂଗ୍ରକ୍ଷଣ ବିଷୟକୁ ନେଇ ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁଙ୍କ ନେତୃତ୍ୱରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଗକୁ ଖରାଦିନ ଆସୁଥିବାରୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଏବଂ ବନ୍ୟ ପ୍ରାଣୀ ମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ତ୍ରିଲୋଚନ ସାହୁ ଲୋକମାନଙ୍କୁ ନିଜ ଅଭିଭାଷଣରେ କହିଥିଲେ । ଜଙ୍ଗଲ ସୁରକ୍ଷା ଏବଂ ଜଳ ସୁରକ୍ଷାକୁ ପ୍ରାଧାନ୍ୟ ନେଇ ଆମେ ଆଗାମୀ ଦିନରେ ପ୍ରକୃତିକୁ ସୁରକ୍ଷା ପାଇଁ କାର୍ଯ୍ୟ କରିବା ପାଇଁ ଅଧିକ ଯତ୍ନବାନ ହେବାପାଇଁ ପ୍ରସନ୍ନ ସାହା ମତ ରଖିଥିଲେ । ସୁଜୁନାପାଳ ଗ୍ରାମର ସତ୍ୟାନନ୍ଦ ଉପରୋକ୍ତ ବିଷୟ ଉପରେ ଗୁରୁତ୍ୱାରୋପ ନେଇ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ରଞ୍ଜିତ ନାୟକ, ନାରାୟଣ ଦେହୁରୀ, ପ୍ରଦୀପ କୁମାର ରାମ ଏବଂ ଫରେଷ୍ଟ ଗାର୍ଡ଼ ଜଗନ କୁମାର ଦେହୁରୀ କାର୍ଯ୍ୟକ୍ରମ ବାବଦରେ ବୁଝାଇଥିଲେ । ଆଗାମୀ ଦିନରେ ଏହିଭଳି ବନ୍ୟପ୍ରାଣୀ ସଚେତନତା ଶିବିର ଏବଂ ଜଙ୍ଗଲ ନିଆଁକୁ ରୋକିବା ପାଇଁ ଆନନ୍ଦପୁର ଉପଖଣ୍ଡର ପ୍ରତ୍ୟେକ ଗ୍ରାମରେ ଆୟୋଜନ କରାଯାଇ ଲୋକମାନଙ୍କୁ ସଚେତନତା କରିବା ପାଇଁ ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁ ସୂଚନା ଦେଇଛନ୍ତି ।

# ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ମିଶନ୍ ଶକ୍ତି ବଜାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହିଳାଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ମିଶନ୍ ଶକ୍ତି ବଜାର ପ୍ରତିଷ୍ଠା କରାଯାଉଛି । ଏହି କ୍ରମରେ ସହରରେ ମିଶନ୍ ଶକ୍ତି ବଜାର ନର୍ମାଣ ନେଇ ବିଏମ୍‌ସି ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ପ୍ରକଳ୍ପ ପାଇଁ ବିଇଏମ୍‌ସି ପକ୍ଷରୁ ବିଭିନ୍ନ ଜାଗା ପରିଦର୍ଶନ କରିବା ପରେ ସହରର ମଧ୍ୟସ୍ଥଳ ଟାଟାବେଞ୍ଜ୍ ଛକ ନିକଟରେ ଆବଶ୍ୟକ ଜମି ମିଳିଥିବା ଜଣାପଡ଼ିଛି । ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ଟାଟାବେଞ୍ଜ ଛକ ଠାରୁ କମାପଲ୍ଲୀ ଛକ ଭିତରେ ମିଶନ୍ ଶକ୍ତି ବଜାର ନିର୍ମାଣ ପାଇଁ ଡ଼ିପିଆର୍ ପ୍ରସ୍ତୁତ କରାଯାଇଛି । ପ୍ରାୟ ଗୋଟିଏ ଏକର ଜମିରେ ହେବାକୁ ଥିବା ଏହି ମିଶନ୍ ଶକ୍ତି ବଜାରରେ ଗୋଟିଏ ମାର୍କେଟ୍ କମ୍ପ୍ଲେକ୍ସ, ମିଶନ୍ ଶକ୍ତି କାଫେ ସହ ଅନ୍ୟାନ୍ୟ ବ୍ୟବସ୍ଥା ରହିବ । ମାର୍କେଟ୍ କମ୍ପ୍ଲେକ୍ସଟି ଗ୍ରାଉଣ୍ଡ ଫ୍ଲୋର ସହ ଦୁଇ ମହଲା କୋଠା ବିଶିଷ୍ଟ ହେବ । ଏଥିରେ ମୋଟ ୨୪ଟି ଦୋକାନ ଘର ରହିବ । ପ୍ରତ୍ୟେକ ମହଲାରେ ୫୫ ବର୍ଗମିଟର ବିଶିଷ୍ଟ ୮ଟି ଲେଖାଏଁ ଦୋକାନ ରହିବା ବ୍ୟବସ୍ଥା କରାଯାଉଛି । ସେହିଭଳି ୨୪୬ ବର୍ଗମିଟରରେ ରହିବ ମିଶନ୍ ଶକ୍ତି କାଫେ । ଏହି କାଫେରେ ଥରକେ ୪୦ ଜଣ ବସି ଖାଦ୍ୟ ଗ୍ରହଣ କରିପାରିବେ । ଏହାର ପରିସରରେ ୧୦୦ଟି ଦୁଇ ଚକିଆ ଗାଡ଼ି ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି । ବୈଠକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଜାଗାର ବ୍ୟବସ୍ଥା ରହିବ । ଚଳିତ ମାସରେ ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ବେଳେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ଭିତ୍ତିପ୍ରସ୍ତର ପଡ଼ିବ ବୋଲି ସୂଚନା ମିଳିଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସଶକ୍ତ କରିବାପାଇଁ ମିଶନ ଶକ୍ତି ବଜାରର ପରିକଳ୍ପନା କରାଯାଇଛି । ବ୍ରହ୍ମପୁର ସହରରେ ମିଶନ୍ ଶକ୍ତି କାଫେ୍ ନଥିବା ଯୋଗୁଁ ୫-ଟି ଅଧ୍ୟକ୍ଷ ୨୦୨୩ ଏପ୍ରିଲ୍ ମାସରେ ବ୍ରହ୍ମପୁର ଗସ୍ତ ବେଳେ ତୁରନ୍ତ ସ୍ଥାନ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ । ଜାଗା ଚିହ୍ନଟ କରିବାକୁ ବିଇଏମ୍‌ସିକୁ ବହୁ ମାସ ଲାଗିବା ପରେ ବିଳମ୍ବ ହେଲେ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ତତ୍ପରତା ପ୍ରକାଶ କରିଛି । ଅପରପକ୍ଷେ ସହରରେ ପୂର୍ବରୁ ଗୋଟିଏ ମିଶନ୍ ଶକ୍ତି ବଜାର ମିନାକ୍ଷୀନଗର ଠାରେ ରହିଛି । ସେଠାରେ ଆଚାର ପ୍ରସ୍ତୁତି ସହ ବିକ୍ରି ହେଉଛି । ଏବେ ଦ୍ୱିତୀୟ ମିଶନ୍ ଶକ୍ତି ବଜାରକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀମାନେ ବେଶ୍ ଉତ୍ସାହିତ ରହିଛନ୍ତି ।

# ପ୍ରବୀଣ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ପ୍ରବୀଣ କ୍ରୀଡା ଶିକ୍ଷକ ତଥା ବର୍ଷିଆନ ସମାଜସେବୀ ପ୍ରଭାକର ଜେନାଙ୍କ ୮୪ ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ବ୍ୟାଧିରେ ପୀଡିତ ଥାଇ ମାଲବିହାରପୁରସ୍ଥ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କନକପ୍ରଭା, ଦୁଇପୁତ୍ର ପ୍ରଭୁଦତ୍ତ, ବିଭୁଦତ୍ତ, କନ୍ୟା ଜୟଶ୍ରୀ ବେହେରା, ଶଳା ତଥା ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଓ ଗ୍ରାମର ବହୁ ମୁରବୀ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ସ୍ୱର୍ଗତ ଜେନା ଜଣେ ଖ୍ୟାତ ନାମା ଫୁଟବଲ ଖେଳାଳୀ ରାଜ୍ୟ ପାଇଁ ଅନେକ ଥର ତାଙ୍କ କ୍ରୀଡା ପ୍ରଦର୍ଶନ କରି ସୁନାମ ଅର୍ଜନ କରିଥିଲେ । ସେ ଜଣେ ଲୋକ ପ୍ରିୟ, ଅମାୟିକ, ମିଷ୍ଟାଭାଷୀ, ଭାଗବତ ପ୍ରେମୀ ଭାବେ ସାଧାରଣରେ ବେଶ୍ ଲୋକ ପ୍ରିୟ ଥିଲେ । ଶେଷ କୃତ ଗ୍ରାମ ମଶାଣିରେ କରାଯାଇଥିଲା ।

# ଶ୍ରୀରାମ ନବମୀ ମହୋତ୍ସବକୁ ଅତ୍ୟନ୍ତ ଭବ୍ୟ ଓ ଚିତ୍ତାକର୍ଷକ କରାଯିବ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**




ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମୁକ୍ତି ଆନ୍ଦୋଳନର ଅଂଶ ବିଶେଷ ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଜିଲ୍ଲାର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପରିଚୟ ପ୍ରଦାନ କରେ । ଚଳିତ ବର୍ଷ ଶ୍ରୀରାମ ନବମୀ ମହୋତ୍ସବକୁ ଅତ୍ୟନ୍ତ ଭବ୍ୟ, ଦିବ୍ୟ ଓ ଚିତ୍ତାକର୍ଷକ ରୂପରେ ପାଳନ କରିବାକୁ ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରୁ ଦିବଂଗତ ସଭାପତି ବରିଷ୍ଠ ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ ମଞ୍ଚାସୀନ ରହି ଭଦ୍ରକ ଜିଲ୍ଲାର ଏହି ପ୍ରସିଦ୍ଧ ରାମ ନବମୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସାଧାରଣ ସମ୍ପାଦକ ଶ୍ରୀ ପଡ଼ିଆରୀ ଗତ ବର୍ଷ ୨୦୨୩ ମସିହାର ଶ୍ରୀରାମ ନବମୀ ମହୋତ୍ସବ ପାଳନ ସମ୍ବନ୍ଧରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପୂର୍ବ ବର୍ଷର ଶ୍ରେଷ୍ଠ ମେଢ଼ କମିଟି ଭାବେ ଜଗନ୍ନାଥପୁର ମେଢ଼ କମିଟିକୁ ସମ୍ବର୍ଦ୍ଧିତ କରାଯିବା ସହ ଗୋ ପୂଜନ କାର୍ଯ୍ୟକ୍ରମର ଅଂଶ ଗ୍ରହଣ କରିଥିବା ସମସ୍ତ ଗୋ ପାଳକଙ୍କୁ ମାନପତ୍ର ଉତ୍ତରୀୟ ଏବଂ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ଶ୍ରୀରାମ ନବମୀ କାର୍ଯ୍ୟକ୍ରମ ଗୁଡିକୁ ଶୃଙ୍ଖଳିତ, ସଫଳ ଓ ଭବ୍ୟ କରିବା ପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ ସଂଯୋଜକ ଶ୍ରୀ ରାଉତ ଘୋଷଣା କରିଥିଲେ । ଅନୁଷ୍ଠିତ ବୈଠକରେ ଉପ ସଭାପତି ଯଥାକ୍ରମେ ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, କଂହେଇ ଚରଣ ଦାସ ଏବଂ ସମ୍ପାଦକ ଯଥାକ୍ରମେ ସ୍ୱାଧୀନ ସୁନ୍ଦର ଦାସ, ଆଇନଜୀବୀ ତୁଷାର କାନ୍ତ ଦାସ, ସ୍ୱରୂପା ନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ ଉପସ୍ଥିତ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଅଭିମନ୍ୟୁ ସେଠୀ, ଡ଼ା. ପ୍ରଦୀପ ନାୟକ, ଦୀନବନ୍ଧୁ ପତି, ରଘୁନାଥ ସାହୁ, ଡ଼. ଦେବରାଜ ପାତ୍ର, ବିଜୟ ଭୂଷଣ ନାୟକ, ହେମନ୍ତ ପାଢ଼ୀ, କୈଳାସ ଦାସ, ସୀତାଂଶୁ ଶେଖର ମହାପାତ୍ର, ଶ୍ରୀହର୍ଷ ସ୍ୱାଇଁ, ପ୍ରେମାନନ୍ଦ ବେହେରା, ଶୁଭଙ୍କର ମହାପାତ୍ର, ଶଶିକାନ୍ତ ବିଶ୍ୱାଳ, ବିଦ୍ୟାଧର ସାହୁ, ପୂର୍ଣ୍ଣଚନ୍ଦ୍ର ପାଣି, ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହନ୍ତ, ପ୍ରଭାତ ମହାନ୍ତି, ବିକାଶ ପାଢ଼ୀ, ସନ୍ତୋଷ ସାହୁ, ବିଭୁ ଚନ୍ଦନ ଜେନା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଜୟ ପ୍ରକାଶ ମଲ୍ଲିକ, ଘାଉଲି ଜେନା, ଗଣେଶ ଚନ୍ଦ୍ର ଦାସ, ସତ୍ୟ ମହାନ୍ତି, ବୃନ୍ଦାବନ ଜେନା, ରବୀନ୍ଦ୍ର ଦେଓ, ରୋହିତ ଜେନା, ବିଜୟ କୁମାର ମିଶ୍ର, ସୁବାସ ମିଶ୍ର, ରବି ନାରାୟଣ ପଣ୍ଡା, ଭୁବନା ନନ୍ଦ ମିଶ୍ର ଏବଂ କୈଳାସ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ । ଆଗାମୀ ଦିନରେ ଭିନ୍ନ ଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ନେଇ ବୈଠକ ହେବା ସହ ଯୋଜନା ପ୍ରସ୍ତୁତ କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି ।

# ହିନ୍ଦୁ ଏକତା ମଞ୍ଚର କାର୍ଯ୍ୟକାରିଣୀ ବୈଠକ

**କଟକ, ନ୍ୟୁଜ୍ ବ୍ୟୁରୋ**

ହିନ୍ଦୁ ଏକତା ମଞ୍ଚ, କଟକ ଜିଲ୍ଲାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ପୋତାପୋଖରୀ ନୂଆବଜାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉପ ସଭାପତି ସୁଜାତା ଦାସଙ୍କ ପୌରୋହିତ୍ୟରେ ଓ ରାଜ୍ୟ ସଂଯୋଜକ ପ୍ରଦୀପ୍ତ କୁମାର ଜେନାଙ୍କ ଉପସ୍ଥିତ ବୈଠକରେ ଉପଦେଷ୍ଟା ଡାକ୍ତର ପ୍ରଭାତ କୁମାର ସାହୁ, ଡ. ଅର୍ଜୁନ ଚରଣ ମଲ୍ଲିକ, ଜିଲ୍ଲା ସଂଯୋଜକ ମନୋଜ କୁମାର ପଣ୍ଡା ପ୍ରମୁଖ ମାର୍ଗଦର୍ଶନ କରିଥିଲେ । ମମତା ତ୍ରିପାଠୀ ସ୍ୱାଗତ ସଂଗୀତ ଗାନ କରିବା ପରେ ରାଜ୍ୟ ସଂଯୋଜକ କଟକ ଜିଲ୍ଲା ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ । ସଭାପତି ଭାବେ ପ୍ରଶାନ୍ତ କର, ଉପ ସଭାପତି ସୁଜାତା ଦାସ, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ସହ ସମ୍ପାଦକ ଶିବଚରଣ ପ୍ରଧାନ, ସହ ସଂଯୋଜକ ଭାରତ ଭୂଷଣ ରାୟ, କୋଷାଧ୍ୟକ୍ଷ ତେଜପାଲ ଧନୁକା, ମୁଖ୍ୟ ଉପଦେଷ୍ଟା ଡ.ପି.ଏଲ. ନାୟକ, ଉପଦେଷ୍ଟା ପ୍ରାଣକୃଷ୍ଣ ଜେନା, କୁଞ୍ଜମୋହନ ସେଠୀ । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁରେନ୍ଦ୍ର ମହାପାତ୍ର, ହୃଷିକେଶ ନନ୍ଦ, ରୀନାରାଣୀ ଶତପଥି, ଶରତ ଚନ୍ଦ୍ର ସେଠୀ, ମନୋରଞ୍ଜନ ମହାନ୍ତି, ପ୍ରଭାତ ମହାପାତ୍ର, ବିଶ୍ୱଜିତ ପାଣ୍ଡେ, ମଧୁସ୍ମିତା ପଟ୍ଟନାୟକ ଓ ମମତା ତ୍ରିପାଠୀଙ୍କୁ ନିଆଯାଇଛି ବୋଲି ରାଜ୍ୟ ସଂଯୋଜକ ଶ୍ରୀ ଜେନା ଘୋଷଣା କରିଛନ୍ତି ।




# ଏସବିଆଇ ଓ ଗ୍ରାହକ ସେବାକେନ୍ଦ୍ର ସମନ୍ୱୟ ବୈଠକ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଓ ଗ୍ରାହକ ସେବା କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଞ୍ଚଳିକ ପ୍ରବନ୍ଧକ ସୁବାଷ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରୂପେ ଡିଜିଏମ ଶ୍ରୀକାନ୍ତ ତ୍ରିପାଠୀ, ଏଜିଏମଏଫଆଇ ପ୍ରଦୀପ୍ତ କୁମାର ବେହେରା, ସିଏମଏଫଆଇ ଜୋନାଲ ଅଫିସ ମାଧବାନନ୍ଦ ଦାସ, ଏଫଆଇ ମ୍ୟାନେଜର ଅନୁରାଧା ଅଗ୍ରୱାଲ, ଦିପକ ନାୟକ, ସାଲେପୁର ଶାଖା ପରିଚାଳକ ସଂଘମିତ୍ରା ବାରିକ, ଜିରୋମାସ ବିସିର ଆସିଷ୍ଟାଣ୍ଟ ମ୍ୟାନେଜର ହିମାଂଶୁ ଆଚାର୍ଯ୍ୟ, ଟିମ୍ ଲିଡର ବାମଦେବ ସ୍ୱାଇଁ ଯୋଗଦେଇ ଗ୍ରାହକସେବା କେନ୍ଦ୍ର ପରିଚାଳକମାନେ କିପରି ଭାବେ ବ୍ୟାକିଂସେବାକୁ ଗ୍ରାମାଞ୍ଚଳରେ ସଠିକ୍ ଭାବେ ଗ୍ରାହକଙ୍କ ନିକଟରେ ପହଞ୍ଚାଇ ପାରିବେ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତାକୁ କିପରିଭାବେ ସହଜରେ ଲୋକଙ୍କ ନିକଟରେ ପହଞ୍ଚାଇ ପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସେବାରେ ଉଲ୍ଲେଖନୀୟ କାର୍ଯ୍ୟକଲେ ଗ୍ରାହକ ସେବା କେନ୍ଦ୍ରକୁ ସମ୍ବର୍ଦ୍ଧିତ କରାଯିବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ଏଥିରେ କେନ୍ଦୁପାଟଣା, ମାହାଙ୍ଗା, ସାଲେପୁର, ଟାଙ୍ଗି, ଗୋପିନାଥପୁର ବ୍ୟାଙ୍କ ଶାଖାର ୪୦ ରୁ ଉର୍ଦ୍ଧ୍ୱ ଗ୍ରାହକ ସେବାକେନ୍ଦ୍ରର ପରିଚାଳକମାନେ ଯୋଗଦାନ କରିଥିଲେ ।

# ବ୍ୟଙ୍ଗକବି ଅପର୍ତ୍ତି ସେଠୀଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବ୍ୟଙ୍ଗକବି ଭାବେ ପରିଚିତ ଅର୍ପିତି ଚରଣ ସେଠୀଙ୍କୁ ଉତ୍କଳ ଭାରତୀ ଡ଼ଃ କୁନ୍ତଳା କୁମାରୀ ସାବତଙ୍କ ଜନ୍ମତିଥି ଅବସରରେ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ସେଠୀଙ୍କୁ ସମିତି ତରଫରୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି, ସମ୍ପାଦକ ଓ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଉଦ୍‌ଯାପିତ ହେଲା ତୃତୀୟ ବାଉଁଶୁଣୀ ଲୋକମହୋତ୍ସବ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ଗତ ସୋମବାର ଠାରୁ ଚାଲିଥିବା ତୃତୀୟ ବାଉଁଶୁଣି ଲୋକ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ପରିଷଦର ସଭାପତି ଉମାଶଙ୍କର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥିଭାବେ ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, କନ୍ଧମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଅବସରପ୍ରାପ୍ତ ଅତିରିକ୍ତ ଜଳସେଚନ ମୁଖ୍ୟ ଯନ୍ତ୍ରୀ ପ୍ରଭାତ କୁମାର ରଥ, କନ୍ଧମାଳ ବିଧାୟକ ପ୍ରତିନିଧି ସୁଧାଂଶୁ ରଣା, କସୁରବନ୍ଧ ସରପଞ୍ଚ ସରୋଜ କର୍ଣ୍ଣ ଅଞ୍ଚଳର ଲୋକକଳାକୁ ବିକାଶ କରିବାର ଏକ ମାଧ୍ୟମ ହେଉଛି ମହୋତ୍ସବ । ମଞ୍ଚ ଦ୍ୱାରା କଳାକାର ନିଜର ପରିଚୟ ସୃଷ୍ଟି କରିଥାଏ । ତେଣୁ ଅଞ୍ଚଳରେ ମହୋତ୍ସବ କରିବା ଜରୁରୀ । ଏହା ଦ୍ୱାରା କଳାକାର ନିଜର ପ୍ରତିଭା ଦେଖାଇଥାଏ ବୋଲି ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଷଦର ସଭ୍ୟ ଚକ୍ରଧର ମେହେର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ପରିଷଦର ଆବାହକ ଦଶରଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ବାଉଁଶୁଣି ବୀଣାଭାରତୀ ପବ୍ଲିକ ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହାପରେ ସାମ୍ବାଦିକତା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ସାମ୍ବାଦିକ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବ ପରେ ନୂପୁର ଧ୍ୱନି, ଖୋର୍ଦ୍ଧାର ରାଜସ୍ଥାନୀ ନୃତ୍ୟ, ଡେଙ୍ଗା ନୃତ୍ୟ ଓ ଶାଶ୍ୱତ ମେଲୋଡି ମଧ୍ୟ ରାତ୍ରୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବାଉଁଶୁଣି ସାଂସ୍କୃତିକ ପରିଷଦର ମନୋଜ ଗାଇଗୋରିଆ, ବିକାଶ ଅଗ୍ରୱାଲ, ଅଭିନାଶ ମିଶ୍ର, ବ୍ରିଜେଶ ନାୟକ, ଶମ୍ଭୁପ୍ରସାଦ ମେହେର, ସନ୍ତୋଷ ଥନାପତି, ପ୍ରଫୁଲ୍ଲ ପତି, ଉତ୍ତମ ନାଏକ, ସନ୍ତୋଷ କୁମାର ହାତୀଙ୍କ ସମେତ ସମସ୍ତ ସଭ୍ୟ ଓ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ମାଁ ମାହେଶ୍ୱରୀ ଜୁନିଅର୍ କଲେଜର ଛାତ୍ରମାନେ ସହଯୋଗ କରିଥିଲେ । ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ତନିସା ଅଗ୍ରୱାଲ, ଅଭିପ୍ସା ରଥ, ଛବିଳ ମେହେର ଓ ଶ୍ରୀନିବାସ ମେହେର ପରିଚାଳନା କରିଥିଲେ । ଶେଷ ଦିନରେ ପ୍ରାୟ ୨୦ ହଜାର ଲୋକଙ୍କ ଭିଡ଼ ହୋଇଥିବା ଦେଖିବାକୁ ମିଳିଥିଲା ।



# ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ସମାରୋହ

**କିଶନନଗର, ନ୍ୟୁଜ୍ ବ୍ୟୁରୋ**

କଟକ ସଦର ନିର୍ବାଚନ ମଣ୍ଡଳୀର ୪୨ ମୌଜା ଉପକଣ୍ଠ କୂଳସରିଚୁଆଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ - ୨୦୨୪ ପାଳନ ଅବସରରେ ଆଲୋଚନ ଚକ୍ର, ସମ୍ବର୍ଦ୍ଧନା ସଭା ସରପଞ୍ଚ ବନମାଳୀ ବିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କୂଳସରିଚୁଆଁ ଉଚ୍ଚ ବିଦ୍ୟାଳୟ ଓ ମହେନ୍ଦ୍ର ସ୍ମୃତି ନୀଳକଣ୍ଠନାଥ ବିଦ୍ୟାପୀଠର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିବା ସହ ସେମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରିୟା ପ୍ରିୟଦର୍ଶିନୀ ରାଉଳ, ଅମ୍ରିତା ପ୍ରିୟଦର୍ଶିନୀ ବେଉରା, ଅଗ୍ନିଶ୍ରୀ ପଣ୍ଡା ପର୍ଯ୍ୟାୟକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଛନ୍ତି । ଏହି ସାହିତ୍ୟ ମହା କୁମ୍ଭରେ ଶିକ୍ଷାବିତ ପ୍ରାଣକୃଷ୍ଣ ମହାରଣା, ନାଟ୍ୟକାର ପବିତ୍ର ମୋହନ ପ୍ରଧାନ, ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସାହୁ, ଜିଆରଏସ ତଥା ସୁବକ୍ତା ଅକ୍ଷୟ କୁମାର ଶତପଥୀ, ନାଏବ ସରପଞ୍ଚ ଅମିତା ସାହୁ, କୂଳସରିଚୁଆଁ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଅଲିଭା ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ମିହିର ରଞ୍ଜନ ନାୟକ, ସାହିତ୍ୟିକ ଇଂ.ସେବକ ଶ୍ରୀକାନ୍ତ ପ୍ରମୁଖ ଯୋଗଦାନ କରି ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସୁରକ୍ଷା ଓ ପ୍ରଚାର ପ୍ରସାର ଦିଗର ଉଲ୍ଲେଖନୀୟ କୃତିତ୍ୱ ପାଇଁ ବରିଷ୍ଠ ସାହିତ୍ୟିକ ସୁଦାମ ଚରଣ ବେହେରା, ନାଟ୍ୟକାର ପବିତ୍ର ମୋହନ ପ୍ରଧାନ, ବରିଷ୍ଠ ଶିକ୍ଷାବିତ ପ୍ରାଣକୃଷ୍ଣ ମହାରଣା, ମୁହାଁଣ ସାହିତ୍ୟ ସଂସଦ ମୁମ୍ବାଇ ସଦସ୍ୟ ପ୍ରାବନ୍ଧିକ ଇଂ.ସେବକ ଶ୍ରୀକାନ୍ତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜାରକା ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣରେ ବିଳମ୍ବ ନେଇ ଏନଏଚଏଆଇଙ୍କୁ ଅଭିଯୋଗ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ଧର୍ମଶାଳା ବ୍ଲକ ଜାରକା ଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବା ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସହିତ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଦାବି କରିଛନ୍ତି । ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ନେଇ ଯାଜପୁର ଜିଲ୍ଲାପାଳ ପତ୍ର ଲେଖିବାର ଆଠମାସ ବିତିଯାଇଥିଲେ ମଧ୍ୟ ଏଯାବତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସାକ୍ଷାତ କରିବା ସମୟରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ତଥା ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଜାରକା ଯାଜପୁର ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଏଠାକୁ ବ୍ୟବସାୟ କାର୍ଯ୍ୟରେ ଦୈନିକ ଶହ ଶହ ଲୋକ ବସ୍ ଯୋଗେ ଯିବା ଆସିବା କରିଥାନ୍ତି । ଜାରକା ନିକଟରେ ବିଶ୍ୱପ୍ରସିଦ୍ଧ ଲାଙ୍ଗୁଡି ବୌଦ୍ଧକିର୍ତ୍ତୀ ସହିତ ଏକାଧିକ ପର୍ଯ୍ୟଟନ କେନ୍ଦ୍ର ରହିଅଛି । ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜାରକା ଅବସ୍ଥିତ ହୋଇଥିବା ବେଳେ ଏଠାରେ ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ତଥା ଶିକ୍ଷାନୁଷ୍ଠାନ ରହିଥିବାରୁ ଛାତ୍ରଛାତ୍ରୀ ତଥା ଜନସାଧାରଣ ନିୟମିତ ଭାବେ ବସ୍ ଯୋଗେ ଆସିଥାନ୍ତି । ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ଜନସାଧାରଣ ରାସ୍ତା କଡରେ ଖୋଲା ଆକାଶ ତଳେ ଠିଆହୋଇ ବସ୍‌କୁ ଅପେକ୍ଷା କରି ରହୁଛନ୍ତି । ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ରତାପ ଏବଂ ବର୍ଷା ଋତୁରେ ମୂଷଳଧାରା ବର୍ଷା ଯୋଗୁଁ ଜନସାଧାରଣଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁପଡୁଛି । ଜାରକା ଫ୍ଲାଇ ଓଭର ବ୍ରିଜ୍ ନିକଟରେ ଥିବା ବସ୍‌ଷ୍ଟପର ଉଭୟ ପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଆମ୍ଭର ପିତା ସ୍ୱର୍ଗତ ରବି ଲାବଣ୍ୟ ଯାଜପୁରର ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିକଟରେ ଦାବି କରିଥିଲେ । ଜିଲ୍ଲାପାଳ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଗତ ତା.୦୧.୦୬.୨୦୨୩ରିଖରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଥିବା ନେଇ ଏନ୍.ଏଚ୍.ଏଆଇ ପିଡି ଜେ.ପି ବର୍ମାଙ୍କୁ ସାକ୍ଷାତ କରିବା ସମୟରେ ଦୁଇଭାଇ ଅବଗତ କରିଥିଲେ । ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବା ସମୟରେ ସ୍ଥାନୀୟ ଲୋକ ବାଧା ଦେବାରୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିବା ନେଇ ପିଡି ଜେ.ପି ବର୍ମା ଆଲୋଚନା ସମୟରେ ପ୍ରକାଶ କରିଥିଲେ । ଜିଲ୍ଲାପାଳ ତାଙ୍କ ପତ୍ରରେ ନିର୍ମାଣ କାର୍ଯ୍ୟରେ କେହି ବାଧାଦେଲେ ଧର୍ମଶାଳା ତହସିଲଦାରଙ୍କୁ ଜଣାଇବା ପାଇଁ ଉଲ୍ଲେଖ କରିଥିବାରୁ ନିର୍ମାଣ କାର୍ଯ୍ୟ ଅବିଳମ୍ବେ ଆରମ୍ଭ କରିବାକୁ ଦୁଇଭାଇ ଆଲୋଚନା ସମୟରେ ପିଡିଙ୍କୁ ବିନମ୍ର ଅନୁରୋଧ କରିଛନ୍ତି । ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ନେଇ ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଜାଣିବାକୁ ମିଳିଛି ।

# ଆଇନଜୀବୀଙ୍କ ପରଲୋକରେ ଶୋକସଭା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ଜଣାଶୁଣା ଅଇନଜୀବୀ ଶିବ ପ୍ରସାଦ ସାମନ୍ତରାୟଙ୍କ ଏକ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ଜିଲ୍ଲା ଆଇନଜୀବୀ ସଂଘ ତରଫରୁ ଏକ ଶୋକସଭା ବାର୍ ଆସୋସିଏସନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘର ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକ ସଭାରେ ଜିଲ୍ଲା ଓ ଦୌରାଜଜ୍ ବିଶ୍ୱଜିତ ମହାନ୍ତିଙ୍କ ସମେତ କୋର୍ଟର ସମସ୍ତ ବିଚାରପତି ଓ ଆଇନଜୀବୀମାନେ ଉପସ୍ଥିତ ରହି ସ୍ୱର୍ଗତ ସାମନ୍ତରାୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ସାମନ୍ତରାୟ ଜଣେ ସମାଜସେବୀ, ମିଷ୍ଟଭାଷୀ, ପରୋପକାରୀ ଏବଂ ଶାନ୍ତ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ମତ ପ୍ରକାଶ ପାଇଥିଲା । ଓକିଲ ସଂଘର ସମ୍ପାଦକ ଧନୁର୍ଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ତିର୍ତ୍ତୋଲ ନିର୍ବାଚନୀ ହାଲ୍‌ଚାଲ୍:ବିଜେଡିରେ ଆଶାୟୀଙ୍କ ଲମ୍ବାଲିଷ୍ଟ, କାହା ମୁଣ୍ଡରେ ସୁନା କଳସ ?

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଆଉ ୨ ମାସ ପରେ ହେବାକୁ ଯାଉଛି ୨୦୨୪ ସାଧାରଣ ନିର୍ବାଚନ । ଜଗତସିଂହପୁର ଜିଲ୍ଲା ୪ଟି ନିର୍ବାଚନ ମଣ୍ଡଳୀ ମଧ୍ୟରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ସଦା ସର୍ବଦା ଚର୍ଚ୍ଚାରେ ରହିଆସିଛି । ବିଜେପି ଓ କଂଗ୍ରେସ ଦଳରେ ପାର୍ଥୀଙ୍କ ମାନସ ମନ୍ଥନ ହେଉନଥିବାବେଳେ ବିଜେଡି ଦଳରେ ଆଶାୟୀଙ୍କ ଲମ୍ବା ଲିଷ୍ଟ ବଢ଼ିବାରେ ଲାଗିଛି । ତିର୍ତ୍ତୋଲ ବିଜେଡି ଦଳରେ ଲମ୍ବା ତାଲିକା ମଧ୍ୟରୁ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା ଅନ୍ୟତମ ଚେହେରା ଭାବେ ଉଭା ହୋଇଛନ୍ତି । ଏଥର ବିଜେଡି ସୁପ୍ରିମୋ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ପାଇଁ କାହା ମୁଣ୍ଡରେ ସୁନା କଳସ ଢାଳୁଛନ୍ତି ସମୟକୁ ଅପେକ୍ଷା । ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବେଶ୍ ପରିଚିତ ନାଁଟିଏ । ସମସ୍ତଙ୍କ ସୁଖ ଦୁଃଖରେ ଭାଗୀ ହେବା ଓ ସରକାରଙ୍କ ବିକାଶମୂଳକ କାର୍ଯ୍ୟଧାରାକୁ ଆଗେଇନେବା ସବୁଥିରେ ଦକ୍ଷ କରିତକର୍ମା କର୍ମୀ ଅଟନ୍ତି । ସେ ଜଣେ ଧୂରୀଣ ଓ ଦକ୍ଷ ସଂଗଠକ । ଯେଣେ ଆର୍କିଟେକ୍ ହୋଇଥିବା ବେଳେ ସେବା ମନବୃତିନେଇ ରାଜନୀତିରେ ପାଦ ଥାପିଛନ୍ତି । ଅଧ୍ୟକ୍ଷ ଶ୍ରୀ ବେହେରା ହେଉଛନ୍ତି ସାମନ୍ତରାପୁର ପଞ୍ଚାୟତ ଉକୁସାହି ଗ୍ରାମରେ ଘର । ସେ ସେହି ପଞ୍ଚାୟତରେ ସରପଞ୍ଚ ଭାବେ ଦୀର୍ଘ ବର୍ଷଧରି ଜନସାଧାରଣଙ୍କ ନିସ୍ୱାର୍ଥପର ଭାବେ ସେବା କରିଛନ୍ତି । ଏବେ ସେହି ପଞ୍ଚାୟତରେ ସମିତି ସଭ୍ୟ ଭାବେ ନିର୍ବାଚିତ ହେବାପରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ରାଜ୍ୟ ସରକାରଙ୍କର ବିଭିନ୍ନ ଯୁଗାନ୍ତକାରୀ ଜଣକଲ୍ୟାଣ ଯୋଜନାକୁ ଅଞ୍ଚଳରେ ସଫଳ ରୂପାୟନ କରିପାରିଥିବାରୁ ଲୋକମାନଙ୍କ ନିକଟରେ ଆସ୍ଥାଭାଜନ ହୋଇପାରିଛନ୍ତି । ଏହି ଲମ୍ବାତାଲିକା ମଧ୍ୟରେ ତାଙ୍କ ନାମବି ଯୋଡିହୋଇଛି । ତିର୍ତ୍ତୋଲ ବିଧାନସଭା କ୍ଷେତ୍ର ବିଷୟକୁ ଅନୁଧ୍ୟାନ କରିବା, ବିଜେପି ଏହି ଆସନ ପାଇଁ ପୂର୍ବଥର ପ୍ରତିଦ୍ୱନ୍ଦ୍ୱିତା କରିଥିବା ଆଡଭୋକେଟ ରାଜକିଶୋର ବେହେରାଙ୍କୁ ସୁଯୋଗ ଦେଇପାରେ ବୋଲି ଆଲୋଚନା ହେଉଥିବା ବେଳେ ଏହି ଦଳରେ ମଧ୍ୟ ଅନେକ ଆଶାୟୀ ପ୍ରାର୍ଥୀ ଆଶା ବାନ୍ଧି ବସିଛନ୍ତି । କଂଗ୍ରେସ ହିମାଂଶୁ ଭୂଷଣ ମଲ୍ଲିକଙ୍କୁ ଭରସା କରିରହିଛି । ଆଉ ଶାସକ ବିଜେଡି ଦଳରେ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଛି । ସାଂସଦ ଡ଼ଃ. ରାଜଶ୍ରୀ ମଲ୍ଲିକ, ବିଧାୟକ ବିଜୟ ଶଙ୍କର ଦାସ, ମହିଳା କମିଶନ ଅଧ୍ୟକ୍ଷ ମୀନତି ବେହେରା, ରଘୁନାଥପୁର ବ୍ଲକ ଅଞ୍ଚଳର ବିଜେଡି ସଂଗଠକ ଯୁଧିଷ୍ଠିର ସେଠୀ, ବିରିଡି ବ୍ଲକ ଅଞ୍ଚଳର ବିଜେଡି ସଂଗଠକ ରମାକାନ୍ତ ଭୋଇ ଓ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା ପ୍ରମୁଖ ଲବିରେ ରହିଛନ୍ତି । ମୀନତି ବେହେରାଙ୍କ କଥାକୁ ଯଦି ବିଚାରକୁ ନିଆଯାଏ ତାଙ୍କୁ ଦଳ ଏକ ପଦବୀରେ (ମହିଳା କମିସନ ଅଧ୍ୟକ୍ଷା) ଭାବେ ସ୍ଥାପିତ କରିଥିବା ବେଳେ ତାଙ୍କର ବିଧାୟକ ପଦବୀର ଆବଶ୍ୟକତା କେତେ ତାହା ସମୟ କହିବ, ଆଉ ଜଣେ ଆଶାୟୀ ହେଲେ ଯୁଧିଷ୍ଠିର ସେଠୀ ତାଙ୍କ କଥା ଯଦି ବିଚାରକୁ ନିଆଯାଏ ତେବେ ସେ ଗତ ପ୍ରାୟ ଦୁଇଟି ନିର୍ବାଚନ ଗଲାଣି ସେ ତାଙ୍କର ପ୍ରଚେଷ୍ଟା ଜାରି ରହିଛି । ଆଉ ଜଣେ ହେଲେ ଜଗତସିଂହପୁର ସାଂସଦ ଡ଼ଃ. ରାଜଶ୍ରୀ ମଲ୍ଲିକ ପ୍ରଥମେ ବିଧାୟିକା ଓ ପରେ ସାଂସଦ । ସେ ଜଣେ ରାଜନୀତିରେ ମେକର କହିଲେ ଅତ୍ୟୁକ୍ତି ହେବନାହିଁ । ସେ ଜଣେ ରାଜନୀତିରେ ପରିପକ୍ୱ ମହିଳା । ଶୁଣିବାକୁ ମିଳୁଛି ଏଥର ବିଧାୟିକା ହେବାକୁ ମନ ବଳାଇଛନ୍ତି । ଜନତା କେତେ ଦୂର ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା । ପୂର୍ବରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ବିରିଡି ବ୍ଲକରୁ ରବୀନ୍ଦ୍ର ନାଥ ଭୋଇ ଓ ପରେ ତିର୍ତ୍ତୋଲ ବ୍ଲକରୁ ଡ଼ଃ. ରାଜଶ୍ରୀ ମଲ୍ଲିକ ନିର୍ବାଚିତ ହୋଇ ବିଧାୟକ ହୋଇଛନ୍ତି । ରାଜ୍ୟର ପ୍ରମୁଖ ରାଜନୈତିକ ଦଳଙ୍କ ମଧ୍ୟରେ ବିଜେଡି ସାଧାରଣତଃ ରାଜ୍ୟବାସୀଙ୍କ ପ୍ରଥମ ପସନ୍ଦର ଦଳ ହୋଇ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଆସ୍ଥା ଭାଜନ ହୋଇ ରହିଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଫେବୃୟାରୀ ୨୦୨୪ ସୋମବାର



# କସ୍‌ମେଟିକର କଳା ରହସ୍ୟ



ଆଜିକାଲି ଛୋଟରୁ ବଡ ସମସ୍ତେ କସ୍‌ମେଟିକ ପ୍ରଡକ୍ଟ ବ୍ୟବହାର କରୁଛନ୍ତି ।ସମଗ୍ର ବିଶ୍ୱରେ ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଆଡ଼େ ବିଭିନ୍ନ ପ୍ରକାରର କସ୍‌ମେଟିକ ପ୍ରଡକ୍ଟସ୍ ଯେମିତିକି ଭିନ୍ନ ଭନ୍ନ ପ୍ରକାରର କ୍ରିମ୍‌ସ୍, ସ୍ନୋ ପାଉଡର, ଅତର, ଲିପ୍‌ଷ୍ଟିକ, ନେଲ୍‌ପଲିସ, ସାମ୍ପୁ ଇତ୍ୟାଦି ଭଳି ବିଭିନ୍ନ ସାମଗ୍ରୀ ପ୍ରବଳ ମାତ୍ରାରେ ବ୍ୟବହାର କରୁଛନ୍ତି ।ସେହିସବୁ ଉତ୍ପାଦ ସହ ଏବେ ବୟସ ଲୁଚାଇବା ପାଇଁ ଆହୁରି ଅନେକ କସ୍‌ମେଟିକ ଏବଂ ଔଷଧ ପ୍ରତ୍ୟେକ ଦିନ ଉଦ୍ଭାବନ ହେଉଛି । ଯୌବନ ଫେରାଇ ଆଣିବା ପାଇଁ କିଛି ଲୋକମାନେ ମିଲିଅନ ଡଲାର ଖର୍ଚ୍ଚ କରିବାକୁ ମଧ୍ୟ ପଛାଉନାହାନ୍ତି । ତେବେ ଏହି ସୌନ୍ଦର୍ଯ୍ୟ ରକ୍ଷାକାରୀ ଶିଳ୍ପ ପଛରେ ଅନେକ ଅସୁନ୍ଦର ଏବଂ ବିକଟାଳ କାହାଣୀ ଲୁଚି ରହିଛି ।

ବର୍ତ୍ତମାନ ସମୟରେ ୫୦୦ ବିଲିଅନ ଡଲାରରୁ ଅଧିକ କସ୍‌ମେଟିକର ବ୍ୟବହାର ହେଉଛି । କିନ୍ତୁ ଯେଉଁଭଳି ଭାବରେ ଏହି ସବୁ କସ୍‌ମେଟିକ ତିଆରି ହେଉଛି ଏବଂ ଏହା ପଛରେ ଯେଉଁ ସବୁ ନକାରାମକ୍ ଦିଗ ଲୁଚି ରହିଛି ତାହା ପ୍ରାୟତଃ ଅନେକ ଲୋକଙ୍କୁ ଜଣାନାହିଁ । କସ୍‌ମେଟିକ ସହିତ ପ୍ରାଣୀ ଜଗତର କ୍ଷତି ସମ୍ପୃକ୍ତ । କୌଣସି ନୂତନ କେମିକାଲଯୁକ୍ତ କସ୍‌ମେଟିକର ବିକାଶ ପରେ ତାକୁ ପ୍ରଥମେ ମୂଷା, କୁକୁର, ବିଲେଇ, ମାଙ୍କଡ଼, ଠେକୁଆ, ମାଛ ଓ ପକ୍ଷୀମାନଙ୍କ ଶରୀରରେ ପରୀକ୍ଷା କରାଯାଇଥାଏ । ଯାହାର ପ୍ରଭାବରେ ସେମାନଙ୍କର ମୃତ୍ୟୁ ହୋଇଯାଏ । ପେଟାର ଏକ ଆକଳନ ମୁତାବକ ପ୍ରତିବର୍ଷ ପାଖାପାଖି ୫ ଲକ୍ଷ ପ୍ରାଣୀ ଏଥିପାଇଁ ମୃତ୍ୟୁମୁଖରେ ପଡୁଛନ୍ତି ।

କସ୍‌ମେଟିକର ପ୍ରଭାବ ପ୍ରାଣୀର ବିନାଶକୁ ବଢାଇ ଚାଲିଛି ତେବେ ଏହି ଶିଳ୍ପର କ୍ଷତିକାରକ ପ୍ରଭାବ ଏତିକିରେ ଅଟକି ନାହିଁ । ଏଥିରେ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ ବର୍ଜ୍ୟ ମଧ୍ୟ ପରିବେଶଗତ ସମସ୍ୟାର କାରଣ ପାଲଟିଛି । ବାୟୁ, ଜଳ ପ୍ରଦୂଷଣରେ ଏହାର ଭୂମିକା ରହୁଥିବାବେଳେ ଶସ୍ୟ ଉତ୍ପାଦ ହ୍ରାସ ଓ ଜଳଚର ଜୀବଙ୍କ ମୃତ୍ୟୁ ହେଉଛି । ପ୍ରତିବର୍ଷ କସ୍‌ମେଟିକର ପ୍ଲାଷ୍ଟିକ ବର୍ଜ୍ୟ ପରିମାଣ ବଢ଼ିବାରେ ଲାଗିଛି ଓ ୨୦୫୦ ସୁଦ୍ଧା ଏହାର ପରିମାଣ ବାର୍ଷିକ ୧୨,୦୦୦ ମେଟ୍ରିକ ଟନ୍‌ରେ ପହଞ୍ଚିବ ବୋଲି ବୈଜ୍ଞାନିକମାନଙ୍କ ମତ ଦେଇଛନ୍ତି । ଯଦି ଏ କ୍ଷେତ୍ରରେ ପରିବର୍ତ୍ତନ ନହୁଏ ତେବେ ଖୁବ୍ କମ ଦିନରେ ପୃଥିବୀର ବିନାଶ ହୋଇଯିବ ।

## କାନ ଫୋଡ଼ାଇବାର ବିପଦ : ଅଣୁଜୀବଙ୍କ ସନ୍ତୁଳନ ନଷ୍ଟ ଶରୀର ପ୍ରତି କ୍ଷତି ଆଶଙ୍କା ବଢ଼ାଏ

କାନ ଫୋଡ଼ାଇବାର ପ୍ରଥା ହଜାର ହଜାର ବର୍ଷ ପୁରୁଣା । ଏହା ମଣିଷର ଅଭିବ୍ୟକ୍ତି, ସମ୍ପର୍କ ଓ ପରିଚିତିର ଏକ ସ୍ୱତନ୍ତ୍ର ଚିହ୍ନ । ଏବେ ସୌଖୀନ ଅଳଙ୍କାର ପିନ୍ଧିବା ଲାଗି ଲୋକମାନେ ଶରୀରର ବିଭିନ୍ନ ଅଙ୍ଗରେ ଚର୍ମ ଫୋଡ଼ାଉଛନ୍ତି । ତେବେ ଏହି ସୂକ୍ଷ୍ମ ଶାରୀରିକ ପରିବର୍ତ୍ତନ ଯେ ବିପଜ୍ଜନକ ହୋଇପାରେ, ତାହା ଏକ ଅଧ୍ୟୟନରୁ ଜଣାପଡ଼ିଛି ।

କାନାଡାର ମ୍ୟାକ୍‌ଗିଲ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ କାନ ଫୋଡ଼ାଇଥିବା ୨୮ ଜଣଙ୍କ କାନର ଚର୍ମ ନମୁନାକୁ ଅନୁଧ୍ୟାନ କରି ଏପରି ନିର୍ଯ୍ୟାସ ପାଇଛନ୍ତି । ସେମାନଙ୍କ କହିବାନୁସାରେ, ଆମ ଚର୍ମରେ କୋଟି କୋଟି ସଂଖ୍ୟାରେ ଅଣୁଜୀବ ବସବାସ କରିଥା'ନ୍ତି । ଆମେ ସୁସ୍ଥ ରହିବା ଲାଗି ଚର୍ମରେ ରହୁଥିବା ବିଭିନ୍ନ ଅଣୁଜୀବଙ୍କ ଭାଗ ସନ୍ତୁଳିତ ରହିବା ଅପରିହାର୍ଯ୍ୟ । କାନ ଫୋଡ଼ାଇ ଚର୍ମରେ ଏକ ଧାତବ ପଦାର୍ଥ ପୂରାଇବା ଦ୍ୱାରା ସେମାନଙ୍କ ସହାବସ୍ଥାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥାଏ । ଚର୍ମ ଉପରେ ବାସ କରୁଥିବା ଅଣୁଜୀବମାନଙ୍କ ପାଇଁ କାନଫୋଡ଼ା ଭୂମିକମ୍ପ ବା ଭୀଷଣ ଗ୍ରହାଣୁମାଡ଼ ସଦୃଶ ଏକ ବିପର୍ଯ୍ୟୟ ହୋଇଥାଏ ।

କାନଫୋଡ଼ା ପ୍ରକ୍ରିୟାରେ ପ୍ରଥମେ କାନର ଚର୍ମକୁ 'ଷ୍ଟେରିଲାଇଜ୍' କରାଯାଇଥାଏ ଯାହା ଅଣୁଜୀବମାନଙ୍କର ଭୂମିକୁ ପରିଷ୍କାର କରି ଏକ ନୂତନ ଅଣୁଜୀବ ଗୋଷ୍ଠୀଙ୍କୁ ଭିତରକୁ ପ୍ରବେଶ କରିବାର ବାଟ ଫିଟାଇଥାଏ । ଏହା ପରେ ଚର୍ମରେ ଅଧିକ ଜୈବ ବିବିଧତା ଓ ପରିବେଶ ଜଟିଳତା ଦେଖାଯାଇଥାଏ । ତାହା ନାକ ଓ କାଖ ଭଳି ଆର୍ଦ୍ର ସ୍ଥାନରେ ରହୁଥିବା ଅନ୍ୟାନ୍ୟ ଅଣୁଜୀବମାନଙ୍କ ପାଇଁ ଅନୁକୂଳ ସ୍ଥାନ ପାଲଟିଥାଏ । ବିଶେଷ କରି ଫୋଡ଼ାଯାଇଥିବା ସ୍ଥାନ ଚାରିପାଖେ 'ଷ୍ଟାଫିଲୋକୋକସ ଏପିଡର୍ମିଡିସ' ଓ 'କ୍ୟୁଟିବାକ୍ଟେରିଅମ୍ ଆକନ୍‌ସ' ନାମକ ବୀଜାଣୁମାନଙ୍କ ପ୍ରାଦୁର୍ଭାବ ଦେଖାଯାଇଥାଏ । ଉଭୟ ଅଣୁଜୀବ ବିପଜ୍ଜନକ ହୋଇଥିବା ବେଳେ ଗୋଟିଏ ସ୍ଥାନରେ ସେମାନେ ଏକାଠି ଥିଲେ ପରସ୍ପରଙ୍କ ପ୍ରାଦୁର୍ଭାବକୁ ସନ୍ତୁଳନରେ ରଖିଥା'ନ୍ତି । ସେହି ସନ୍ତୁଳନକୁ କିପରି ବଜାୟ ରଖାଯାଇପାରିବ ତାହା ଏଭଳି ଅଧ୍ୟୟନରୁ ସ୍ପଷ୍ଟ ହେବ ବୋଲି ଗବେଷକମାନେ ଆଶା ରଖିଛନ୍ତି ।

## ତ୍ୱଚା ପରି କେଶକୁ ମଧ୍ୟ ରହିଛି ପୋଷଣର ଆବଶ୍ୟକତା

ଶୀତଦିନରେ ଶରୀର ସହିତ ନିଜ କେଶର ଯତ୍ନ ନେବା ମଧ୍ୟ ଜରୁରୀ । ସାଧାରଣତଃ ଶୀତଦିନେ କେଶରେ ଅଧିକ ରୁକ୍ଷତା ଦେଖିବାକୁ ମିଳେ । ତେବେ ଏହି ସମୟରେ କେଶର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ତ୍ୱଚା ପରି କେଶକୁ ମଧ୍ୟ ପୋଷଣର ଆବଶ୍ୟକତା ରହିଛି । ଏକ ଭଲ ସ୍କାଲ୍‌ପ ରହିବା ଦ୍ୱାରା କେଶ ଭଲଭାବେ ବଢ଼ିଥାଏ । ଶୀତଦିନରେ ହେଉଥିବା ପବନ କେଶକୁ ଶୁଖିଲା କରିଥାଏ । ଚୁଟି ଝଡ଼ିବାଠାରୁ ଆରମ୍ଭ କରି ରୁପି ସମସ୍ୟା ଦେଖାଯାଇଥାଏ ।

ସେଥିପାଇଁ କିଛି ଟିପ୍ସ୍:

ସବୁବେଳେ କେଶ ଧୋଇବା ସମୟରେ ନଖଉଷୁମ ପାଣି ବ୍ୟବହାର କରନ୍ତୁ ।

ଶୀତଦିନରେ ଥଣ୍ଡା ପବନ କାରଣରୁ କେଶମୂଳ କୁଣ୍ଡାଇ ହୁଏ । ବାୟୁମଣ୍ଡଳରେ ଆର୍ଦ୍ରତା ଯୋଗୁ ଆପଣଙ୍କ ସ୍କାଲ୍‌ପ ଶୁଖିଯାଏ । କେଶରେ ଯେଉଁ ତେଲ ଲଗାଉଛନ୍ତି ସେଥିରେ ଲେମ୍ବୁ ରସ ମିଶାଇ ତାକୁ ମୁଣ୍ଡର ପ୍ରତିଟି ଶିରାରେ ମାଲିସ୍ କରନ୍ତୁ ।

ଏହି ଦିନରେ କେଶ ନିଜର ଚମକ ହରାଇଥାଏ । ଘିକୁଆଁରୀ/ଆଲୋବେରା ରସରେ ମହୁ ଓ ଦହି ମିଶାଇ କେଶମୂଳରେ ଲଗାନ୍ତୁ । ତା'ପରେ ମୁଣ୍ଡକୁ ଏକ ତଉଲିଆରେ ବାନ୍ଧି ଅଧଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ । ଏହାପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏପରି କରିବା ଦ୍ୱାରା କେଶରେ ଚମକ ଆସିବ ।

ରୁପି ହେଉଥିଲେ ନଖଉଷୁମ ନଡ଼ିଆ ତେଲରେ ଫାଳେ ଲେମ୍ବୁ ଚିପୁଡ଼ି କେଶମୂଳରେ ମାଲିସ୍ କରନ୍ତୁ । ସପ୍ତାହକୁ ୨ରୁ ୩ ଥର ଏପରି କଲେ ରୁପି ସମସ୍ୟା ଦୂର ହେବ ।

ମେଥିଦାନାରେ ନିକୋଟିନିକ୍ ଏସିଡ୍ ଓ ପ୍ରୋଟିନ୍ ପ୍ରଚୁର ପରିମାଣରେ ଥାଏ । ମେଥି ଦାନା ୨ଚାମଚକୁ ରାତିରୁ ଭିଜାଇ ରଖନ୍ତୁ । ସକାଳୁ ଏହାକୁ ବାଟି କେଶମୂଳରେ ଲଗାଇ ୩୦ ମିନିଟ୍ ପରେ ଶାମ୍ପୁ କରିନେବେ । ଏହା କେଶ ମଜବୁତ୍ କରିବାରେ ସହାୟକ ହୁଏ ।

ଅଁଳା ଓ ତୁଳସୀର ଲେପ ସପ୍ତାହକୁ ଥରୁଟିଏ ଲଗାଇଲେ ମଧ୍ୟ ରୁପିରୁ ରକ୍ଷା ମିଳେ ।

**ଶୀତଦିନରେ ଶରୀର ସହିତ ନିଜ କେଶର ଯତ୍ନ ନେବା ମଧ୍ୟ ଜରୁରୀ**

## ଅଦାର ସେବନ ଦ୍ୱାରା ଜଏଣ୍ଟ ପେନ୍ ଦୂର ହୁଏ



**ଶୀତଦିନେ ଫିଟ ରହିବାପାଇଁ ବ୍ୟାୟାମ ନିହାତି ଆବଶ୍ୟକ । ଆଜି ଆମେ ଏହି ସମସ୍ୟାର କିଛି ସୁନ୍ଦର ଟିପ୍ସ ଦେବୁ । ଯାହାକି ଆପଣଙ୍କ ଦୈନିନ୍ଦିନ ଜୀବନରେ ନିଶ୍ଚିତ ଉପଶମ ମିଳିବ ।**

➤ ଶୀତଦିନେ ନିହାତି ଭାବେ ଏକ୍ସରସାଇଜକୁ ଆଡ କରନ୍ତୁ । ଏହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ । କିଛି ସମୟ ୱାର୍କଆଉଟ କରିବା ଭଲ । ଏହା କରିବା ଦ୍ୱାରା ମଧ୍ୟ ଜଏଣ୍ଟ ପେନ କମିବାସହ ଆପଣଙ୍କ ଶରୀରକୁ ରିଲାକ୍ସ ଫିଲ ହେବ ।

➤ ଶୀତଦିନେ ଉଷୁମ ପାଣିର ବ୍ୟବହାର କରନ୍ତୁ । ଏହା ଯନ୍ତ୍ରଣା ପାଇଁ ରାମବାଣ ଭଳି କାର୍ଯ୍ୟ କରିବ । ରାତିରେ ସବୁବେଳେ ଶୋଇବା ପୂର୍ବରୁ ନଖ ଉଷୁମ ପାଣିରେ କିଛି ଲୁଣ ପକାଇ ପାଦକୁ ବୁଡ଼ାନ୍ତୁ । ଦେଖିବେ ରିଲାକ୍ସ ଫିଲ ହେବ । ସକାଳକୁ ଉଠିଲାବେଳକୁ ପାଦରେ ଯନ୍ତ୍ରଣା କେତେକାଂଶରେ ଭଲ ହୋଇଯିବ । ଆପଣଙ୍କୁ ନିଶ୍ଚିତ ଭଲ ଲାଗିବ ।


➤ ଶୀତଦିନେ ଜଏଣ୍ଟ ପେନ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ଅଦାର ସେବନ କରନ୍ତୁ । ଏହା ଆପଣଙ୍କୁ ଉପଶମ ଦେବ । ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ କରିଥାଏ । ଯାହା ଯନ୍ତ୍ରଣାର ମୁକ୍ତି ଦେଇଥାଏ ।

➤ ଶୀତଦିନେ ଶରୀରରେ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ସମସ୍ୟା ବଢ଼ିଯାଇଥାଏ । ଏହା ପ୍ରାୟତଃ ଶରୀରରେ ଭିଟାମିନ ଡି ଅଭାବରୁ ହୋଇଥାଏ । ଏହାର ଅଭାବ କମାଇବା ପାଇଁ ଆପଣ ଶୀତଦିନେ କିଛି ସମୟ ସକାଳ କଅଁଳ ଖରାରେ ବସନ୍ତୁ ।

➤ ଏହାସହ ଡାଏଟରେ ଭିଟାମିନ ଡି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ମଶ୍ରୁମ, ଅଣ୍ଡା ଏବଂ ମାଛରେ ଭରପୁର ମାତ୍ରାରେ ଭିଟାମିନ ଡି ରହିଛି । ଏହି ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ଭିଟାମିନ ଡିର ଅଭାବକୁ ପୂରଣ କରିଥାଏ ।

## ଚାକିରି ଛାଡି ହେଲେ ଯାଯାବର

# ଖାଉଛନ୍ତି ମୃତ ଜୀବଜନ୍ତୁଙ୍କ ମାଂସ



ରାସ୍ତାରେ ପଶୁ ଦୁର୍ଘଟଣା ଘଟଣା ଏକ ସାଧାରଣ କଥା । ଏହା ପ୍ରାୟତଃ ଦେଖିବାକୁ ମିଳେ । ରାସ୍ତା ପାର ହେଉଥିବା ବେଳେ ଅନେକ ପ୍ରାଣୀ ଯାନବାହାନରେ ଧକ୍କା ହୋଇ ମରିଯାଆନ୍ତି । ଆଉ ଏମାନଙ୍କ ମୃତ୍ୟୁ ପରେ ମୃତ ଶରୀର ଖାଇବାକୁ ଆସନ୍ତି କିଛି ମାଂସାସି ପ୍ରାଣୀ । କିନ୍ତୁ ଆପଣ କେବେ ଦେଖିଛନ୍ତି କି କୌଣସି ମଣିଷ ଜୀବଜନ୍ତୁଙ୍କ ପୋଚାସଡ଼ା ମୃତଶରୀର ଖାଇବା ବୋଧହୁଏ ଏପରି ଶୁଣିନଥିବେ । କିନ୍ତୁ ଜଣେ ମହିଳା ଏପରି ଅଛନ୍ତି ଯିଏକି ରାସ୍ତାରେ ପଡିଥିବା ମୃତ ପଶୁମାନଙ୍କୁ ଖାଇଥାନ୍ତି । ଏବେ ଏହି ମହିଳା ଜଣକ ଖୁବ୍ ଚର୍ଚ୍ଚାରେ ଅଛନ୍ତି । ଏହି ମହିଳାଙ୍କ ନାଁ ହେଉଛି ମାଣ୍ଡର୍ସ ବର୍ଣ୍ଣେଟ୍ । ବୟସ ୩୨ ବର୍ଷ । ମାଣ୍ଡର୍ସ ଆମେରିକାର ଓରେଗନ୍ର ବାସିନ୍ଦା । ସେ ୨୪ ଘଣ୍ଟା ବାହାରେ ରୁହନ୍ତି । ମାଣ୍ଡର୍ସ ରାସ୍ତାରେ ପଡିଥିବା ମୃତ ପଶୁମାନଙ୍କୁ ଖାଇଥାନ୍ତି । କାରଣ ସେ ଚାହିଁନଥାନ୍ତି ଯେ କୌଣସି ମୃତପଶୁଙ୍କ ମୃତ୍ୟୁ ବୃଥା ନଯାଉ । ଏଥିପାଇଁ ସେ ଏବେ ଖୁବ୍ ଚର୍ଚ୍ଚାରେ । ରିପୋର୍ଟ ଅନୁଯାୟୀ ମାଣ୍ଡର୍ସ ଗତ ୪ ବର୍ଷ ଧରି ଏକ ଯାଯାବର ଜୀବନ ଯାପନ କରୁଛନ୍ତି । ଆଉ ଆଧୁନିକ ଦୁନିଆର ଚାକଚକ୍ୟରୁ ଦୂରେଇ ରହିଥାନ୍ତି । ସେ ଏକ ତମ୍ବୁ ତିଆରି କରି ରହିଥାନ୍ତି । କାରଣ ସେ ଅନୁଭବ କରିଥାନ୍ତି ଯେ ତାଙ୍କ ହୃଦୟ ଏବଂ ଆତ୍ମା ପ୍ରକୃତି ସହ ଜଡିତ । ମାଣ୍ଡର୍ସ କହିଛନ୍ତି ଯେ ସେ ଜୁଲାଇ ୨୦୧୯ରୁ ଯେତେବେଳେ ଏପରି ଯାଯାବର ଜୀବନଯାପନ ଆରମ୍ଭ କରିଥିଲେ ସେତେବେଳେ ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ । ଆଉ ଏହି ବ୍ୟକ୍ତି ଜଣକ ଦୀର୍ଘ ୬ବର୍ଷ ଧରି ଘୋଡାରେ ଯାତ୍ରା କରିଥିଲେ । ମାଣ୍ଡର୍ସ ବ୍ୟକ୍ତିଙ୍କ ଜୀବନଶୈଳୀରେ ଏତେ ପ୍ରଭାବିତ ହୋଇଥିଲେ ଯେ ସେ ବନ୍ୟଜନ୍ତୁ ଟେକ୍ନିସିଆନ ଭାବରେ ଥିବା ଚାକିରି ଛାଡି ଦେଇଥିଲେ ଏବଂ ସେହି ବ୍ୟକ୍ତିଙ୍କ ସାହାଯ୍ୟ କରିବାକୁ ଲାଗିଥିଲେ ।



# ପିଲାମାନଙ୍କଠାରେ ଅଧିକ ଦେଖାଯାଏ ଶ୍ୱାସଜନିତ ସଂକ୍ରମଣର ଭୟ

ସାଧାରଣତଃ ପିଲାମାନଙ୍କ ମଧ୍ୟରେ ଅଧିକ ମାତ୍ରାରେ ସାଧାରଣ ଥଣ୍ଡା ଏବଂ ଫ୍ଲୁ ଦେଖିବାକୁ ମିଳିଥାଏ । ତେବେ ଏହା ପଛରେ ଅନେକ କାରଣ ରହିଛି ଯେଉଁଥି ପାଇଁ ପିଲାମାନେ ଶ୍ୱାସଜନିତ ସମସ୍ୟା ଏବଂ ଇନଫେକ୍‌ଶନ ଦ୍ୱାରା ପୀଡ଼ିତ ହୋଇଥାନ୍ତି । ତେବେ ଏହି ଥଣ୍ଡା, କାଶ ଏବଂ ଫ୍ଲୁ ପାଇଁ କିଛି ଘରୋଇ ଉପଚାର ରହିଛି ଯାହା କରିବା ଦ୍ୱାରା ଆପଣ ପିଲାମାନଙ୍କୁ ଏହି ଋତୁରେ ସୁସ୍ଥ ରଖିପାରିବେ । ସେମାନଙ୍କୁ ଏହି ଋତୁରେ ଥଣ୍ଡା ଏବଂ ଅନ୍ୟାନ୍ୟ ଶ୍ୱାସଜନିତ ସମସ୍ୟା ଠାରୁ ଦୂରେଇ ରଖିପାରିବେ ।

ତେବେ ଏହି ଋତୁରେ ସଂକ୍ରାମକ ରୋଗ ଅଧିକ ହେଉଥିବା ଦେଖିବାକୁ ମିଳିଥାଏ । ପିଲାମାନଙ୍କଠାରେ ସାଧାରଣ ଥଣ୍ଡା, ବ୍ରୋଙ୍କାଇଟିସ ପରି ଶ୍ୱାସଜନିତ ସମସ୍ୟା ଅଧିକ ପରିଲକ୍ଷିତ ହୋଇଥାଏ । ଏପରିକି ପିଲାମାନେ ନିମୋନିଆରେ ପୀଡ଼ିତ ହେବାର ସମ୍ଭାବନା ମଧ୍ୟ ଏହି ଋତୁରେ ବଢ଼ିଯାଇଥାଏ । ତେବେ ପିଲାମାନଙ୍କର ସ୍ୱାସ୍ଥ୍ୟରେ ସୁଧାର ଆଣିବା ପାଇଁ ସମୟ ଥାଉ ଥାଉ ଉପଚାର କରିନେବା ଭଲ ।

ଏହି ଋତୁରେ ପିଲାମାନେ ଅଧିକ ଶ୍ୱାସଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେବେ ଏହା ମଧ୍ୟରେ ବ୍ରୋଙ୍କିଓଲାଇଟିସ ପ୍ରମୁଖ । ତେବେ ଏହା ରେସ୍ପିରେଟୋରି ସିନକାଇଟିଆଲ ଭାଇରସ ଦ୍ୱାରା ଏହି ସଂକ୍ରମଣ ବ୍ୟାପିଥାଏ । ଏହି ଭାଇରସ ଛିଙ୍କ ବା କାଶ ଦ୍ୱାରା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ସଂକ୍ରମିତ ହୋଇଥାଏ । ଏଥିରେ ଜ୍ୱର ହେବା, ନାକରୁ ପାଣି ବାହାରିବା, ଝାଳ ବାହାରିବା ଆଦି ଲକ୍ଷଣ ଦେଖାଯାଇଥାଏ ।

ଏହା ସହିତ ଶୀତ ଋତୁରେ ସେମାନଙ୍କୁ ନିମୋନିଆ ଏବଂ ଫୁସଫୁସ ଜନିତ ସମସ୍ୟା ମଧ୍ୟ ହୋଇଥାଏ । ଏହା ସହିତ ଇନଫେକ୍‌ଶନ ହେବାର ଆଶଙ୍କା ମଧ୍ୟ ବଢ଼ିଯାଏ । ଯାହା ଦ୍ୱାରା ସେମାନଙ୍କୁ ନିଃଶ୍ୱାସ ନେବାରେ ମଧ୍ୟ ଅସୁବିଧା ହୋଇପାରେ । ଏପରିକି ଆପଣଙ୍କର ଘରଭିତରେ ହେଉଥିବା ବିଭିନ୍ନ କାର୍ଯ୍ୟ ଦ୍ୱାରା ମଧ୍ୟ ପିଲାମାନଙ୍କୁ ଏହି ସଂକ୍ରମଣ ହେବାର ସମ୍ଭାବନା ରହିଥାଏ ।

ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଲକ୍ଷଣ ସାଧାରଣ ଥଣ୍ଡାର ଲକ୍ଷଣ ପରି ହୋଇଥାଏ । ନାକ ବନ୍ଦ ହେବା, ଗଳା ଖରାପ ହେବ, ଥକାପଣ, ନିଶ୍ୱାସ ନେବାରେ କଷ୍ଟ ପରି ଲକ୍ଷଣ ସବୁ ପିଲାମାନଙ୍କ ମଧ୍ୟରେ ଦେଖାଦେଇଥାଏ । ସାଧାରଣତଃ ଏଥିରେ ୫ ବର୍ଷରୁ କମ ବୟସ୍କ ପିଲା ଆକ୍ରାନ୍ତ ହୋଇଥାନ୍ତି । ତେବେ ଏହାର ପ୍ରତିକାର କରିବା ପାଇଁ ଚାହୁଁଥିଲେ କେତେଗୁଡ଼ିଏ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ । ଘରେ ସଫା ସଫି ଉପରେ ବିଶେଷ ଧ୍ୟାନ ଦିଅନ୍ତୁ । ଖାଦ୍ୟ ଖାଇବା ଏବଂ ପ୍ରସ୍ତୁତ କରିବା ପୂର୍ବରୁ ସାବୁନରେ ହାତ ଧୁଅନ୍ତୁ । ତେବେ ଯେଉଁମାନଙ୍କଠାରେ ସଂକ୍ରମଣର ଲକ୍ଷଣ ଦେଖାଯାଉଛି ସେମାନଙ୍କୁ ଅଲଗା ରଖନ୍ତୁ ଏବଂ ସେମାନଙ୍କ ବ୍ୟବହାର ଜିନିଷ ସବୁକୁ ମଧ୍ୟ ଅଲଗା କରନ୍ତୁ । ତେବେ ପିଲାମାନଙ୍କ ଯତ୍ନ ନେବା ସମୟରେ ନିଜେ ମାସ୍କ ପିନ୍ଧନ୍ତୁ । ଏହିପରି ମୌସୁମୀକାଳୀନ ରୋଗରୁ ରକ୍ଷା ପାଇବା ପାଇଁ ପିଲାମାନଙ୍କର ଠିକ ସମୟରେ ଟୀକାକରଣ କରିବା ନିହାତି ଜରୁରୀ ।



# ପ୍ରୋଟିନ ନାଁରେ ଛୁଆ ଖାଉଛନ୍ତି ବିଷ

ଆଜିକାଲି ମାର୍କେଟରେ ପିଲାମାନଙ୍କ ପାଇଁ ଅନେକ ପ୍ରକାରର ପାଉଡର ଜାତୀୟ ଖାଦ୍ୟ ମିଳୁଛି ଯାହା ଦାବି କରେ ଯେ ଏହା ଖାଇବା ଦ୍ୱାରା ପିଲା ମାନଙ୍କ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବଢିବା ସହିତ ଆଣ୍ଠୁ ଗଣ୍ଠି ଶକ୍ତିଶାଳୀ କରାଇବ ,ଏକ ସୁସ୍ଥ ମସ୍ତିଷ୍କ ସହିତ ସ୍ମୃତି ଶକ୍ତି ବଢାଇବାରେ ମଧ୍ୟ ସାହାଯ୍ୟ କରିବ । କିନ୍ତୁ ଏହି ସବୁ ପାଉଡର ଜାତୀୟ ଖାଦ୍ୟରେ ପିଲା ମାନଙ୍କର ବିକାଶଠୁ ଅଧିକ ଚିନିର ମାତ୍ରା ରହିଥାଏ ବୋଲି ଶିଶୁ ବିଶେଷଜ୍ଞ ମାନେ କହିଛନ୍ତି । ବୋର୍ନଭିଟାରେ ୧୦୦ ଗ୍ରାମ ପ୍ରତି ୩୭ ଗ୍ରାମ ଚିନିର ମାତ୍ରା ଥିବାବେଳେ କମ୍ପ୍ଲାନରେ ୨୧.୮ ଗ୍ରାମ, ବୁଷ୍ଟରେ ୯.୫ ଗ୍ରାମ ଏବଂ ହରଲିକ୍ସରେ ୧୩.୫ ଗ୍ରାମ ରହିଛି । ଏହା ଉପରେ ବୋର୍ନଭିଟା କମ୍ପାନୀ ନିଜର ମତ ରଖିଛି ଏବଂ କହିଛି ଯେ ପିଲାମାନଙ୍କୁ ପରାମର୍ଶ କରାଯାଇଥିବା ଦୈନିକ ଚିନିର ପରିମାଣ ଠାରୁ ଏହା ବହୁତ କମ୍ ଅଟେ ।

ଡାକ୍ତର ମାନଙ୍କ ମତ ଅନୁସାରେ ଏକ ଶିଶୁ ପ୍ରତିଦିନ ୨୫ ଗ୍ରାମରୁ ଅଧିକ ଚିନି ଖାଇବା ଉଚିତ ନୁହେଁ । ଶିଶୁରୋଗ ବିଶେଷଜ୍ଞ ଡକ୍ଟର ଜାଗୃତି ସାଙ୍ଘଭି କହିଛନ୍ତି ମିଶ୍ରିତ ଚିନି ଖାଇବା ଦ୍ୱାରା ପିଲା ମାନଙ୍କଠି ବିରକ୍ତି ଭାବ ଦେଖା ଯାଇଥାଏ ସେମାନେ ଖୁବ୍ ଶୀଘ୍ର ଥକି ଯାଆନ୍ତି ଏବଂ ଆହୁରି ଅଧିକ ମିଠା ଖାଇବାକୁ ଇଚ୍ଛା କରନ୍ତି । ପଲାମାନଙ୍କର ଦୈନିକ ଶକ୍ତି ପାଇଁ ଏହି ଚିନିର କୌଣସି ଆବଶ୍ୟକତା ନାହିଁ । ସେ ଆହୁରି ମଧ୍ୟ କହିଛନ୍ତି ଏହି ସବୁ ପାଉଡର ଜାତୀୟ ଖାଦ୍ୟ ଗୁଡିକରେ ଅଧିକ ଭାବରେ ମିଶ୍ରିତ ଚିନିର ବ୍ୟବହାର କରାଯାଇଛି ଏବଂ ଏହା କୌଣସି ପ୍ରକାରରେ ଶିଶୁର ସ୍ୱାସ୍ଥ୍ୟରେ ଉନ୍ନତି ଆଣେ ନାହିଁ । ପିଲାଙ୍କ ଖାଦ୍ୟରେ ମାଇକ୍ରୋନ୍ୟୁଟ୍ରିଏଣ୍ଟର ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ ତେବେ ଏହି ପାନୀୟ ଗୁଡ଼ିକରେ ଥିବା ଜିଙ୍କ ଇତ୍ୟାଦିର ଉପସ୍ଥିତି ବାସ୍ତବରେ ଶିଶୁର ସାମଗ୍ରିକ ମାଇକ୍ରୋନ୍ୟୁଟ୍ରିଏଣ୍ଟ୍ ଆବଶ୍ୟକତା ପ୍ରତି ଧ୍ୟାନ ଦେଇନଥାଏ ।

ଆଉ ଜଣେ ଶିଶୁରୋଗ ବିଶେଷଜ୍ଞ ଡକ୍ଟର ଅରୁଣ ଗୁପ୍ତା କହିଛନ୍ତି ଯେଉଁ ଖାଦ୍ୟ ପଦାର୍ଥ ଗୁଡ଼ିକ ଅସ୍ୱାସ୍ଥ୍ୟକର ବର୍ଗରେ ଆସିଥାଏ ସେଗୁଡିକ ବିଜ୍ଞାପନରେ ଆସିବା ଉଚିତ୍ ନୁହେଁ । ବର୍ତ୍ତମାନ ସମୟରେ ଜନ୍ମ ବେଳୁ ହିଁ ଛୁଆ ମାନଙ୍କୁ ଡବା ଜାତୀୟ ଖାଦ୍ୟ ଦିଆଯାଉଛି ଯେଉଁଥିରେ ପୋଷଣର ପରିମାଣ ବହୁତ କମ୍ ରହିଥାଏ । ପିଲାମାନଙ୍କର ଶାରୀରିକ ବିକାଶ ଠିକ୍ ଭାବରେ ନହେବା ଏହାର ଏକ ମୁଖ୍ୟ କାରଣ । ବହୁତ୍ କମ୍ ବୟସରୁ ପିଲାମାନେ ମଧୁମେହ ଉଚ୍ଚ ରକ୍ତଚାପ ଭଳି ରୋଗର ଶିକାର ହେଉଛନ୍ତି । ତେଣୁ ଯେତେ ସମ୍ଭବ ପିଲାମାନଙ୍କୁ ଏହି ସବୁ ଖାଦ୍ୟ ଠାରୁ ଦୂରେଇ ରଖିବା ଉଚିତ୍ ଏବଂ ଶିଶୁଟିର ସୁସ୍ଥ ଜୀବନ ଯାପନ ପାଇଁ ଏବେ ଠାରୁ ପ୍ରୟାସ ଆରମ୍ଭ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ ।

## ହେଙ୍ଗୁର ବିଶେଷତ୍ୱ



ଖାଦ୍ୟକୁ ସ୍ୱାଦିଷ୍ଟ କରିବା ସହ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ହେଙ୍ଗୁ । ଏହା ଅନେକ୍ ରୋଗକୁ ଦୂର କରିବାରେ ସାହାଯ୍ୟ କରିଥାଏ । ହେଙ୍ଗୁ ପାଣି ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ । ଏହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

ଏଥିରେ ଥିବା ଇନସୁଲିନ ସମ୍ବେଦନଶୀଳତା ବଢ଼ାଇଥାଏ । ହେଙ୍ଗୁ ପାଣି ଓଜନ ହ୍ରାସରେ ମଧ୍ୟ ବେଶ୍ ସହାୟକ ହୋଇଥାଏ । ହେଙ୍ଗୁ ପାଣି ଶରୀରରେ ମେଟାବୋଲିଜିମ୍ ବଢ଼ାଇଥାଏ । ଯାହା ଶରୀରରେ କ୍ୟାଲୋରୀ ବର୍ଣ୍ଣରେ ସହାୟକ ହୋଇଥାଏ । ଏହାବ୍ୟତୀତ ଭୋକ କମାଇବାରେ ମଧ୍ୟ ସାହାଯ୍ୟ କରିଥାଏ, ଯାହାଦ୍ୱାରା ଖାଇବା କମ୍ ଯୋଗୁଁ ଓଜନ ହ୍ରାସରେ ସହାୟକ ହୋଇଥାଏ ।

ହେଙ୍ଗୁ ଗ୍ୟାସ୍, ଫ୍ଲାଟୁଲେନ୍ସ ଏବଂ କୋଷ୍ଠକାଠିନ୍ୟ ପରି ହଜମ ଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ । କର୍କଟ, ହୃଦ୍ ରୋଗ ଏବଂ ଆଲଜାଇମର ରୋଗ ଭଳି ଅନେକ ରୋଗ ପାଇଁ ହେଙ୍ଗୁ ବେଷ୍ଟ । ହେଙ୍ଗୁରେ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ରହିଛି, ଯାହା ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ । ଏହା ସଂକ୍ରମଣ ସହିତ ଲଢ଼ିବାରେ ସାହାଯ୍ୟ କରିଥାଏ ଏବଂ ରୋଗର ଆଶଙ୍କା ହ୍ରାସ କରିଥାଏ । ମୁଣ୍ଡ ବିନ୍ଧା ପାଇଁ ବେଶ୍ ଲାଭଦାୟକ ହୋଇଥାଏ ହେଙ୍ଗୁ । ବ୍ଲଡ ସୁଗାରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ ହେଙ୍ଗୁ । ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ହେଙ୍ଗୁ ।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଫେବୃୟାରୀ,ସୋମବାର, ୨୦୨୪



# ଦିବ୍ୟାଙ୍ଗଙ୍କୁ ମିଳୁନି ଘର : ଛପର ଘରେ କଟୁଛି ଜୀବନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତର ଜଣେ ଦିବ୍ୟାଙ୍ଗଙ୍କୁ ଘର ନମିଳିବାରୁ ଚାଳଛପର ଘରେ ଦିବ୍ୟାଙ୍ଗ ପରିବାର। ସମାଜର ଦଳିତ ଅବହେଳିତ ଗରିବ ଓ ନିରାଶ୍ରୟ ଲୋକମାନଙ୍କୁ ମୁଣ୍ଡ ଗୁଞ୍ଜିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଗାଇ ଦେଉଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହେଉଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତ ଗୋବିନ୍ଦପରି ଗ୍ରାମର ଜଣେ ଦିବ୍ୟାଙ୍ଗ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବାର ଅଭିଯୋଗ ହୋଇଛି। କେନ୍ଦୁପାଟଣା ଗ୍ରାମପଞ୍ଚାୟତ ଗୋବିନ୍ଦପତି ଗ୍ରାମର ସୀତାନାଥ ଦାସଙ୍କ ପୁଅ ଶ୍ୟାମସୁନ୍ଦର ଦାସ(୩୨) ଜଣେ ଦିବ୍ୟାଙ୍ଗ ଅଟନ୍ତି। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କୁ ୫୦ ଶତକଡ଼ା ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏପରିସ୍ଥଳେ ଦିବ୍ୟାଙ୍ଗ ଶ୍ୟାମସୁନ୍ଦରଙ୍କ ତେଲ ଲୁଣର ସଂସାର ପତ୍ନୀ ଓ ଏକମାତ୍ର କନ୍ୟାକୁ ନେଇ ଗଠିତ। ଶ୍ୟାମସୁନ୍ଦର ଜଣେ ଭୂମିହୀନ ହୋଇଥିଲେ ମଧ ଦୈନନ୍ଦିନ ଗାଁରେ ବୁଲିବୁଲି କାମଧନ୍ଦା କରି ତାଙ୍କର ପରିବାର ପ୍ରତିପୋଷଣ କରିଥାନ୍ତି। ଏପରିସ୍ଥଳେ ଆର୍ଥିକ ଅନାଟନ ହେତୁ ଶ୍ୟାମସୁନ୍ଦର ମୁଣ୍ଡ ଗୁଞ୍ଜିବା ନିମନ୍ତେ ଖଣ୍ଡେ ପକ୍କାଗୃହ ନିର୍ମାଣ କରିପାରିନାହାନ୍ତି। ଗୋଟିଏ କୁଡ଼ିଆଘରେ ତିନିପ୍ରାଣୀ କାଳାତିପାତ କରିଥାନ୍ତି। ଏପରିକି ସରକାରଙ୍କ ତରଫରୁ ଦିବ୍ୟାଙ୍ଗ ଶ୍ୟାମସୁନ୍ଦରଙ୍କୁ ମାସିକ ମାତ୍ର ୫ କିଗ୍ରା ଚାଉଳ ମିଳୁଥିଲା ବେଳେ ରାସନକାର୍ଡରେ ତାଙ୍କର ପତ୍ନୀ ଓ କନ୍ୟାର ନାମ ନଥିବା କାରଣରୁ ସେମାନେ ଚାଉଳ ପାଇବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ଆବାସ ଯୋଜନାରେ ଗୋଟିଏ ଗୃହ ଯୋଗାଇ ଦେବା ନିମନ୍ତେ ଶ୍ୟାମସୁନ୍ଦର ଗାଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ନିଶ୍ଚିନ୍ତକୋଇଲି ବ୍ଲକ୍ ପ୍ରଶାସନ ନିକଟରେ ଏକାଧିକବାର ଆପତି ଅଭିଯୋଗ କରିଥିଲେ ମଧ୍ୟ ତା'ର ଏହି ଆପତି ଅଭିଯୋଗକୁ କେହିହେଲେ କର୍ଣ୍ଣପାତ କରିନାହାନ୍ତି। ତା'ର ଅଭିଯୋଗ ପ୍ରଶାସନର ନାଲି ଫାଇଲତଳେ ଚାପିହୋଇ ରହିଯାଇଛି। ଏହି ପଞ୍ଚାୟତରେ ବହୁ ଥିଲାବାଲା ଆବାସ ଯୋଜନାରେ ଗୃହ ହାତେଇଥିବାର ନଜିର ରହିଥିଲା ବେଳେ ଆଶ୍ଚର୍ଯ୍ୟଜନକଭାବେ ଦିବ୍ୟାଙ୍ଗ ଶ୍ୟାମସୁନ୍ଦର ଏହି ଯୋଜନାରୁ ବଞ୍ଚିତ ହୋଇଥିବାର ଅଭିଯୋଗ କରିଛନ୍ତି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦିବ୍ୟାଙ୍ଗ ଶ୍ୟାମସୁନ୍ଦରଙ୍କୁ ଗୃହ ଯୋଗାଇ ଦେବା ନିମନ୍ତେ ସାଧାରଣରେ ଦାବି ହୋଇଛି।



# କର୍କଟ ରୋଗୀଙ୍କୁ ଦାନ ଦେଲେ ଗାଈ-ବାଛୁରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ଜଣେ କର୍କଟ ରୋଗୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ଗୋ-ମାତା ଏବଂ ବାଛୁରୀ ଦାନ କରିଥିବା ଜଣାପଡିଛି । ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ବେରାଡି ପଞ୍ଚାୟତର ହରିଦାସପୁର ଗ୍ରାମ ନିବାସୀ ରତ୍ନାକର ଦାସ ଦୀର୍ଘ ବର୍ଷ ହେଲା କର୍କଟ ରୋଗରେ ପୀଡ଼ିତ ଥାଇ ନିଜର ସର୍ବସ୍ୱ ହରାଇଛନ୍ତି । ପରିବାର ଭରଣ ପୋଷଣ କରିବା ତାଙ୍କ ପକ୍ଷରୁ ଅସମ୍ଭବ ଥିବାରୁ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଖବର ପାଇ ତାଙ୍କର ପରିବାର ଭରଣ ପୋଷଣ ପାଇଁ ଗୋ-ମାତା ଏବଂ ବାଛୁରୀ ଦାନ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି, ଉପ ସଭାପତି ରଶ୍ମି ରଞ୍ଜନ ବାରିକ, ଅମ୍ବୁଜ ଲେଙ୍କା, ମନୋଜ କୁମାର ରାଉତ, କେଦାର ସ୍ୱାଇଁ, ମୁକ୍ତିକାନ୍ତ ପଣ୍ଡା, ଦିଲିପ କୁମାର ନାଥ, ନିଗମ ସାହୁ, ଶିଶିର କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

# ଘଟଗାଁ ପଦଯାତ୍ରୀଙ୍କୁ ଜାରକାରେ ସମ୍ବର୍ଦ୍ଧନା



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ବଡ଼ଚଣା ବ୍ଲକ ସୁଙ୍ଗୁଡ଼ା ଗ୍ରାମର ଯୁବ ଆଇନଜୀବୀ ତଥା ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ୍ ପାଠାଗାର ସହ ସମ୍ପାଦକ ଦିନବନ୍ଧୁ ନାଏକ ପଦଯାତ୍ରାରେ ଘଟଗାଁ ତାରିଣୀ ମନ୍ଦିର ଯାଉଥିବା ବେଳେ ଧର୍ମଶାଳା ଅଞ୍ଚଳର ଆଇନଜୀବୀମାନଙ୍କ ପକ୍ଷରୁ ଜାରକାଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଦିନବନ୍ଧୁ ନାୟକ ପ୍ରତିବର୍ଷ ଘଟଗାଁକୁ ପଦଯାତ୍ରାରେ ଦର୍ଶନ କରିବାକୁ ଯାଉଥିବା ବେଳେ ଚଳିତ ବର୍ଷ ଏହା ୧୨ ବର୍ଷରେ ପଦାର୍ପଣ କରିଛି । ଦିନବନ୍ଧୁଙ୍କ ପଦଯାତ୍ରାରେ ତାଙ୍କ ଗ୍ରାମର ବହୁ ମହିଳା ପୁରୁଷ ସାମିଲ ହୋଇଥିଲେ । ପଦଯାତ୍ରାକାରୀ ହାତରେ ଝଣ୍ଡା ଧରି ଘଣ୍ଟ, ଘଣ୍ଟା କାହାଳୀ ବଜାଇ ଜାରକା ଫ୍ଲାଇଓଭର ବ୍ରିଜ ନିକଟରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ଆଇନଜୀବୀମାନେ ଶ୍ରୀ ନାଏକଙ୍କ ସହିତ ତାଙ୍କ ସହଯୋଗୀମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ସମବେତ ଜନତାଙ୍କ ମା' ତାରିଣୀଙ୍କ ଜୟ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା । ଏହି ଅବସରରେ ଚଳିତ ବର୍ଷ ଧର୍ମଶାଳା ଅଞ୍ଚଳରେ ଚାଷ କାର୍ଯ୍ୟ କିପରି ସୁରୁଖୁରୁରେ ହେବ ସେ ନେଇ ମା' ତାରିଣୀଙ୍କ ନିକଟରେ ଉପସ୍ଥିତ ଜନତା ଶୁଭ କାମନା କରିଥିଲେ । ସକାଳୁ ସୁଙ୍ଗୁଡ଼ା ଗ୍ରାମରୁ ଏହି ପଦଯାତ୍ରା ବାହାରିଥିବା ବେଳେ ପଦଯାତ୍ରାକାରୀମାନେ ୧୧୦କି.ମି ଅତିକ୍ରମ କରି ଘଟଗାଁରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି । ଯୁବ ଆଇନଜିବୀ ଶ୍ୟାମପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବରିଷ୍ଠ ଆଇନଜୀବୀ ସନ୍ତୋଷ ତରାଇ, କିଶୋର ନାୟକ, ହେମନ୍ତ ମାହାଲା, ପ୍ରତାପ କୁମାର ଦାଶ, ରାମଚନ୍ଦ୍ର ତ୍ରିପାଠୀ, ପୁରୁଷୋତ୍ତମ ନାୟକ, ରମେଶ ଚନ୍ଦ୍ର ପଣ୍ଡା, ସରକାରୀ ଓକିଲ କ୍ଷିରୋଦ ଚନ୍ଦ୍ର ମୁଦୁଲି, ନିରଞ୍ଜନ ସାମଲ, କୁମରବର ନାୟକ, ଶଶାଙ୍କ ଶତପଥୀ, ଧନେଶ୍ୱର ବାହାଲିଆ, କେଦାରେଶ୍ୱର ଦାଶ, ସୋମନାଥ ସାହୁ, ପଦ୍ମଚରଣ ମୁଦୁଲି, ସୂର୍ଯ୍ୟକାନ୍ତ ସାହୁ, ସୁଦର୍ଶନ ଘଡ଼େଇ, ମହେନ୍ଦ୍ର ମହାନ୍ତି, ନରୋତ୍ତମ ପଣ୍ଡା, ଅଜିତ ରାଉତ ପ୍ରମୁଖ ଆଇନଜୀବୀ ଉପସ୍ଥିତ ରହି ପଦଯାତ୍ରାକାରୀଙ୍କୁ ସ୍ୱାଗତ କରିଥିଲେ ।

# ବ୍ଲକ୍ ସ୍ତରୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମାସିକ ଆଲୋଚନା ଚକ୍ର




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ୍ ସ୍ତରୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମାସିକ ଆଲୋଚନା ଚକ୍ର ତୁଣ୍ଡୁପୁର ସହକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ୫ମ ଆଲୋଚନା ଚକ୍ରରେ ଲାଲ ବାହାଦୁର ହାଇ ସ୍କୁଲର ନୋଡାଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ, ଇନ୍ଦପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସଂଜୀବ କୁମାର ବେହୁରିଆ, ତୁଣ୍ଡୁପୁର ହାଇ ସ୍କୁଲର ପ୍ରଧାନ ଶିକ୍ଷକ ନୀଳିମା ସ୍ୱାଇଁ, ଚଉଦକୁଲାଟ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ରତୀକାନ୍ତ ସେନାପତି ପ୍ରମୁଖ ଯୋଗ ଦେଇ ପୂର୍ବ ଆଲୋଚନା ଗୁଡିକର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପିତ କରିଥିଲେ । ଏହା ସହ ଆଗାମୀ ମାଟ୍ରିକ୍ ପରୀକ୍ଷା ପରିଚାଳନା ପ୍ରସ୍ତୁତି ଓ ନିଆଯାଇ ଥିବା ସ୍ୱତନ୍ତ୍ର ପଦକ୍ଷେପ, ମାଟ୍ରିକ ପରୀକ୍ଷା କେନ୍ଦ୍ର ପ୍ରସ୍ତୁତି, ଅର୍ଦ୍ଧ ବାର୍ଷିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ସଂପର୍କରେ ଆଲୋଚନା କରିଥିଲେ । ଏଥି ସହିତ ପ୍ରଧାନ ଶିକ୍ଷକମାନଙ୍କ ଆୟୋଜିତ ବିଦ୍ୟାଳୟ ପରିଦର୍ଶନ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିଷ୍ପତ୍ତି ଅନୁଯାୟୀ ଅନ୍ୟାନ୍ୟ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା ।

# ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**




ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨ରିଖ ଠାରୁ ୧୦ରିଖ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ଧରି ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ପ୍ରାରମ୍ଭରେ ମୁଖ୍ୟ ଅତିଥି ସୁଶ୍ରୀ ଧରିତ୍ରୀ ବିଶ୍ୱାଳ (ରମ୍ଭା ଥାନା ଏସ.ଆଇ) ପ୍ରଦୀପ ପ୍ରଜ୍ୱଳନ ସହ ପ୍ରାରମ୍ଭିକ ସଙ୍ଗୀତ ରେକଟ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡଃ ରଞ୍ଜନ କୁମାର ଦାସ (ଅଧ୍ୟକ୍ଷ) ସଭାପତିତ୍ୱ କରିଥିବା ବେଳେ ସୁଜିତ କୁମାର ପାଣିଗ୍ରାହୀ (ରମ୍ଭା ଥାନା ଏ.ଏସ.ଆଇ) ସମ୍ମାନିତ ଅତିଥି, ସୁଶ୍ରୀ ସଂଗୀତା ପଣ୍ଡା (ଇଂରାଜୀ ଅଧ୍ୟାପିକା ସହ ସଂଯୋଜିକ), ଅମର ନାୟକ କୋ ଓର୍ଡ଼ିନେଟର (କାର୍ଯ୍ୟକ୍ରମ ସଂଯୋଜକ) ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ ଛାତ୍ରୀମାନଙ୍କୁ ଅଭିଭାଷଣ ମାଧ୍ୟମରେ ମୋବାଇଲର ଠିକ୍/ଅଠିକ୍ ଯେପରି ଅଛି ନିଜେ ବଞ୍ଚିବା ସହ ଅନ୍ୟ ଯେ ତୁମକୁ କ୍ଷତି ପହଞ୍ଚୁଛି ସେଠାରେ ଉକ୍ତ ଶିକ୍ଷଣୀୟକୁ ବ୍ୟବହାର କରି ତତ୍‌ସହିତ ଧମକ୍ ଓ ଝଟ୍‌କା ଦେବା ଅନ୍ୟ ଜଣକୁ ସହଯୋଗ କରିବା ବୋଲି ଜଣାଇଥିଲେ । ଡିଜିଟାଲ ଦୁନିଆରେ ନାରୀ ଅବହେଳା ନୁହେଁ କି ଦୁର୍ବଳ । ନୁହେଁ ମତବ୍ୟକ୍ତ କରିଥିଲେ ।ତାଲିମ ଶିବିରରେ ୧୨୧ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିକା ରୂପେ ସୁଶ୍ରୀ ପୂଜାରାଣୀ ଦାସ, କଲ୍ୟାଣୀ କୁମାରୀ ପଣ୍ଡା ଦ୍ୱୟ ରହିଥିଲେ । ଶେଷରେ ଆତ୍ମସୁରକ୍ଷା ତାଲିମ ପ୍ରାପ୍ତ ଛାତ୍ରୀମାନଙ୍କୁ ମଞ୍ଚାସୀନ ବ୍ୟକ୍ତିମାନଙ୍କ ଦ୍ୱାରା ମାନପାତ୍ର ପ୍ରଦାନ କରିବା ସହ ଦ୍ୱୟ ଟ୍ରେନରଙ୍କୁ ଟ୍ରଫି ସହ ମାନପାତ୍ର ଦିଆଯାଇଥିଲା । ଶେଷରେ ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ । ଶିବିରକୁ କଲେଜର ଅଧ୍ୟାପକ/ଅଧ୍ୟାପିକାମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତିର୍ତ୍ତୋଲ ପଞ୍ଚାୟତ କାର୍ଯ୍ୟାଳୟ ନେହୁରୁ ପଡ଼ିଆ ଠାରେ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ତଥା ବ୍ଲକ ସଭାପତି ଗଙ୍ଗାଧର ବିଶ୍ୱାଳ, ଜିଲ୍ଲାପରିଷଦ ସୁନୀଲ ବେହେରା, ବିଡ଼ିଓ ତପନ କୁମାର ସେନାପତି, ଏବିଡ଼ିଓ ସତ୍ୟଜିତ ସ୍ୱାଇଁ, ଓଏଲ୍‌ଏମ୍ ଅଧିକାରୀ କଳ୍ପନା ଦଳାଇ, ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ଚନ୍ଦ୍ର ଦାସ, ଜିପିଓ ବିଶ୍ୱଜିତ ମହାପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକରୀ ସଚିନ ରାଉତ, ଯନ୍ତ୍ରୀ କ୍ଷିତୀଶ ପ୍ରମୁଖ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ସମ୍ପର୍କିତ ଜଣକଲ୍ୟାଣ ଯୋଜନା ସଂମ୍ପର୍କରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଏମ୍‌ବିକେ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ମତ୍ସ୍ୟ ବିଭାଗ କର୍ମୀ ସହିତ ଅନ୍ୟ ସରକାରୀ ଅଧିକାରୀମାନେ ଉପସ୍ଥିତ ରହି ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ତିର୍ତ୍ତୋଲ ଅଞ୍ଚଳର ବରିଷ୍ଠ ନାଗରିକ, ବଜାର କମିଟି ସଭାପତି, ସାହିତ୍ୟିକ, ଅଧ୍ୟାପକ, କବି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କୁନି କୁନି ପିଲାମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିମଳକାନ୍ତ ମହାପାତ୍ର, ବିନୟ ମହାପାତ୍ର, ନରେଶ ମହାପାତ୍ର, ପ୍ରଦୀପ୍ତ ମହାପାତ୍ର, ଯୋଗେନ୍ଦ୍ର ବେହେରା, ବିଜୟାନନ୍ଦ ନାଥ, ସୁଜିତ ମହାପାତ୍ର, ଅରୁଣ ମହାପାତ୍ର, ପ୍ରବିନ ମହାପାତ୍ର, ନବ କିଶୋର ମହାପାତ୍ର ଅଶୋକ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ । ପଞ୍ଚାୟତର ସହସ୍ରାଧିକ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ ।

# ମଦନମୋହନ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକର ଆନନ୍ଦପୁର ପଞ୍ଚାୟତର ଉତେଇପୁର ଠାରେ ଥିବା ମଦନମୋହନ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାରତ ଚନ୍ଦ୍ର ତରାଇଙ୍କ ସଭାପତିତ୍ୱରେ ଅତିଥି ଭାବେ ଶିକ୍ଷାବିତ୍ ତ୍ରିଲୋଚନ ବେହେରା, ହୃଦାନନ୍ଦ କର, ରବିନାରାୟଣ କର, ପୂର୍ବତନ ସରପଞ୍ଚ ପ୍ରମୋଦ ପୃଷ୍ଟି, ଶରତ ଚନ୍ଦ୍ର ମାଝୀ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, କୃଷ୍ଣ ଚନ୍ଦ୍ର ଜେନା, ପ୍ରସାନ୍ତ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପରିଚାଳନା କମିଟିର ସଭାପତି ଭାଗିରଥୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ରୀନା ରାଣୀ ପଣ୍ଡା ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଦିଲୀପ ଜେନା, ଗୋପୀନାଥ ପାତ୍ର, ଜୟ ଯବାନ ଜେନା, ଜୟନ୍ତ ଦାସ, ସନ୍ତୋଷ ରାଉତ, ସୋନିଭା ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବାର୍ଷିକ ସଭା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

**ଜଗତପୁର, ନ୍ୟୁଜ୍‌ବ୍ୟୁରୋ**

ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନା ଚକ୍ର ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିଷରରେ ଅନୁଷ୍ଠିତ ହୋଇଯାଇଛି । କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରକୁ ବିଶିଷ୍ଟ ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଶଶଧର ପଣ୍ଡା, ମୁଖ୍ୟବକ୍ତା ଭାବେ ଆଇନଜୀବୀ ପତିତପାବନ ମହାପାତ୍ର,ସମ୍ମାନୀୟ ଅତିଥିଭାବେ ପଣ୍ଡିତ ଚୈତନ୍ୟ କୁମାର ସାହୁ, ଚୈତନ୍ୟ କୁମାର ରାଉତ ଓ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଯୋଗଦେଇ ମାତୃଭାଷାର ବିକାଶପାଇଁ ସାହିତ୍ୟ ସଂଗଠନ ମାନେ ଯୁବପିଢିକୁ ଅନ୍ତର୍ଭୁକ୍ତ କରନ୍ତୁ ବୋଲି କହିଥିଲେ । ଡ. ବସନ୍ତ କୁମରୀ ନନ୍ଦ ଓ ଗୀତାଞ୍ଜଳି ପୃଷ୍ଟିଙ୍କ ସଂଯୋଜନାରେ କବି ସାଗରିକା ମାଝୀ, ଶୁଭସ୍ମିତା ସାହୁ, ମୈତ୍ରୀ ଭୁଷଣ ଖୁଣ୍ଟିଆ, ସୁରେନ୍ଦ୍ର ଜେନା, ତ୍ରୀଶା ମଣ୍ଡଳ, ସୀମା ମଣ୍ଡଳ, ଉତ୍କଳିକା ବିଶ୍ୱାଳ, ସୁଧିର ନାୟକ, ବସନ୍ତ କୁମାର ସାହୁ, ଉତ୍ତମ ଚରଣ ପ୍ରଧାନ, ଲୋକନାଥ ସେଠୀ, ଆକାଂକ୍ଷା ପ୍ରିୟଦର୍ଶିନୀ ଫାରକ, ଅନୁସୟା ପ୍ରଧାନ, ନିରୁପମା ସାହୁ, ଆଶିଷ ରଂଜନ ଦାଶ, ପାୟଲ ପଲେଇ, ରଶ୍ମିତା ମଣ୍ଡଳ, ସଚ୍ଚିଦାନନ୍ଦ କର, ପ୍ରକୃତି ପ୍ରୀୟଦର୍ଶିନୀ ସାହୁ, ବ୍ରଜବନ୍ଧୁ ପୃଷ୍ଟି, ପ୍ରଭାକର ଦାସ,ରାଜକିଶୋର ସ୍ୱାଇଁ, ଅରୁଣ କୁମାର ଅଗ୍ରବାଲ, ଅଶ୍ୱିନୀ କୁମାର ସେଠୀ, ସୁରେନ୍ଦ୍ର ମହାପାତ୍ର, ନମିତା ମହାନ୍ତି, ସଂଯୁକ୍ତା ଦାଶ, ବବଲି କୁମାରୀ, ପ୍ରଭାତୀରାଣୀ ମହାନ୍ତି, ରତନ କୁମାର ମହାନ୍ତି ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ । ପ୍ରାରମ୍ଭରେ ସୁକୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ରାଜିବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାଧାରଣ ସଂପାଦକ କବି ମନୋରଞ୍ଜନ ପଣ୍ଡା କବିତାର ସମିକ୍ଷା କରିଥିଲେ ।ମହେନ୍ଦ୍ର କୁମାର ସାହୁ ପରିଚାଳନାରେ ସହଯୋଗ କରିଥିଲେ । କବି ଆଦିତ୍ୟ ରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାମନଗର ବ୍ଲକ୍‌ରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା ଶିବିର

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**




ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସଚେତନତା କରିବାସହ ସେମାନଙ୍କୁ ଅଧିକ ସୁବିଧା ସୁଯୋଗ ପାଇଁ ସଚେତନତା ଶିବିର କରାଯାଇ ଲୋକଙ୍କୁ ସଚେତନ ପାଇଁ ଧାମନଗର ବ୍ଲକ୍‌ର ଦୋବଲ ଜୋନର ମୁସ୍ତାଫାପୁର, କରଦା ଓ ସୋହଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଛି । ପୂର୍ବାହ୍ନରେ ମୁସ୍ତାଫାପୁର ପଞ୍ଚାୟତ ଦୋବଲ କାଳୀ ପଡ଼ିଆ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ଡା. ସଞ୍ଜୟ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ଉପଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ବ୍ଲକ୍ ବିଜେଡ଼ି ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳାଇ ଓ ମୁସ୍ତାଫାପୁର ସରପଞ୍ଚ ଜିସ୍ମାରା ବିବି ପ୍ରମୁଖ ଯୋଗ ଦେଇ ରାଜ୍ୟସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ବିଦ୍ୟୁତ ଯୋଗାଣ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଆଦି ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମହିଳା ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା, ଏମ.ବି.କେ, ସି.ଆର.ପି, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସୁପରଭାଇଜର ମାନଙ୍କୁ ଅତିଥିମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଆମ ଓଡ଼ିଶା ନବୀନ ଓଡ଼ିଶାର ପୁସ୍ତିକା ଉନ୍ମୋଚନ କରିଥିଲେ । ସେହିପରି କରଦା ପଞ୍ଚାୟତର ସୁଜାଣସିଂପୁର ପଡ଼ିଆଠାରେ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମମତା ଆଚାର୍ଯ୍ୟ ସଭାପତିତ୍ୱ ଓ ଜୀତେନ୍ଦ୍ର କରଙ୍କ ସଂଯୋଜନାରେ ଉପରୋକ୍ତ ଅତିଥିମାନେ ଯୋଗ ଦେଇଥିଲେ । କୁଳମଣି ବେହେରା, ଆନନ୍ଦ ସାହୁ, ଶ୍ରୀନିବାସ ଆଚାର୍ଯ୍ୟ, ପ୍ରଦୀପ ଦାସ, ଚନ୍ଦ୍ରମଣି ସାହୁ, ରମେଶ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ସୋହଡ଼ା ପଞ୍ଚାୟତରେ ସାହୁଶାହି ପଡ଼ିଆରେ ବାଲେଶ୍ୱର ଭଦ୍ରକ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଦଶରଥ ଜେନାଙ୍କ ସଭାପତିତ୍ୱ ସରପଞ୍ଚ ଲୋପାମୁଦ୍ରା ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନୋଦ ନାୟକ, ଯୁବନେତା ସତ୍ୟପ୍ରକାଶ ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଭାଜପା ନେତାଙ୍କ ଗାଁକୁ ଚାଲ କାର୍ଯ୍ୟକ୍ରମ

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟିର ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନାଙ୍କର ବିଭିନ୍ନ ପଞ୍ଚାୟତ ଗ୍ରସ୍ତ କରି ବୁଥ୍ ସ୍ତରୀୟ ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ କରିଛନ୍ତି । ଶ୍ରୀ ଜେନାଙ୍କ ନେତୃତ୍ୱରେ ୨୩ ନଂ ଜୋନ୍‌ର ମଙ୍ଗଳପୁର, ୧୯ ନମ୍ବର ଜୋନର ବଳିପାଳ, ୨୧ ନଂ ଜୋନ୍‌ର ନାଳଦିଆ ପାଳନ୍ଦା ଗ୍ରାମକୁ ଗ୍ରସ୍ତ କରି ବୁଥ୍ ସ୍ତରୀୟ ଲୋକମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ । ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ । ଶ୍ରୀ ଜେନାଙ୍କ ସହିତ ଭାଜପାର ଯୁବନେତା ପବିତ୍ର ପରିଡ଼ା, ରୋଜାଲିନ ମହାନ୍ତି, ୨୩ ନଂ ଜୋନ୍ ସଭାପତି ତ୍ରିଲୋଚନ ରାଉତ, ଯୁବନେତା ଶଶିକାନ୍ତ ପରିଡ଼ା, ରଞ୍ଜିତ ଆଚାର୍ଯ୍ୟ, ପ୍ରଦୀପ୍ତ ମହାପାତ୍ର, ରବିନ୍ଦ୍ର ପରିଡ଼ା, ସୁଜାତା ଦାସ, ପ୍ରହଲ୍ଲାଦ ସେଠୀ, ସୁବାଷ ସେଠୀ, ଚରଣ ଦାସ, ଉତମ ମଲିକ, ରୀନା ମଲିକ, ସୁଦାମ ବାରିକ, ଜୟନ୍ତୀ ନାୟକ, ଧନଞ୍ଜୟ ସାହୁ ପ୍ରମୁଖ ସାମିଲ ଥିଲେ ।



# ଜଗତସିଂହପୁର ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉପସ୍ଥିତ ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମି ନାଶକ ବଟିକା ଆଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ୍ ଓ ବଟିକା ସେବନ କରାଇବା ନିମନ୍ତେ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ ଦିବସର ମହତ୍ୱ ପ୍ରତିପାଦିତ କରିବାକୁ ଯାଇ କହିଲେ ୨୦୧୫ ମସିହା ଠାରୁ ପ୍ରତିବର୍ଷ ୧୦ ଫେବୃଆରୀକୁ ଜାତୀୟ କୃମି ନାଶକ ଦିବସ ରୂପେ ପାଳନ କରାଯାଉଛି । ଯାହାର ଉଦ୍ଦେଶ୍ୟ ହେଉଛି ୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଓ କିଶୋର କିଶୋରୀ ତଥା ୨୦ ରୁ ୨୪ ବର୍ଷ ବୟସର ସମସ୍ତ ମହିଳା ଯିଏକି (ଗର୍ଭବତୀ ଓ ପ୍ରସୂତି ହୋଇନଥିବେ)ଙ୍କୁ କୃମି ନାଶକ ବାଟିକାର ସେବନ କରାଇ ଏହି ଅଭିଯାନକୁ ସଫଳ କରାଇବା । କୃମି ଦ୍ୱାରା ସଂକ୍ରମିତ ହେଲେ ପୁଷ୍ଟିହୀନତା, ରକ୍ତହୀନତା, ବଦ୍‌ହଜମୀ, ଶାରୀରିକ ତଥା ମାନସିକ ଅନଗ୍ରସରତା ଦେଖାଯିବା ସହ କାର୍ଯ୍ୟ ଦକ୍ଷତା କମିଯାଏ । ତେଣୁ କୃମି ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୃମି ନାଶକ ବଟିକା ସେବନ କରିବା ସାଙ୍ଗେ ପରିଷ୍କାର ପରିଚ୍ଛନ୍ନ ରହିବା, ମଳତ୍ୟାଗ ସମୟରେ ପାଇଖାନାରେ ଚପଲ ବ୍ୟବହାର, ବିଶୁଦ୍ଧ ପାନୀୟ ଜଳ ସେବନ, ଖାଇବା ପୂର୍ବରୁ ହାତ ସଫା କରିବା, ନଖ କାଟିବା ଆଦି ବିଷୟରେ ଉପସ୍ଥିତ ଅତିଥିମାନେ ସମସ୍ତଙ୍କୁ ସଚେତନ କାରାଇଥିଲେ । ଏହି ଅଭିଯାନ ଜିଲ୍ଲାର ୧୩୫୬ ସରକାରୀ, ବେସରକାରୀ ବିଦ୍ୟାଳୟ, ୧୭୪୨ ଅଙ୍ଗନୱାଡ଼ି କେନ୍ଦ୍ରରେ ଆରମ୍ଭ ହୋଇଛି । ଏହି ସମସ୍ତ ସ୍ଥାନରେ ଆଶାକର୍ମୀ, ଅଙ୍ଗନୱାଡି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉପସ୍ଥିତିରେ ପିଲା ମାନଙ୍କୁ କୃମି ନାଶକ ବଟିକା ଓ ଶିରପ ଆଲବେଣ୍ଡାଜୋଲ ଖାଇବାକୁ ଦିଆଯାଇଛି । ଜିଲ୍ଲାର ୨୩୪୧୧୩ ଜଣ ୧ ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର, ୧୯୮୦୭ଜଣ ୨୦ ରୁ ୨୪ ବର୍ଷ ବୟସର ପ୍ରସୂତି ବା ଗର୍ଭବତୀ ହୋଇନଥିବା ପ୍ରଜନନକ୍ଷମ ମହିଳାମାନଙ୍କୁ ଏହି ବଟିକା ଓ ସିରପ୍ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି । ଜିଲ୍ଲା ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ, ନୋଡାଲ ଅଫିସର ତଥା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ସଞ୍ଜିତା ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ, ଏପିଡେମିଓଲୋଜିଷ୍ଟ ଡା. ସ୍ମୃତିରଞ୍ଜନ ପଣ୍ଡା, ଡିଭିଏଲ୍‌ଏମ୍ ପାର୍ଥସାରଥୀ କର ଶର୍ମା, ହସ୍ପିଟାଲ ମ୍ୟାନେଜର୍ ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଦୀପ୍ତିମୟୀ ଷଡ଼ଙ୍ଗୀ, ସହରାଞ୍ଚଳର ଆଶା ଓ ସହକାରୀ ପରିଚାଳିକା ସୁଜାତା ପ୍ରିୟମ୍ବଦା ଦାସ ଓ ପ୍ରକାଶ କୁମାର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମପରାୟଣ ବ୍ୟକ୍ତି ଜଗବନ୍ଧୁ ପାତ୍ରଙ୍କ ଏକାଦଶାହ ସ୍ମୃତି ସଭା

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଦୋବଲ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତିର ସଦସ୍ୟ, ପରୋପକାରୀ, ସଙ୍ଗୀତ ପ୍ରେମୀ, ବିଶିଷ୍ଟ ବ୍ୟବସାୟୀ ତଥା ଧର୍ମପରାୟଣ ବ୍ୟକ୍ତି ମୁସ୍ତାଫା ପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ବ୍ୟବସାୟୀ ଜଗବନ୍ଧୁ ପାତ୍ରଙ୍କ ଏକାଦଶାହ ସ୍ମୃତି ଚାରଣ ସଭା କୃତିବାସ ତ୍ରିପାଠୀଙ୍କ ସଭାପତିତ୍ୱରେ ଯାଜପୁର ଜିଲ୍ଲା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମନୋଜ କୁମାର ଜେନାଙ୍କ ସଂଚାଳନାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ପୂର୍ବତନ ଶିଶୁ ସୁରକ୍ଷା ମଙ୍ଗଳ ସମିତି ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ସରପଞ୍ଚ ଅଶୋକ ପଣ୍ଡା, ଶିକ୍ଷାବିତ୍ ଘନଶ୍ୟାମ ଆଟେଇ, ନକୁଳଦେବ ଶାସ୍ତ୍ରୀ, ପ୍ରମୋଦ ନାୟକ, ହୃଦାନନ୍ଦ କର, ଭୋଳାନାଥ ସାହୁ, ଦିଲୀପ ସାମଲ, ଗୋବିନ୍ଦ ତ୍ରିପାଠୀ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ଆଇନଜୀବୀ ରଣଜିତ ମହାନ୍ତି, ନାତି ବିନୟ କୁମାର ସ୍ୱାଇଁ, ସତ୍ୟଜିତ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜଗବନ୍ଧୁ ପାତ୍ର ଜଣେ ମଞ୍ଚ କଳାକାର, ରାଜନୀତିଜ୍ଞ, ସଫଳ କୃଷକ ଓ ଆଧ୍ୟାତ୍ମିକ ବାଦି ବ୍ୟକ୍ତି ଥିଲେ । ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଫେବୃୟାରୀ, ସୋମବାର, ୨୦୨୪

# ୩ୟ ଟେଷ୍ଟ : ଭାରତର ଐତିହାସିକ ବିଜୟ, ଇଂଲଣ୍ଡକୁ ୪୩୪ ରନରେ ହରାଇଲା

**ରାଜକୋଟ୍**

ଜୟସ୍ୱାଲଙ୍କ ଦ୍ୱିଶତକ ପରେ ରବୀନ୍ଦ୍ର ଜାଡ୍ଡେଜାଙ୍କ ଘାତକ ବୋଲିଂ ଆଗରେ ଇଂଲଣ୍ଡର ଆତ୍ମସମର୍ପଣ। ରାଜକୋଟ୍‌ରେ ଭାରତର ଐତିହାସିକ ବିଜୟ। ଇଂଲଣ୍ଡକୁ ୪୩୪ ରନରେ ହରାଇ ନିଜ ଟେଷ୍ଟ ଇତିହାସରେ ସବୁଠୁ ବିଶାଳ ବିଜୟ ଲକ୍ଷ୍ୟ ହାସଲ କରିଛି ଭାରତ। ଏହା ପୂର୍ବରୁ ରନ ଦୃଷ୍ଟିରୁ ଭାରତ ୨୦୨୧ ଡିସେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩୭୨ ରନରେ ଜିତିଥିଲା। ରୋହିତ ବାହିନୀଙ୍କ ଦ୍ୱାରା ଧାର୍ଯ୍ୟ ୫୫୭ ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୩ୟ ଟେଷ୍ଟର ଚତୁର୍ଥ ଦିନରେ ଅତ୍ୟନ୍ତ ଦୟନୀୟ ବ୍ୟାଟିଂ କରି ମାତ୍ର ୧୨୨ ରନରେ ଅଲଆଉଟ ହୋଇଛି। ଫଳରେ ଗୋଟିଏ ଦିନ ବାକି ଥାଇ ତୃତୀୟ ଟେଷ୍ଟ ସମାପ୍ତ ହୋଇଛି। ଚତୁର୍ଥ ଦିନରେ ଇଂଲଣ୍ଡ ୪୦ ଓଭର ଖେଳି ଅଲଆଉଟ ହୋଇଛି। ଏଥି ସହ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୨-୧ରେ ଅଗ୍ରଣୀ ହାସଲ କରିଛି। ଦଳ ପକ୍ଷରୁ ମାର୍କ ଉଡ୍ ସର୍ବାଧିକ ୩୩ ରନ କରିଛନ୍ତି। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡ୍ଡେଜା ୫ ୱିକେଟ ନେଇ ଇଂଲଣ୍ଡକୁ ଧରାଶାୟୀ କରିଛନ୍ତି। ଦ୍ୱିତୀୟ ଇନିଂସରେ ଭାରତ ୪୩୦/୪ରେ ପାଳି ସମାପ୍ତି ଘୋଷଣା କରିଥିଲା। ଦ୍ୱିତୀୟ ଇନିଂସରେ ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୨୧୪ ରନ ଓ ସରଫରାଜ ଖାନ ୬୮ ରନର ଅପରାଜିତ ଇନିଂସ ଖେଳିଥିଲେ। ଶୁଭମନ ଗିଲ୍ ୯୧ ରନର ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ।

ଭାରତର ୪୩୦/୪ରେ ଦ୍ୱିତୀୟ ପାଳି ସମାପ୍ତି ଘୋଷଣା ପରେ ପ୍ରଥମ ଇନିଂସ ଭିତ୍ତିରେ ଇଂଲଣ୍ଡ ସମ୍ମୁଖରେ ଥିଲା ୫୫୭ ରନର ବିଜୟ ଲକ୍ଷ୍ୟ। ଖେଳ ଆଉ ଦେଢ଼ ଦିନରୁ ଅଧିକ ସମୟ ବାକି ଥିଲା। ଲାଗୁଥିଲା ଖେଳ ପଞ୍ଚମ ଦିନକୁ ଯିବ। କିନ୍ତୁ କେହି ଆଶା କରି ନ ଥିଲେ ଯେ, ଚତୁର୍ଥ ଦିନର ଖେଳ ସରିବା ପୂର୍ବରୁ ରାଜକୋଟ୍ ଟେଷ୍ଟ ସରିଯିବ। ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଭୋଗି ଇଂଲଣ୍ଡ ୩୯.୪ ଓଭର ଖେଳି ମାତ୍ର ୧୨୨ ରନରେ ଅଲଆଉଟ ହୋଇଛି। ରବୀନ୍ଦ୍ର ଜାଡ୍ଡେଜା ଘାତକ ବୋଲିଂ କରି ଇଂଲଣ୍ଡର ବ୍ୟାଟିଂ



ମେରୁଦଣ୍ଡ ଭାଙ୍ଗିଥିଲେ। ସେ ୪୧ ରନ ଦେଇ ୫ଟି ୱିକେଟ ଅକ୍ତିଆର କରିଥିଲେ। ତାଙ୍କୁ ଉତ୍ତମ ସହଯୋଗ ଦେଇ କୁଲଦୀପ ଯାଦବ ୨ଟି ଏବଂ ବୁମ୍‌ରା-ଅଶ୍ୱିନ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ମାର୍କ ଉଡ୍ ସର୍ବାଧିକ ୩୩ ରନ କରିଥିଲେ। ଉଲ୍ଲେଖନୀୟ ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡ୍ଡେଜାଙ୍କ ଶତକ ବଳରେ ଭାରତ ପ୍ରଥମ ଇନିଂସରେ ୪୪୫ ରନ କରିଥିଲା। ଜବାବରେ ଇଂଲଣ୍ଡ ୩୧୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ସିରାଜ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ।

ଚତୁର୍ଥ ଦିନରେ ଯଶସ୍ୱୀ ଜୟସ୍ୱାଲ ଐତିହାସିକ ଦ୍ୱିଶତକ ହାସଲ କରିଛନ୍ତି। ବିଶାଖାପଟନମ୍ ପରେ ରାଜକୋଟ୍ ଟେଷ୍ଟରେ କ୍ରମାଗତ ଦ୍ୱିଶତକ ହାସଲ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଥିଲେ ଜୟସ୍ୱାଲ। ଆଉ ସର୍‌ଫରାଜ ଖାନ୍ ମଧ୍ୟ ପଦାର୍ପଣ ଟେଷ୍ଟରେ ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରି କୀର୍ତ୍ତିମାନ ନିଜ ନାଁରେ କରିଛନ୍ତି।

ଭାରତ ପ୍ରଥମ ଇନିଂସ : ୪୪୫ ରନ, ରୋହିତ ଶର୍ମା ୧୩୧ ରନ, ରବୀନ୍ଦ୍ର ଜାଡ୍ଡେଜା ୧୧୨, ସରଫରାଜ ଖାନ ୬୨, ମାର୍କ ଉଡ୍- ୧୧୪/୪, ରେହାନ ଅହମ୍ମଦ ୮୫/୨।

ଇଂଲଣ୍ଡ ପ୍ରଥମ ଇନିଂସ : ୩୧୯ ରନ, ବେନ୍ ଡକେଟ୍ ୧୫୩ ରନ, ବେନ ଷ୍ଟୋକ୍ସ ୪୧ ରନ, ଓଲି ପପ ୩୯ ରନ, ମହମ୍ମଦ ସିରାଜ- ୮୪/୪, ରବୀନ୍ଦ୍ର ଜାଡ୍ଡେଜା ୫୧/୨, କୁଲଦୀପ ଯାଦବ- ୭୭/୨।

ଭାରତ ଦ୍ୱିତୀୟ ଇନିଂସ : ୪୩୦/୪ ପାଳିସମାପ୍ତି ଘୋଷଣା, ଯଶସ୍ୱୀ ଜୟସ୍ୱାଲ ୨୧୪, ସର୍‌ଫରାଜ ଖାନ ୬୮, ଶୁଭମନ ଗିଲ ୯୧, ଟମ୍ ହାର୍ଟଲୀ ୭୮/୧।

ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୧୨୨ ରନ, ମାର୍କ ଉଡ୍ ୩୩ ରନ, ରବୀନ୍ଦ୍ର ଜାଡ୍ଡେଜା ୪୧/୫, କୁଲଦୀପ ଯାଦବ ୧୯/୨।

## ରାଜ୍ୟ ସ୍ତରୀୟ ରାଜେଶ ବଳ ମା’ ସୁବର୍ଣ୍ଣମୁଖୀ କ୍ରିକେଟ

# ଏସିଏ ଜାମସେଦ୍‌ପୁର ବିଜୟୀ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ସୋଧ ଧରମ ପଡ଼ିଆ ଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ରାଜେଶ ବଳ ମା’ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଯାଜପୁର ବରୀର ୱାରିଅର୍ସ କ୍ରିକେଟ କ୍ଲବ୍‌କୁ ହରାଇ ଜାମସେଦପୁରର ଏସିଏ କରି କ୍ରିକେଟ ଟିମ୍ ବିଜୟ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ବରୀ ୱାରିଅର୍ସ ଟସ୍ ଜିତି ୨୦ ଓଭରରେ ୭ ୱିକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମାଧବ ଦୀକ୍ଷିତ ୪୮ ବଲ୍‌ରେ ୯୫ ରନ, ଶୁଭମ୍ ଜେନା ୧୮ ବଲରେ ୨୫ ରନ କରିଥିଲେ। ପ୍ରତିପକ୍ଷ ବୋଲର ସୋକେସ ଭାର୍ଗବ ୪ ଓଭରରେ ୨୨ ରନ ଦେଇ ୩ ୱିକେଟ, ଦୁର୍ଗେସ କୁମାର ୪ ଓଭରରେ ୩୪ ରନ ଦେଇ ୨ ୱିକେଟ ନେଇଥିଲେ। ଜବାବରେ ଏସିଏ ଜାମସେଦପୁର ୧୮.୫ ଓଭରରେ ୭ ୱିକେଟ ହରାଇ ୧୮୫ ରନ କରି ବିଜୟ ହୋଇଥିଲା। ଦଳପକ୍ଷରୁ ବିଶେଷ ଦତ୍ତ ୨୪ ବଲ୍‌ରେ ୪୩ ରନ, କୁମାର ସୁବର୍ଣ୍ଣ ୨୪ ବଲରେ ୩୬ ରନ କରିଥିଲେ। ପ୍ରତିପକ୍ଷ ବୋଲର କାର୍ତ୍ତିକ ପତି ୩ ଓଭରରେ ୨ ୱିକେଟ, ଦିପେନ୍ଦ୍ର ଯାଦବ ୪ ଓଭରରେ ୧ ୱିକେଟ ଅକ୍ତିଆର କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ୱାରିଅର୍ସ କ୍ରିକେଟ କ୍ଲବ୍‌ର ମାଧବ ଦୀକ୍ଷିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇ ଥିଲା। ଅମ୍ପାୟାର ଭାବେ ସାର୍ଥକ ବିଶ୍ୱାଳ, ସୁଧାଂଶୁ ଲେଙ୍କା ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଥିଲେ ପ୍ରଦୀପ ଆନ୍ଦିଆ ଓ ଦୀପକ ଖଟୁଆ ଧାରା-ବିବରଣୀ ପ୍ରଦାନ କରିଥିଲେ। ଭୋଳାନାଥ ସାହୁ, ଟିପୋ ଅଲ୍ଲି ଖାଁ ଓ ସାହିଦ ଖାଁ ସୋମବାର ତୃତୀୟ ଲିଗ୍ ମ୍ୟାଚ୍ ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡ଼ା ସହିତ ନିମ ପୁର ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହେବ।

# ସଚିନଙ୍କ ହୃଦୟ ଚୋରିକଲା କଶ୍ମୀର ବ୍ୟାଟ୍ କାରଖାନା



**ଶ୍ରୀନଗର**

ଜମ୍ମୁ କଶ୍ମୀରର ସଙ୍ଗମ ଅଞ୍ଚଳରେ ଥିବା ଏକ ବ୍ୟାଟ୍ କାରଖାନାର ମାଲିକ ଅତ୍ୟନ୍ତ ସୁଖଦ ଅଭିଜ୍ଞତା ସାଉଁଟିଛନ୍ତି। ଅଚାନକ ପରିବାର ସହ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ତାଙ୍କ କାରଖାନାରେ ପହଞ୍ଚି ଯାଇଥିଲେ। ସଚିନଙ୍କ ଭଳି ଜଣେ ମହାନ କ୍ରିକେଟର୍‌ଙ୍କୁ ପାଖରେ ପାଇ କାରଖାନାର ମାଲିକ ମହମ୍ମଦ ସାହିନ ପରିଙ୍କ ଖୁସି ସବୁ ସୀମା ଟପିଯାଇଥିଲା। ସଚିନ, ପତ୍ନୀ ଅଞ୍ଜଳି ଓ ଝିଅ ସାରା ଶ୍ରୀନଗର ରାଜପଥ କଡ଼ରେ ଥିବା ଏହି କାରଖାନାରେ ପହଞ୍ଚି ସେଠାରେ କାମ କରୁଥିବା ଶ୍ରମିକଙ୍କ ସହ କିଛି ସମୟ ଭାବ ଆଦାନ ପ୍ରଦାନ କରିଥିଲେ। ପ୍ରଶଂସକଙ୍କୁ ମଧ୍ୟ ଅଟୋଗ୍ରାଫ ଦେଇଥିଲେ। ଏହାପରେ କିଛି ବ୍ୟାଟ୍ ପରଖି ସେଗୁଡ଼ିକୁ ବେଶ୍ ପସନ୍ଦ କରିଥିଲେ। ଏଥିନେଇ ନିଜ ଭାବନା ବ୍ୟକ୍ତ କରିବାକୁ ଯାଇ ସାହିନ କହିଥିଲେ ଯେ, ଆମେ ବ୍ୟାଟ୍ ତିଆରିରେ ବ୍ୟସ୍ତ ଥିଲା ବେଳେ ଏକ କାର୍ ଆସି କାରଖାନା ସମ୍ମୁଖରେ ଅଟକି ଯାଇଥିଲା। ସେଥିରେ ଲିଟିଲ ମାଷ୍ଟର ଓ ତାଙ୍କ ପରିବାର ଥିଲେ। ତାଙ୍କୁ ଏତେ ପାଖରୁ ଦେଖି ଆମ ଜୀବନ ଯେମିତି ଧନ୍ୟ ହୋଇଗଲା। ସଚିନ ଏହି ଅବସରରେ କଶ୍ମୀର ବ୍ୟାଟ୍ ନିର୍ମାତାଙ୍କୁ ସମର୍ଥନ ଓ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



ଭୁବନେଶ୍ୱର : ନବୀନନିବାସ ଠାରେ ମିଶନ ଶକ୍ତି ପ୍ରତିନିଧି ଦଳଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଦାରିଦ୍ର୍ୟକୁ ହରାଇ ଏବେ ଅନ୍ତର୍ଜାତୀୟ ହକି ଖେଳାଳି

**ରାଉରକେଲା**

ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଭାରତୀୟ ଜାତୀୟ ଦଳର ପ୍ରତିନିଧିତ୍ୱ କରୁଛନ୍ତି ଝିଅ। ଆଉ ଏହି ଷ୍ଟାଡ଼ିୟମର ମାତ୍ର ୧ କିଲୋମିଟର ଦୂରରେ ବାପା-ମା’ ରାଜମିସ୍ତ୍ରୀ, ଦିନ ମଜୁରିଆଭାବେ କାମ କରୁଛନ୍ତି। ଠିକ୍ ଏହି ସମୟରେ, ଅନ୍ୟ ଏକ ମହିଳା ହକି ଖେଳାଳି ମଧ୍ୟ ଭାରତୀୟ ଦଳ ପକ୍ଷରୁ ଖେଳି ରାଜ୍ୟ, ଦେଶ ପାଇଁ ଗୌରବ ଆଣୁଥିବାବେଳେ ତାଙ୍କ ବାପା ୪୫ କିଲୋମିଟର୍ ଦୂର କୁକୁଡ଼ା ଗାଁ ଚାଷ ଜମିରେ ଝାଳ ବୁହାଉଛନ୍ତି। ଏ ହେଉଛି ସୁନ୍ଦରଗଡ଼ ମାଟିରେ ଜନ୍ମିତ ଭାରତୀୟ ମହିଳା ହକି ଦଳର ଦୁଇ ଯୁବ ଖେଳାଳି ସୁନେଲିତା ଟପ୍ପୋ ଓ ଜ୍ୟୋତି ଛତ୍ରୀଙ୍କ କାହାଣୀ। ଉଭୟେ ଏବେ ଭାରତୀୟ ଦଳ ପକ୍ଷରୁ ପ୍ରୋ-ଲିଗ୍‌ରେ ନିଜ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରି ହୃଦୟ ଜିଣୁଛନ୍ତି। ଉଭୟ ସୁନେଲିତା ଓ ଜ୍ୟୋତିଙ୍କ ସଂଘର୍ଷ କାହାଣୀ ପ୍ରାୟ ସମାନ। ଉଭୟେ ଜନ୍ମ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତିଟି ପର୍ଯ୍ୟାୟରେ ଉତ୍କଟ ଦାରିଦ୍ର୍ୟର ସମ୍ମୁଖୀନ ହୋଇଛନ୍ତି। କାଠ/ବାଉଁଶରେ ତିଆରି ହକି ଷ୍ଟିକ୍‌ରେ ଖେଳିବା ଆରମ୍ଭ କରିଥିଲେ। ତେବେ ଉଭୟଙ୍କୁ କ୍ରୀଡ଼ା ଛାତ୍ରାବାସ ଯାଏ ପହଞ୍ଚିବାକୁ ବେଶ୍ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପାଖରେ ଭଲ ହକି ଷ୍ଟିକ୍, ଜୋତା, ଡ୍ରେସ୍ ପାଇଁ ଅର୍ଥାଭାବ ରହିଥିଲା। କିନ୍ତୁ ବାପା-ମା’ଙ୍କ ନିରନ୍ତର ପ୍ରୋତ୍ସାହନ ବଳରେ ଉଭୟେ କ୍ରୀଡ଼ା ଛାତ୍ରାବାସରେ ରହି ହକି ପ୍ରଶିକ୍ଷଣ ନେବାର ସୁଯୋଗ ପାଇଥିଲେ। ସୁନେଲିତା ସୁନ୍ଦରଗଡ଼ ସାଇ ପ୍ରଶିକ୍ଷଣ କେନ୍ଦ୍ରରେ ରହି କ୍ରୀଡ଼ା ଜୀବନ ଆରମ୍ଭ କରିଥିବା ବେଳେ ଜ୍ୟୋତି ସ୍ଥାନୀୟ ପାନପୋଷ କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେଇଥିଲେ।

ଜ୍ୟୋତିଙ୍କ ପରିବାର ପଶ୍ଚିମବଙ୍ଗ ଦାର୍ଜିଲିଂର ମୂଳବାସିନ୍ଦା ହୋଇଥିବା ବେଳେ ସେମାନେ ଝାଡ଼ଖଣ୍ଡରେ ରହୁଥିଲେ। ଜ୍ୟୋତିଙ୍କ ବଡ଼ବାପା ପାନପୋଷ କ୍ରୀଡ଼ା ଛାତ୍ରାବାସରେ ରାତ୍ର ଜଗୁଆଳିଭାବେ କାର୍ଯ୍ୟରତ ଥିଲେ। ଏଣୁ ଜ୍ୟୋତିଙ୍କ ବାପା-ମା’ ଭୀମ ସିଂହ ଛତ୍ରୀ ଏବଂ ସୁମନ ଛତ୍ରୀ ୧୯୮୮ ମସିହାରେ ରାଉରକେଲାକୁ ଆସିଥିଲେ। ଏଠାରେ ହିଁ ଜ୍ୟୋତି ଓ ତାଙ୍କ ଦୁଇ ବଡ଼ଭାଇ ସନ୍ତୋଷ ଏବଂ ସୂରଜଙ୍କ ଜନ୍ମ। ଜ୍ୟୋତିଙ୍କ ପିତା-ମାତା ରାଉରକେଲାକୁ ଚାଲି ଆସିଥିଲେ ସତ, କିନ୍ତୁ ରହିବା ତଥା କାମ ଅନ୍ୱେଷଣ ପାଇଁ ଯାବତୀୟ ସମସ୍ୟା ଭୋଗିଥିଲେ। ପାନପୋଷ କ୍ରୀଡ଼ା ଛାତ୍ରାବାସ ପାଖ ବସ୍ତିରେ ଏକ ଆଜ୍‌ବେଷ୍ଟସ ଘରେ ରହିଥିଲେ। ଜ୍ୟୋତିଙ୍କ ବାପା ପ୍ରଥମେ ପାନପୋଷ କ୍ରୀଡ଼ା ଛାତ୍ରାବାସରେ ୱାଚମ୍ୟାନ୍ ରହିବାପରେ ସହାୟକ ରୋଷେୟା ଭାବେ କାର୍ଯ୍ୟ କରିଥିଲେ। ତେବେ ଦରମା ଖୁବ୍ କମ୍ ଥିବାରୁ ପରିବାର ଭରଣ ପୋଷଣ ସମ୍ଭବ ହୋଇ ନଥିଲା। ଏଣୁ ଗତ ୧୨ ବର୍ଷ ହେଲା ସେ ରାଜମିସ୍ତ୍ରୀଭାବେ କାମ କରୁଥିବା ବେଳେ ସ୍ତ୍ରୀ ମଧ୍ୟ ଦିନମଜୁରିଆ ଭାବେ ତାଙ୍କର ସହଯୋଗ କରନ୍ତି।

ସେହିଭଳି ରାଜଗାଙ୍ଗପୁର କୁକୁଡ଼ା ଗ୍ରାମରେ ଜନ୍ମିତ ସୁନେଲିତାଙ୍କ ଜୀବନ ମଧ୍ୟ ଆର୍ଥିକ ଅନାଟନରେ କଟିଛି। ସୁନେଲିତାଙ୍କ ପରିବାର କହିଲେ ବାପା ସୁରେଶ ଟପ୍ପୋ, ମା’ ନେଲି ସୁନୀତା ଟପ୍ପୋ, ଦୁଇ ଛୋଟ ଭାଇ ଅନିସ ଓ ଆର୍ସେନିୟସ୍ ନିଜର ଚାଷ ଜମି କେବଳ ୧ ଏକର ସ୍ୱଳ୍ପ ଜମିରୁ ଆୟ କମ୍ ହେଉଥିବାରୁ ପର ଜମିରେ ଭାଗ ଚାଷ କରିଥାନ୍ତି। ଧାନ ତଥା ପରିବା ଚାଷ କରି ଯାହା ଆୟ ହୁଏ, ସେଥିରେ ପରିବାର ଚଳେ। ସୁନେଲିତା ପିଲାଟି ଦିନରୁ ହକି ପ୍ରତି ଆଗ୍ରହୀ ଥିଲେ। କିନ୍ତୁ ଅର୍ଥ ବ୍ୟୟ କରି ହକି ଷ୍ଟିକ୍ ଓ ଅନ୍ୟ ଖେଳ ଉପକରଣ କିଣିବା ପରିବାର ପକ୍ଷରେ କଷ୍ଟସାଧ୍ୟ ଥିଲା। କିନ୍ତୁ ଏସବୁରେ ହେଳା କରିନଥିଲେ ବାପା-ମା’ କଷ୍ଟେମଷ୍ଟେ ଅର୍ଥ ଯୋଗାଡ଼ କରି ସାମଗ୍ରୀ ଯୋଗାଇ ଦେଇଥିଲେ। ପରେ ସୁନେଲିତା ସ୍ଥାନୀୟ କୋଚ୍ ଡୋମିନିକ୍ ଟପ୍ପୋଙ୍କ ନିକଟରୁ ହକି ତାଲିମ ପାଇବାପରେ ସୁନ୍ଦରଗଡ଼ ସାଇ କ୍ରୀଡ଼ା ଛାତ୍ରାବାସରେ ଯୋଗ ଦେଇଥିଲେ।

# ଏସୀୟ ଇନ୍‌ଡୋର ଦୌଡ଼କୁଦ : ଜ୍ୟୋତିଙ୍କ ଜାତୀୟ କୀର୍ତ୍ତିମାନ

**ନୂଆଦିଲ୍ଲୀ**



ତେହରାନ୍‌ଠାରେ ଚାଲିଥିବା ଏସୀୟ ଇନ୍‌ଡୋର ଦୌଡ଼କୁଦ ପ୍ରତିଯୋଗିତାରେ ଭାରତୀୟ ଧାବିକା ଜ୍ୟୋତି ୟାରାଜି ନୂଆ କୀର୍ତ୍ତିମାନ କରିଛନ୍ତି। ମହିଳା ୬୦ ମିଟର ବାଧାଦୌଡ଼ରେ ୟାରାଜି ୮.୧୨ ସେକେଣ୍ଡ ସମୟ ନେଇ ନିଜର ଜାତୀୟ କୀର୍ତ୍ତିମାନକୁ ଭାଙ୍ଗିବା ସହ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ପଛକୁ ଜାପାନ୍‌ର ଅସୁକା ଟେରେଡା (୮.୨୧ ସେକେଣ୍ଡ) ଦ୍ୱିତୀୟ ଓ ହଂକଂର ଲୁଇ ଲାଇ ଇୟୁ (୮.୨୬ ସେକେଣ୍ଡ) ତୃତୀୟ ସ୍ଥାନରେ ରହିଥିଲେ। ଏହାବାଦ୍ ୧୫୦୦ ମିଟର ଦୌଡ଼ରେ ଦୁଇଥରର ଏସୀୟ କ୍ରୀଡ଼ା ରୌପ୍ୟ ବିଜେତା ହର୍ମିଲାନ୍ ବେନ୍ସ ୪:୨୯.୫୫ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମସ୍ଥିତ ରିଲାଏନ୍ସ ଫାଉଣ୍ଡେସନ୍ ଏଚ୍‌ପିସିରେ ତାଲିମ ନେଉଥିବା ଜ୍ୟୋତିଙ୍କ ସହ ମୋଟ୍ ୭ ଜଣ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଗତବର୍ଷ ରୌପ୍ୟ ଜିତିଥିବାରୁ ଜ୍ୟୋତି ଏଥର ଖୁସି ବ୍ୟକ୍ତ କରିଛନ୍ତି। ଏଥି ପାଇଁ ଜ୍ୟୋତି ଓଡ଼ିଶା ସରକାର ଏବଂ ରିଲାଏନ୍ସ ଫାଉଣ୍ଡେସନ୍‌କୁ ଧନ୍ୟବାଦ ଦେଇଛନ୍ତି।

# ଟେଷ୍ଟ କ୍ରିକେଟ ଇତିହାସର ୩ ବୋଲର, ଗୋଟିଏ ଇନିଙ୍ଗ୍ସରେ ନେଇଛନ୍ତି ୧୦ଟି ଯାକ ୱିକେଟ

**ନୂଆଦିଲ୍ଲୀ**



କ୍ରିକେଟରେ ନୂଆ ନୂଆ ରେକର୍ଡ କରି ଇତିହାସ ରଚିଥାନ୍ତି ଖେଳାଳି। ସର୍ବାଧିକ ଶତକ ହେଉ କିମ୍ବା ସବୁଠୁ ଅଧିକ ୱିକେଟ ନେବାର ପୁଣି ହେଉ ଅବା ଉତ୍କୃଷ୍ଟ ବୋଲିଂ, ଏସବୁରେ ନିଜର ଦକ୍ଷତା ପ୍ରଦର୍ଶନ କରି ବିରଳ ରେକର୍ଡ କରିଥାନ୍ତି ଖେଳାଳି। ତେବେ ଆସନ୍ତୁ ଜାଣିବା, ଟେଷ୍ଟ କ୍ରିକେଟ ଇତିହାସରେ ଏଭଳି ତିନି ବୋଲରଙ୍କ ବିଷୟରେ ଯେଉଁମାନେ ଗୋଟିଏ ଇନିଂସରେ ନେଇଛନ୍ତି ସମସ୍ତ ୧୦ ୱିକେଟ, ଯାହା କ୍ରିକେଟ ଇତିହାସରେ ବିରଳ ରେକର୍ଡ ହୋଇ ରହିଛି।

**ଜିମ୍ ଲେକର :** ଟେଷ୍ଟ ମ୍ୟାଚ୍‌ର କୌଣସି ଇନିଙ୍ଗ୍ସରେ ୧୦ଟି ୱିକେଟ ନେବାରେ ଇତିହାସରେ ପ୍ରଥମ ହେଉଛନ୍ତି ଇଂଲଣ୍ଡର କ୍ରିକେଟର ଜିମ୍ ଲେକର। ସେ ୧୯୫୬ରେ ଅଷ୍ଟ୍ରେଲିଆ ବିରୋଧରେ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଇନିଙ୍ଗ୍ସରେ ୧୦ଟି ଯାକ ୱିକେଟ ନେଇ ଇତିହାସ ରଚିଥିଲେ। ଖାଲି ସେତିକି ନୁହେଁ ଏହି ଟେଷ୍ଟ ମ୍ୟାଚ୍‌ରେ ଦ୍ୱିତୀୟ ଇନିଙ୍ଗ୍ସରେ ମଧ୍ୟ ଏହି ଧାରା ବଜାୟ ରଖିଥିଲେ। ସେ ଅବଶ୍ୟ ଦ୍ୱିତୀୟ ଇନିଂଗ୍ସରେ ସେ ୯ ୱିକେଟ ନେଇଥିଲେ। ବଡ଼ କଥା ହେଉଛି ସେ ଏହି ରେକର୍ଡକୁ ଦୀର୍ଘ ୪୩ ବର୍ଷ ପର୍ଯ୍ୟନ୍ତ ବଜାୟ ରଖିଥିଲେ।

**ଅନୀଲ କୁମ୍ବଲେ :** ଅନିଲ କୁମ୍ବଲେ ଟେଷ୍ଟ କ୍ରିକେଟ ଇତିହାସରେ, କୌଣସି ଇନିଙ୍ଗସରେ ୧୦ଟି ୱିକେଟ ନେବାର ଦ୍ୱିତୀୟ ଖେଳାଳି। ୧୯୯୯ ଫେବୃୟାରୀ ୭ରେ ଦିଲ୍ଲୀରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ସେ ଏହି ରେକର୍ଡ କରିଛନ୍ତି। ଅନିଲ କୁମ୍ବଲେ ଏକମାତ୍ର ଭାରତୀୟ ଭାବରେ ଏହି ରେକର୍ଡ ଏବେବି ବଜାୟ ରଖିଛନ୍ତି।

**ଏଜାଜ୍ ପଟେଲ :** ସେହିଭଳି ଟେଷ୍ଟ ମ୍ୟାଚ୍ ଇତିହାସରେ କୌଣସି ଇନିଙ୍ଗ୍ସରେ ୧୦ଟି ୱିକେଟ ନେବାରେ ନ୍ୟୁଜିଲାଣ୍ଡ ସ୍ପିନର ଏଜାଜ ପଟେଲ ହେଉଛନ୍ତି ତୃତୀୟ ଖେଳାଳି। ଏହି ରେକର୍ଡ ସେ ୨୦୨୧ରେ ଭାରତ ବିପକ୍ଷରେ ମୁମ୍ବାଇ ୱାଙ୍ଖେଡେ ଷ୍ଟାଡିୟମରେ ଖେଳିଥିବା ମ୍ୟାଚ୍‌ରେ ହାତେଇଛନ୍ତି। ଅନିଲ କୁମ୍ବଲେଙ୍କ ପରେ ଏଜାଜ୍ ପଟେଲ ଦ୍ୱିତୀୟ ସ୍ପିନର ଭାବରେ ଏହି ରେକର୍ଡ କରିଛନ୍ତି। ରୋଚକ କଥା ହେଉଛି ଏଜାଜ୍ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ।

# ଗୁଣୁପୁର ଉପଖଣ୍ଡରେ ଯୁକ୍ତ୨ ପରୀକ୍ଷା କେନ୍ଦ୍ରକୁ ନେଇ ଉଠିଲା ପ୍ରଶ୍ନ

**ଗୁଣୁପୁର, ନ୍ୟୁଜ୍‌ବ୍ୟୁରୋ**

ଉଚ୍ଚ ମାଧ୍ୟମିକ ପରିଷଦ ଆନୁକୂଲ୍ୟରେ ଓଡ଼ିଶାରେ +୨ ପରୀକ୍ଷା ଆରମ୍ଭ ହୋଇଛି। ତେବେ ଗୁଣପୁର ଉପଖଣ୍ଡର କିଛି କଲେଜର ପରୀକ୍ଷା କେନ୍ଦ୍ରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇ ଦୁଇ ଥର କପି ଅଭିଯୋଗରେ ସ୍କ୍ରାଚ ହୋଇଥିବା ଗୁମୁଡ଼ା ଦ୍ରୌପଦୀ କଲେଜରେ ପରୀକ୍ଷା କେନ୍ଦ୍ରକୁ କେମିତି ଅନୁମିତି ଦିଆଯାଉଛି ବୋଲି ପ୍ରଶ୍ନ ଉଠୁଛି। ଯୁକ୍ତ ୨ ସି ଏଚଏସଇ କାଉନସିଲର ବଡ଼ବଡ଼ିଆ ବାବୁମାନେ ଘରୋଇ କଲେଜ ମାଲିକମାନଙ୍କ ଦ୍ୱାରା ପ୍ରଭାବିତ ହେଉଛନ୍ତି ବୋଲି ଅଭିଯୋଗ ଉଠିଛି। ଗୁମୁଡ଼ା ପରୀକ୍ଷା କେନ୍ଦ୍ରରେ ସରକାରୀ କଲେଜ ଅପେକ୍ଷା ଘୋରଇ କଲେଜରେ ଅଧିକ ପିଲା ପରୀକ୍ଷା ଦେଉଥିବା ଜଣାପଡ଼ିଛି। ଲଗାତାର ସ୍କ୍ରାଚ ହେବା ପରୀକ୍ଷା କେନ୍ଦ୍ରକୁ ଘୋରଇ କଲେଜ ପାଇଁ ଗୁରୁତ୍ୱ ଦେଉଛି ଉଚ୍ଚ ମାଧ୍ୟମିକ ପରିଷଦ। ଆଉ ଗତ କିଛି ବର୍ଷ ହେଲା କପି ରୋକିବା ପାଇଁ କାଉନ୍ସିଲ ଦ୍ୱାରା ମନୋନୀତ ସ୍କ୍ୱାର୍ଡ ଦଳର ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛନ୍ତି। ଏହିଭଳି ପରିସ୍ଥିତିରେ ରାୟଗଡ଼ା ଜିଲ୍ଲାରେ ଯୁକ୍ତ ୨ କାଉନ୍ସିଲ କିଛି ଯୁକ୍ତ ୨ ବେସରକାରୀ କଲେଜର ମନ ମୁତାବକ ରେଜଲ୍ଟ ପାଇଁ ପରୀକ୍ଷା କେନ୍ଦ୍ରକୁ ଅନୁମୋଦନ କରିଥିବା ଭଳି ସନ୍ଦେହ ସୃଷ୍ଟି ହୋଇଛି, ଯାହା ଫଳରେ ସିଏଚଏସ୍‌ଇର ଗତିବିଧି ନେଇ ଏବେ ପ୍ରଶ୍ନ ଉଠିଛି। ଗୁଣୁପୁର ସବ୍‌ଡିଭିଜନ ପଦ୍ମପୁର ଆର.ଜି କଲେଜରେ ଆଖ ପାଖ କେନ୍ଦ୍ର ପାଇଁ ପରୀକ୍ଷା ହବ୍ ଘୋଷଣା ହୋଇଛି। ସେଠାରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ କଲେଜରେ ସମସ୍ତ ଆନୁସାଙ୍ଗିକ ସୁବିଧା ବି ରହିଛି । ସେଠି ଯୁକ୍ତ ୨ କଳାର ୨୩୦ ଓ ବିଜ୍ଞାନ ମାତ୍ର ୨୫ ଛାତ୍ର ଛାତ୍ରୀ ପରୀକ୍ଷା ଦେଉଛନ୍ତି । ତେବେ ପଦ୍ମପୁର ରେ ଥିବା ଘରୋଇ ତ୍ରିବେଣୀ ଯୁକ୍ତ ୨ ବିଜ୍ଞାନ ବିଦ୍ୟାଳୟର ୧୨୨ ଛାତ୍ରଛାତ୍ରୀଙ୍କୁ ସହର ମଧ୍ୟରେ ଥିବା ଆରଜି କଲେଜରେ ପରୀକ୍ଷା କେନ୍ଦ୍ର ପରିବର୍ତ୍ତେ ୧୫ କିଲୋମିଟର ଦୂର ରାମନାଗୁଡ଼ା ବ୍ଲକ ଗୁମୁଡ଼ା ଦ୍ରୌପଦୀ ହାୟର ସେକେଣ୍ଡରୀ ସ୍କୁଲ କେନ୍ଦ୍ରରେ କାହିଁକି ଦିଆଯାଇଛି। ଏହି ପରୀକ୍ଷା କେନ୍ଦ୍ର ପାଇଁ ଯୁକ୍ତ ୨ ସିଏଚ୍‌ଏସ୍‌ଇ କାଉନ୍ସିଲ ଅନୁମତି ଦେବା ପଛରେ କ’ଣ ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ଏଥିରେ ଯଦି କାହାର ସ୍ୱାର୍ଥ ନଥାଏ ତେବେ ସହର ମଧ୍ୟରେ ଥିବା ପରୀକ୍ଷା କେନ୍ଦ୍ରକୁ ଛାଡ଼ି ୧୫ କିଲୋମିଟର ଦୂରର ସ୍କ୍ରାଚ୍ ରେକର୍ଡ ଥିବା ଗୁମୁଡ଼ା କଲେଜ କେନ୍ଦ୍ରରେ କାହିଁକି ସିଏଚ୍‌ଏସ୍‌ଇ କାଉନ୍ସିଲ ଅନୁମତି ଦେଲେ। ସନ୍ଦେହଜନକ ଯୁକ୍ତଦୁଇ ବିଜ୍ଞାନ ସିଏଚ୍‌ଏସ୍‌ଇ ବୋର୍ଡର କାର୍ଯ୍ୟ କଳାପ ଗୁମୁଡ଼ା ଦ୍ରୌପଦୀ ବିଦ୍ୟାଳୟରେ ପିଲା ପିଛା କପି ପାଇଁ ୨୫୦୦୦/ ୩୦୦୦୦-ଟଙ୍କା ଡିଲ୍ ହେଉଥିବା ନେଇ ଅଭିଯୋଗ ହୋଇଛି। ଅପର ପକ୍ଷରେ ଏହିଭଳି ଅଭିଯୋଗକୁ ଦ୍ରୌପଦୀ କଲେଜର ପ୍ରିନ୍ସିପାଲ ଅରୁଣ କୁମାର ମାଝୀ ଖଣ୍ଡନ କରିଛନ୍ତି। ଏହିଭଳି ଭିତ୍ତିହୀନ ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା କହିଛନ୍ତି ଘଟଣା ସମ୍ପର୍କରେ ମୁଁ କିଛି ଜାଣିନାହିଁ ଏବଂ ଏହାର ତଦାରଖ କରାଯିବ ବୋଲି କହିଛନ୍ତି। ସେହିଭଳି ସିଏଚ୍‌ଏସ୍‌ଇ କାଉନ୍ସିଲ ଓଡ଼ିଶା ପରୀକ୍ଷା କଣ୍ଟ୍ରୋଲର ଅଶୋକ ନାୟକ କହିଛନ୍ତି ଯେ ଅଭିଯୋଗ ଆସିଲେ ପୋଲିସ ଥାନାକୁ ଜଣାଇ ଦିଆଯିବ। ଏଠି କହି ରଖେ ବାଡ଼ ଯଦି କ୍ଷେତ ଖାଇ ପକାଇବ ଗୁହାରୀ କରିବା କାହାକୁ ବୋଲି ସାଧାରଣ ରେ ଆଲୋଚନା ହେବାରେ ଲାଗିଛି।

# ଶ୍ୟାମସୁନ୍ଦର ଲେଙ୍କାଙ୍କ ବିୟୋଗରେ ଶୋକସଭା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଶ୍ୟାମସୁନ୍ଦର ଲେଙ୍କାଙ୍କ ବିୟୋଗରେ ପବିତ୍ର ଆର୍ଯ୍ୟ ଯୋଗାସନଠାରେ ଶୋକସଭା ହୋଇଯାଇଛି। ଶ୍ରୀ ଲେଙ୍କା ଓଡ଼ିଶାରେ ସମବାୟ ଆନ୍ଦୋଳନରେ ଯୋଗ ଦେଇଥିଲେ। ପରେ ସମବାୟ ବିଭାଗର ଆସିଷ୍ଟାଣ୍ଟ ରେଜିଷ୍ଟ୍ରର ହୋଇ ସମବାୟ ବିଭାଗରେ ଆଡ଼ିସନାଲ ରେଜିଷ୍ଟ୍ରର ପଦକୁ ପଦୋନ୍ନତି ପାଇ ଡେପୁଟେସନ୍‌ରେ ରିଜର୍ଭ ବ୍ୟାଙ୍କୁ ଯାଇଥିଲେ।

୧୯୭୯ ମସିହାରେ ଭାରତୀୟ ପ୍ରଶାସନିକ ସେବାକୁ ପଦୋନ୍ନତି ପାଇଥିଲେ। ପରେ ଜିଲ୍ଲାପାଳ, ଆଡ଼ିସ୍ନାଲ ସେକ୍ରେଟାରୀ ଓ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟକରି ଅବସର ନେଇଥିଲେ ଏବଂ ନିଜକୁ ସାମାଜିକ କାର୍ଯ୍ୟରେ ବିନିଯୋଗ କରିଥିଲେ। ଜଣେ ସଚ୍ଚୋଟ ଦକ୍ଷ ଅଫିସର ଭାବେ ପରିଚିତ ଥିଲେ। ଗତ ୧୨ ତାରିଖ ଦିନ ତାଙ୍କ ବିୟୋଗ ଘଟିଲା। ତାଙ୍କ ବିୟୋଗ ବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶବ ସଂସ୍କାର କରାଯାଇଛି। ବଡ଼ପୁଅ ମନୋଜ କୁମାର ଲେଙ୍କା ମୁଖାଗ୍ନି ଦେଇଥିଲେ। ବିୟୋଗ ବେଳକୁ ବଡ଼ଝିଅ ଡାକ୍ତର ଅନୀତା ଲେଙ୍କା ଜ୍ୱାଇଁ ବିଦ୍ୟୁଭୂଷଣ ମହାନ୍ତି, ସାନପୁଅ ମାନସ କୁମାର ମହାନ୍ତି ଉପସ୍ଥିତ ଥିଲେ। ଏହି ଶୋକା ସଭାରେ ସୁଦର୍ଶନ ନାୟକ ଏବଂ କୁଳମଣି ରାଉତ, ରଘୁନାଥ ମିଶ୍ର, ବିଶ୍ୱନାଥ ସାମଲ ଏବଂ ଡାକ୍ତର ହୃଷିକେଶ ସାମଲ ପ୍ରମୁଖ ଥିଲେ। ତାଙ୍କ ବିୟୋଗ ଖବର ପାଇ ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ନାଥ ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
BIDYADHARPUR CANAL DIVISION, BIDYADHARPUR
(E-mail Id: - eebcdivision@gmail.com)
Bid Identification No. SEBCD- 22/01 OF 2023-24

A-1525

| Name of the Procurement office | Name of Work | Bid Id No. | Tender Cost in Lakhs (Appx.) | EMD Cost | Cost of Bid Document (Online) | Availability of Tender From | Availability of Tender To | Date of Opening |
|---|---|---|---|---|---|---|---|---|
| Superintending Engineer Bidyadharpur Canal Division Bidyadharpur | Supply of Security personel for engagement at Salandi Dam, Hadagarh, Salandi Barrage, Bidyadharpur, Salandi IB, Bidyadharpur Office and Head Regulators (HR) of SRMC and SLMC for the period from April-2024 to March-2025. | SEBCD-23/01 of 2023-24 | 44.38 | 45000/- | 6000/- | 19.02.24 11.30 hrs | 29.02.24 17.00 hrs | 01.03.24 11.30 hrs |

Further details can be seen from the Govt website www.odisha.gov.in/www.dowrodisha.gov.in Addendum/ Corrigendum/ Cancellation if any required will be published in Govt website only

Sd/- Superintending Engineer,
Bidyadharpur Canal Division, Bidyadharpur

OIPR-32240/11/0008/2324

# ଯୁଧିଷ୍ଠିର ଦାସ ସାଲିସ୍ ବିହୀନ ସଂଗ୍ରାମୀ ଥିଲେ

**ଭୁବନେଶ୍ୱର, ପିଆଇବି**

ଅସମାନତା ବିହୀନ ସମାଜ ଗଠନ ଲାଗି ଯୁଧିଷ୍ଠିର ଦାସ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅବିରାମ ଲଢ଼େଇ ଜାରି ରଖିଥିଲେ। ନୀତି, ଆଦର୍ଶ, ମୂଲ୍ୟବୋଧ ଉପରେ ତାଙ୍କର ରାଜନୀତି ପର୍ଯ୍ୟବସିତ ଥିଲା। ସର୍ବୋପରି ଏକ ଶ୍ରେଣୀ ବିହୀନ ତଥା ଶୋଷଣ ମୁକ୍ତ ସମାଜ ପ୍ରତିଷ୍ଠା ନିମନ୍ତେ ଆଜୀବନ ସାଲିସହୀନ ସଂଗ୍ରାମ ଲାଗି ସେ ସ୍ମରଣୀୟ ହୋଇ ରହିବେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପୋଷଣ କରିଛନ୍ତି।

ବିଶିଷ୍ଟ ସାମ୍ୟବାଦୀ ନେତା ତଥା ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ରବିବାର ନୂଆପଲ୍ଲୀ ଆଇ.ଆର୍.ସି. ଭିଲେଜସ୍ଥିତ ଯୁଧିଷ୍ଠିର ଦାସ ଉଦ୍ୟାନରେ ଅନୁଷ୍ଠିତ ହୋଇଥିଲା। ଯୁଧିଷ୍ଠିର ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଡଃ



ରବି ନାରାୟଣ ସେନାପତିଙ୍କୁ ପ୍ରଥମ ଯୁଧିଷ୍ଠିର ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ, ଏକ ସମତାପୂର୍ଣ୍ଣ ସମାଜ ଗଠନ ଲାଗି ଯୁଧିଷ୍ଠିର ଦାସ ଜୀବନବ୍ୟାପୀ ଅହରହ ସଂଗ୍ରାମ ଚଳାଇ ଥିଲେ। କିନ୍ତୁ ଆଜି ତା’ର ବ୍ୟତିକ୍ରମ ଘଟୁଥିବା ଯୋଗୁଁ ସମାଜରେ ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର ଆଦି ପରିଲକ୍ଷିତ ହେଉଛି। ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ପ୍ରଦାନ କରି ଅବସରପ୍ରାପ୍ତ ପ୍ରଫେସର ତଥା ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡଃ ଅଦ୍ୱୈତ କୁମାର ପାତ୍ର ସାମାଜିକ କୁସଂସ୍କାର ବିରୁଦ୍ଧରେ ଯୁଧିଷ୍ଠିର ଦାସଙ୍କ ଅପ୍ରତିହତ ଲଢ଼େଇ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡଃ ରବି ନାରାୟଣ ସେନାପତି କହିଲେ, ଯୁଧିଷ୍ଠିର ଦାସଙ୍କ ନୀତି, ଆଦର୍ଶ, ମୂଲ୍ୟବୋଧରେ ଆଜିର ସମାଜ ଅନୁପ୍ରାଣୀତ ହୋଇ ପାରିଲେ, ତାହା ତାଙ୍କ ସ୍ମୃତି ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବର୍ଷିୟାନ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରବୋଧ ମିଶ୍ର, ‘ନବୀନ’ ପତ୍ରିକାର ସମ୍ପାଦକ ରବି ରଥ, ସ୍ଥାନୀୟ କର୍ପୋରେଟର ମାନସୀରାଣୀ ସୁନ୍ଦରାୟ, ଅବସର ପ୍ରାପ୍ତ ପ୍ରଫେସର ଗୋବିନ୍ଦ ଦାସ, ଅବସରପ୍ରାପ୍ତ ଅଧିକାରୀ ବନ ବିହାରୀ ନାୟକ, ଫନ୍ ଆଣ୍ଡ ଫିଟନେସ କ୍ଲବର ସଭାପତି ଆଶୀଷ ପଟ୍ଟନାୟକ, ଯୁଧିଷ୍ଠିର ଦାସଙ୍କ ପୁତ୍ର ତଥା ବିଶିଷ୍ଟ ଗୀତିକାର ଧୁନ୍ ଖୁଣ୍ଟିଆ, ପରିବେଶବିତ୍ ତଥା ପ୍ରାକ୍ତନ ଶ୍ରମ ଆୟୁକ୍ତ ଜି.କେ. ମହାପାତ୍ର ପ୍ରମୁଖ ସ୍ୱର୍ଗତଃ ଦାସଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସ୍ମୃତିଚାରଣ କରିଥିଲେ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସଂଗୀତ ଅଧାପକ ସୁଶୀଲ କୁମାର ପଟ୍ଟନାୟକ ଏହି ସ୍ମୃତି ସମାରୋହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସ୍ୱର୍ଗତଃ ଦାସଙ୍କ ନାତି ତଥା ବି.ଡି.ଏ.ର ଅର୍ଥ ଅଧିକାରୀ ମନସ୍ୱୀ ଖୁଣ୍ଟିଆ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ କାନ୍ତକବିଙ୍କ କାଳଜୟୀ ଦେଶାତ୍ମବୋଧକ ଗୀତ ତଥା ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ ପରିବେଷଣ କରାଯାଇଥିବା ବେଳେ ଶେଷରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଭୁ କଲ୍ୟାଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୯ ଫେବୃଆରୀ ୨୦୨୪ ସୋମବାର



# ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି ଫିଜିଓଲୋଜି



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବର୍ତ୍ତମାନ ସମାଜରେ ଦେଖାଯାଉଥିବା ଅନିୟନ୍ତ୍ରିତ ତଥା ତ୍ରୁଟିପୂର୍ଣ୍ଣ ଜୀବନ ଶୈଳୀ ଜନିତ ନାନା ବ୍ୟାଧି ଦିନକୁ ଦିନ ମାନବ ସମାଜ ପାଇଁ ଆହ୍ୱାନ ପାଲଟିଛି। ହେଲେ ବୈଶ୍ୱିକ ସ୍ୱାସ୍ଥ୍ୟ ସମସ୍ୟାର ସଫଳ ମୁକାବିଲା କରିବାରେ ଫିଜିଓଲୋଜି(ଶରୀରତତ୍ତ୍ୱ ବିଜ୍ଞାନ) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏପରିକି ଅନ୍ତର୍ଜାତୀୟସ୍ତରରେ ଶରୀରତତ୍ତ୍ୱ ବିଜ୍ଞାନ ଉପରେ ଅଧିକ ଗବେଷଣା ଏବଂ ମେଡିକାଲ ପାଠ୍ୟକ୍ରମରେ ଏହାର ବ୍ୟାପକତା ଏବଂ ଏହାର ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏମ୍ସ ଭୁବନେଶ୍ୱର ଫିଜିଓଲୋଜି ବିଭାଗ ପକ୍ଷରୁ ଆୟୋଜିତ ଫିଜିଓମିଟ୍ କର୍ମଶାଳାରେ ଏହିଭଳି ମତବ୍ୟକ୍ତ କରିଛନ୍ତି ଦେଶର ବିଶିଷ୍ଟ ଶରୀରତତ୍ତ୍ୱ ବିଜ୍ଞାନୀ। ଦେଶରେ ଶରୀରତତ୍ତ୍ୱ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ସହଭାଗିତା ବୃଦ୍ଧି କରିବା ଏବଂ ଗବେଷଣାକୁ ପ୍ରାଥମିକତା ଦେବା ଲକ୍ଷ୍ୟରେ, ଅନୁଷ୍ଠିତ ଦୁଇଦିନିଆ କର୍ମଶାଳାରେ ଦେଶର ୧୭ଟି ଏମ୍ସରୁ ୪୦ରୁ ଊର୍ଦ୍ଧ୍ୱ ଖ୍ୟାତନାମା ଶରୀରତତ୍ତ୍ୱ ବିଜ୍ଞାନୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଶରୀରତତ୍ତ୍ୱ ବିଜ୍ଞାନୀ ତଥା ଏମ୍ସ କଲ୍ୟାଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ରାମଜୀ ସିଂ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଏମ୍ସ ପାଟନା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଜି.କେପାଲ, ଏମ୍ସ ଯୋଧପୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ମାଧବାନନ୍ଦ କର, ଏମ୍ସ ଭୁବନେଶ୍ୱର ଡିନ ଡ. ପି.ଆର ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଡି କେ. ପରି, ଫିଜିଓଲୋଜି ବିଭାଗ ମୁଖ୍ୟ ଡ. ପ୍ରଣତୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡ଼ିଶା ଚାଉଳ ଉତ୍ପାଦନରେ ହୋଇଛି ବଳକା ରାଜ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ସୁଦୀର୍ଘ ୪୮୦ କିଲୋମିଟର ସମୁଦ୍ର ଉପକୂଳ, ଏସିଆ ମହାଦେଶର ବୃହତ୍ତମ ଲୁଣା ହ୍ରଦ ଚିଲିକା ଓ ରାଜ୍ୟର ପର୍ଯ୍ୟାପ୍ତ ଜଳରାଶିର ବିଭିନ୍ନ ସଂପଦକୁ କାର୍ଯ୍ୟରେ ଲଗାଇ ଅର୍ଥନୀତିରେ ଅଭିବୃଦ୍ଧି ଘଟାଇବା ସହିତ ଜୀବିକାନିର୍ବାହର ବିପୁଳ ସୁଯୋଗ ସୃଷ୍ଟି କରିହେବ ବୋଲି ବିଜ୍ଞାନ ଓ କାରିଗରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି । ରବିବାର ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ର ତୃତୀୟ ତଥା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଓ ରାଜ୍ୟର ଚାଷୀଭାଇମାନଙ୍କ କଠିନ ପରିଶ୍ରମ ଯୋଗୁ ରାଜ୍ୟ ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ହେବା ସହିତ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ପାଞ୍ଚଥର କୃଷିକର୍ମଣ ପୁରସ୍କାର ଲାଭ କରିଛି । ଗୋପାଳନ ଓ ପ୍ରାଣିପାଳନ ଆୟବୃଦ୍ଧି ଓ ରୋଜଗାର ସୃଷ୍ଟିର ଏକ ବଳିଷ୍ଠ ମାଧ୍ୟମ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅଧିକରୁ ଅଧିକ ମହିଳା ଉଦ୍ୟୋଗୀ ସୃଷ୍ଟି ହେବା ରାଜ୍ୟର ପ୍ରଗତିରେ ଏକ ସକାରାତ୍ମକ ଲକ୍ଷଣ । ରାଜ୍ୟରେ ମାଛଚାଷ, ଗୋପାଳନ ଓ ପ୍ରାଣିପାଳନର ପର୍ଯ୍ୟାପ୍ତ ସୁଯୋଗ ରହିଥିବାବେଳେ ପ୍ରଥମଥର ପାଇଁ ରାଜ୍ୟସ୍ତରରେ ଆୟୋଜିତ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ରାଜ୍ୟର ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଆଶାପୋଷଣ କରିଥିଲେ । ଉତ୍ସବରେ ସଭାପତିତ୍ୱ କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଯେ ମତ୍ସ୍ୟ ଓ ପ୍ରାଣିସଂପଦ ବିଭାଗର ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ପ୍ରଶାସନର ମୂଳମନ୍ତ୍ର ୫-'ଟି' ଉପକ୍ରମ ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇଛି ଓ ଏହା ଦ୍ୱାରା ମାଛ, ମାଂସ, ଅଣ୍ଡା, ଦୁଟ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିବା ସହ ଚାଷୀମାନେ ଉପକୃତ ହୋଇପାରିଛନ୍ତି । ରାଜ୍ୟର ୯୨ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବାବେଳେ ସେମାନଙ୍କର ଆୟବୃଦ୍ଧି ନିମନ୍ତେ କୃଷି ସହିତ ମାଛଚାଷ ଓ ପ୍ରାଣିପାଳନ ଏକ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ସେ କହିଥିଲେ । ଚାଷୀମାନଙ୍କୁ ଉନ୍ନତ ଜ୍ଞାନକୌଶଳର ବ୍ୟବହାର ସଂପର୍କରେ ଅବଗତ କରାଇବା ଓ ଦକ୍ଷ କରାଇବା ପାଇଁ ଅଧିକରୁ ଅଧିକ କୃଷକଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ ବାହାର ରାଜ୍ୟକୁ ଜ୍ଞାନ ଆହରଣ ପାଇଁ ପରିଭ୍ରମଣରେ ପଠାଯିବ । ସମାବେଶରେ ପ୍ରଥମ ଥର ପାଇଁ ଆୟୋଜିତ ଆସ୍କ ଦି ମିନିଷ୍ଟର କାର୍ଯ୍ୟକ୍ରମରେ ଚାଷୀମାନେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ସିଧାସଳଖ ପ୍ରଶ୍ନ ପଚାରିଥିଲେ । ଚାଷୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଗୋ-ସୁଗମ ପୋର୍ଟାଲ ମାଧ୍ୟମରେ କୌଣସି ଯୋଜନାର ଆବେଦନ ନିମନ୍ତେ ଯଦି କୌଣସି ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେବେ ସେମାନେ ସ୍ଥାନୀୟ ଜନସେବା କେନ୍ଦ୍ର ବା ବ୍ଲକସ୍ତରୀୟ ପ୍ରାଣିଚିକିତ୍ସା/ସହକାରୀ ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କଲେ ସେମାନଙ୍କୁ ଅନ୍‌ଲାଇନ୍‌ରେ ଗୋ-ସୁଗମରେ ଆବେଦନ ପାଇଁ ବ୍ୟବସ୍ଥା କରାଯାଉଛି । ସେହିପରି ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଆବଶ୍ୟକୀୟ କାଗଜପତ୍ର ସଠିକ୍ ଭାବେ ପଇଠ କରିବା ଉପରେ ସବ୍‌ସିଡି ପ୍ରଦାନ ନିର୍ଭରକରେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସର୍ବାଧିକ ଅଢ଼େଇ ମାସ ମଧ୍ୟରେ ଅନୁଦାନ ରାଶି ଉଦ୍ୟୋଗୀଙ୍କ ବ୍ୟାଙ୍କଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏଥି ସହିତ ବିଭାଗ ପକ୍ଷରୁ ପ୍ରଚଳିତ ଜୀବିକାନିର୍ବାହ ଯୋଜନାରେ ବିଭିନ୍ନ ପର୍ଯ୍ୟାୟରେ ସର୍ବାଧିକ ୧୫ ଦିନ ମଧ୍ୟରେ ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଶହେରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ । ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଲେ ଯେ ମତ୍ସ୍ୟ ଓ ପ୍ରାଣିସଂପଦ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଫଳରେ ରାଜ୍ୟର କୋଣଅନୁକୋଣରେ ମାଛଚାଷ ଓ ପ୍ରାଣିପାଳନ ପ୍ରତି ଲୋକଙ୍କର ଆଗ୍ରହ ବଢ଼ିଛି । ଏହା ଦ୍ୱାରା ଗାଁଗହଳିର ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ ସହଜରେ ମିଳିପାରୁଛି । ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ ଯେ ସମାବେଶରେ ଯୁବରାଜ ବୁଲ୍, ଜୀବନ୍ତ ପ୍ରାଣି ପ୍ରଦର୍ଶନ, ଏଲଇଡି ଟନେଲ୍, ଏକ୍ସପେରିଏନ୍ସ ଜୋନ୍ ଏବଂ ଆସ୍କ ଦି ମିନିଷ୍ଟର ଆଦି ଅନେକ ଅଭିନବ କାର୍ଯ୍ୟକ୍ରମ ଚାଷୀମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ଏବଂ ଏହା ଅତ୍ୟନ୍ତ ଶିକ୍ଷଣୀୟ ଥିଲା । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନକୃଷିର ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିମଳେନ୍ଦୁ ରାୟ ପ୍ରମୁଖ ମତ୍ସ୍ୟ ଓ ପ୍ରାଣିସଂପଦର ଅଭିବୃଦ୍ଧିର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟର ଚମ୍ପିଅନ୍ ଚାଷୀଙ୍କ ସମେତ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗର ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ମତ୍ସ୍ୟ ଓ ପ୍ରାଣିପାଳନ ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରିଥିବା ଉଦ୍ୟୋଗୀମାନଙ୍କୁ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା ।

# ଟ୍ରାଫିକ ଇନ୍‌ସପେକ୍ଟର ଗିରଫ : ୬ ଲକ୍ଷ ୭୯ ହଜାର ଟଙ୍କା ଜବତ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଆରଟିଓ ଟ୍ରାଫିକ ଇନ୍‌ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ଗିରଫ କରିଛି ଭିଜିଲାନ୍ସ। ତାଙ୍କ ଠାରୁ ୬ ଲକ୍ଷ ୭୯ ହଜାର ଟଙ୍କା ଜବତ କରାଯାଇଛି। ଏତେ ପରିମାଣରେ ନଗଦ ଟଙ୍କା ସେ କେଉଁଠାରୁ ଆଣିଥିଲେ, କେଉଁ ଉଦ୍ଦେଶ୍ୟରେ ଆଣିଥିଲେ- ତା'ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ।

ପ୍ରଶାନ୍ତ କୁମାର ମହାପାତ୍ର କାର ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କଟକ ନିକଟସ୍ଥ ବିରିବାଟୀର ତାରିଣୀ ଛକରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇ ଥିଲା। ଯାଞ୍ଚ ବେଳେ ତାଙ୍କ ପାଖରୁ ନଗଦ ୪.୨୭ ଲକ୍ଷ ଟଙ୍କା ମିଳିଥିଲା। ସେ ଏହି ଟଙ୍କା କେଉଁଠାରୁ ଆଣିଲେ ଓ କେଉଁ ଉଦ୍ଦେଶ୍ୟରେ ନେଇ ଯାଉଥିଲେ ବୋଲି ଭିଜିଲାନ୍ସ ଟିମ୍ ପଚାରିଥିଲେ। ତେବେ ଟ୍ରାଫିକ ଇନ୍‌ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର ଭିଜିଲାନ୍ସ ଅଧିକାରୀମାନଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ତେଣୁ ଭିଜିଲାନ୍ସ ଉକ୍ତ ଟଙ୍କାକୁ ଜବତ କରିଥିଲା।

ଏହା ପରେ ଭୁବନେଶ୍ୱରର ଭିଏସ୍‌ଏସ୍ ନଗର ସ୍ଥିତ ତାଙ୍କ ଘର ଓ ଜଗତସିଂହପୁରର ରଘୁନାଥପୁରର ତାରାପୁର ସ୍ଥିତ ଭଡ଼ା ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭୁବନେଶ୍ୱର ସ୍ଥିତ ଘରୁ ନଗଦ ୨ ଲକ୍ଷ ୧୯ ହଜାର ୨୬୫ ଟଙ୍କା ମିଳିଥିଲା। ସେହିପରି ତାରାପୁର ସ୍ଥିତ ଭଡ଼ା ଘରୁ ୨୫ ହଜାର ୫୦୦ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଏହିପରି ମୋଟ ୬ ଲକ୍ଷ ୭୯ ହଜାର ୪୮୫ ଟଙ୍କା ତାଙ୍କ ଠାରୁ ଜବତ କରାଯାଇଛି, ଯାହାର ହିସାବ ସେ ଦେଇ ପାରୁ ନାହାନ୍ତି। ତେଣୁ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବେଆଇନ ଭାବେ ବିଭିନ୍ନ ସୂତ୍ରରୁ ଆରଟିଓ ଟ୍ରାଫିକ ଇନ୍‌ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର ଟଙ୍କା ଠୁଳ କରୁଥିବା ନେଇ ପୂର୍ବରୁ ଭିଜିଲାନ୍ସ ଟିମ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ତା'ପରଠୁ ତାଙ୍କ ଉପରେ ନଜର ରଖି ଆସିଥିଲା ଭିଜିଲାନ୍ସ।

## ସିଏମ୍‌ସି ପକ୍ଷରୁ ମିଳିତ ଚଢାଉ

# ଫୁଡ୍, ଟ୍ରେଡ୍ ଲାଇସେନ୍ସ ନଥିବାରୁ ମୋଟ୍ ୯ ହଜାର ଜୋରିମାନା ଆଦାୟ




**କଟକ, ନ୍ୟୁଜ ବ୍ୟୁରୋ**

କଟକ ମହାନଗର ନିଗମ(ସିଏମସି) ଖାଦ୍ୟ ସୁରକ୍ଷା, ରାଜସ୍ୱ ଓ ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ କଲେଜଛକ ସ୍ଥିତ ଏକାଧିକ ଦୋକାନ ଉପରେ ଅଚାନକ ଚଢାଉ କରାଯାଇଥିଲା । ବିଭାଗୀୟ ଅଧିକାରୀମାନେ କଲେଜଛକ ଦୁର୍ଗା ମନ୍ଦିରଠାରୁ ବନ୍ଦେ ହୋଟେଲ ପର୍ଯ୍ୟନ୍ତ ଏକାଧିକ ଦୋକାନ ଉପରେ ଚଢାଉ କରି ସେମାନଙ୍କ ଟ୍ରେଡ୍ ଲାଇସେନ୍ସ, ଫୁଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟିକସ ଦେୟ ରସିଦ ଯାଞ୍ଚ କରିଥିଲେ । ତେବେ ବହୁ ଚର୍ଚ୍ଚିତ ଏମବିଏ ଚା'ବାଲା ଦୋକାନର କୌଣସି ନଥିପତ୍ର ନଥିବାରୁ ସିଏମସି ଅଧିକାରୀମାନେ ଏହି ଦୋକାନକୁ ସିଲ୍ କରିବାକୁ ବାଧ ହୋଇଥିଲେ ବୋଲି ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ପ୍ରକାଶ କରିଛନ୍ତି । ଜୋରିମାନା ସ୍ୱରୂପ ଉକ୍ତ ଦୋକାନ ମାଲିକଙ୍କଠାରୁ ୫ ହଜାର ଟଙ୍କା ଆଦାୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏତଦ୍ ବ୍ୟତୀତ ଏକାଧିକ ହାଡ୍‌ୱାର୍ ଷ୍ଟୋର୍ ତନଖି କରାଯାଇଥିଲା ବେଳେ ନଥିପତ୍ର ନଥିବାରୁ ଦୁଇଟି ଦୋକାନରୁ ୨ ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରାଯାଇଥିଲା । ସେହିପରି ଆଇନ ଉଲ୍ଲଂଘନ ନ କରିବାକୁ ଏକାଧିକ ଦୋକାନୀଙ୍କୁ ତାଗିଦ୍ ଓ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଟ୍ରେଡ୍ ଲାଇସେନ୍ସ, ଫୁଡ୍ ଲାଇସେନ୍ସ ଓ ହୋଲ୍ଡିଂ ଟିକସ ଦାଖଲ କରିବା ପାଇଁ ଚେତାଇ ଦିଆଯାଇଥିଲା । ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହାପାତ୍ରଙ୍କ ସହ ଡେପୁଟି କମିଶନର (ରାଜସ୍ୱ) ସୁମନ୍ତ କର, ଡେପୁଟି କମିଶନର (ଏନଫୋର୍ସମେଣ୍ଟ) ଅଜୟ କୁମାର ମହାନ୍ତି, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଓ ମିଥୁନ ସାହା ପ୍ରମୁଖ ଏହି ଚଢଉରେ ଭାଗ ନେଇଥିଲା ବେଳେ ସିଡିଇଏଫର ଗୋଟିଏ ଟିମ୍ ସାମିଲ ଥିଲେ।

# ଓଡ଼ିଶାରେ ୬,୬୦୦ କୋଟି ଟଙ୍କା ବ୍ୟୟରେ ୨୮ଟି ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ କଲେ ନୀତିନ

**ଭୁବନେଶ୍ୱର,୧୮/୨**
**ନ୍ୟୁଜ ବ୍ୟୁରେ**

ଓଡ଼ିଶାର ସମୃଦ୍ଧି ପାଇଁ ଉନ୍ନତ ଯୋଗାଯୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଗୁରୁବାର ପୁରୀ ଠାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୬,୬୦୦ କୋଟି ଟଙ୍କା ବ୍ୟୟରେ ୨୮ଟି ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଉଦଘାଟନ ଓ ଶିଳାନ୍ୟାସ ସମାରୋହରେ କେନ୍ଦ୍ରମନ୍ତ୍ରୀ



ଅଶ୍ୱିନୀ ବୈଷ୍ଣବ, ଆଇଟିଡିସି ଅଧ୍ୟକ୍ଷ ସମ୍ବିତ ପାତ୍ରଙ୍କ ସମେତ ସାଂସଦ, ବିଧାୟକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆଜି ଉଦଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲରୁ ଭଦ୍ରକ ସେକ୍ସନର ୬ ଲେନ୍ କାମ ଓ ୪୯ ନମ୍ବର ଜାତୀୟ ରାଜପଥର ବାହରାଗୋଡ଼ା-ସିଂଗଡ଼ା ସେକ୍ସନର ୪ ଲେନ୍ କାମ ରହିଛି। ଏହି ପ୍ରକଳ୍ପଗୁଡିକ ଯାତ୍ରା ସମୟ ହ୍ରାସ କରିବ ଏବଂ ଇନ୍ଧନ ସଞ୍ଚୟ କରିବ। ଏଥିସହିତ ପୂର୍ବ ଉପକୂଳରେ ଥିବା ବନ୍ଦରଗୁଡ଼ିକ ସହ ସହଜରେ ଯୋଗାଯୋଗ ସୁବିଧା ହେବ, ଯାହା ଶିଳ୍ପ କାର୍ଯ୍ୟକଳାପକୁ ବଢ଼ାଇବ।

## ସ୍କୁଟିକୁ ଧକ୍କା ଦେଲା ଟ୍ରକ୍ ମା' ମୃତ, ଝିଅ ଗୁରୁତର

**କଟକ, ନ୍ୟୁଜ ବ୍ୟୁରୋ**

କଟକ ପାରାଦ୍ୱୀପ ରାସ୍ତାର ନୂଆ ବଜାର ଛକ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟିକୁ ଏକ ଟ୍ରକ ଧକ୍କା ଦେବାରୁ ମା'ର ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ହୋଇଛି। ମାଆ ଓ ଝିଅ ଦୁହେଁ ସ୍କୁଟି ଯୋଗେ ଆସୁଥିବା ବେଳେ ନୂଆ ବଜାର ଛକ ନିକଟରେ ଏକ ଟ୍ରକ (ଓଆର୦୫ୟୁ୧୭୩୭) ଧକ୍କା ଦେବା ସହ ଦୁହିଁଙ୍କ ଉପରେ ଚଢ଼ି ଯାଇଥିଲା । ଏଥିରେ ମା' ଓ ଝିଅ ଗୁରୁତର ହୋଇଥିଲେ। ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ମେଡିକାଲ କୁ ପଠାଯାଇଥିଲା। ସେଠାରେ ମା'ର ମୃତ୍ୟୁ ଘଟିଥିବା ବେଳେ ଝିଅ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛି।

## ଦୁଇ ଆନ୍ତରାଜ୍ୟ ଲୁଟେରା ଗିରଫ

**କଟକ, ନ୍ୟୁଜ ବ୍ୟୁରୋ**

କମିଶନରେଟ ପୋଲିସକୁ ବଡ଼ ସଫଳତା । ପୋଲିସ ହାତରେ ଧରାପଡ଼ିଲେ ଦୁଇ ସୁନା ଚେନ୍ ଲୁଟେରା । ସେମାନଙ୍କ ଠାରୁ ତିନୋଟି ସୁନା ଚେନ୍ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରିଛି ପୁରୀଘାଟ ପୋଲିସ। ଦୁଇ ଲୁଟେରା ହେଉଛନ୍ତି ଯାଜପୁର ଅଞ୍ଚଳର ଦୀପକ ପ୍ରଧାନ ଓ ଭୋଳା ପ୍ରଧାନ ।ଏହାସହ ସୁନା ଚେନ୍ କିଣିଥିବା ବ୍ୟକ୍ତିଙ୍କୁ ମଧ ଗିରଫ କରିଛି ପୋଲିସ । ତେବେ ଉଭୟଙ୍କୁ କୋର୍ଟ ଚାଲାଣ କାଯାଇଥିବା ସୂଚନା ମିଳିଛି । ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଅତିରିକ୍ତ ପୋଲିସ ଡିସିପି ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଗତ ୧୫ ତାରିଖ ରାତି ୯ଟା ସମୟରେ ଦୋଳାମୁଣ୍ଡାଇ ଅଞ୍ଚଳରୁ ଜଣେ ମହିଳାଙ୍କ ଠାରୁ ସୁନା ଚେନ୍ ଝାମ୍ପି ଫେରାର ହୋଇ ଯାଇଥିଲେ ଦୁଇ ଲୁଟେରା । ଏନେଇ ସେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ଆଜି ପୋଲିସ ଦୁଇ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଶିକ୍ଷାବିତ୍ ତଥା ଅଭିନେତା ଅଭୟ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବିଶିଷ୍ଟ ଶିକ୍ଷାବିତ୍, ଅଭିନେତା ତଥା ଲୋକସଭା ସଦସ୍ୟ ଅନୁଭବ ମହାନ୍ତିଙ୍କ ପିତା ଅଭୟ କୁମାର ମହାନ୍ତିଙ୍କର ଫେବୃଆରୀ ୧୫, ୨୦୨୪ ରେ କଟକ ସ୍ଥିତ ତାଙ୍କ ବାସଭବନରେ ଦେହାନ୍ତ ହୋଇଛି। ତାଙ୍କ ମୃତ୍ୟୁରେ ତାଙ୍କ ପରିବାର, ସମ୍ପ୍ରଦାୟ, ସହକର୍ମୀ ଏବଂ ଛାତ୍ରମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା। ଅଭୟ କୁମାର ମହାନ୍ତି, ଦୁର୍ଗାଚରଣ ମହାନ୍ତି ଏବଂ ବିଷ୍ଣୁପ୍ରିୟା ମହାନ୍ତିଙ୍କ ସାନପୁଅ ଥିଲେ, ଏବଂ ଚୌଧୁରୀ ବଜାର କଟକ ନନ୍ଦୀ ସାହିରେ ଜନ୍ମଗ୍ରହଣ କରିଥିଲେ। ସେ ପିଏମ ଏକାଡେମୀ କଟକରୁ ତାଙ୍କ ପାଠ ପଢା ଆରମ୍ଭ କରିଥିଲେ। ସେ କଟକ ରେଭେନ୍ସା କଲେଜରୁ ଇଂରାଜୀରେ ତାଙ୍କର ଏମଏ ଶେଷ କରିଥିଲେ। ରେଭେନ୍ସା କଲେଜରେ ଛାତ୍ର ଥିବା ସମୟରେ ସେ ବିଭିନ୍ନ ମଞ୍ଚ ନାଟକରେ ଅଭିନୟ କରିବା ଆରମ୍ଭ କରିଥିଲେ ଏବଂ କଲେଜର ବାର୍ଷିକ କାର୍ଯ୍ୟରେ ଜଣେ ଅଗ୍ରଣୀ ଅଭିନେତା ଥିଲେ । ତାଙ୍କ କଲେଜ ଦିନରେ ସେ ମିଷ୍ଟର୍ ରେଭେନ୍ସା ଟାଇଟଲ୍ ଜିତିଥିଲେ ଏବଂ ଶରୀର ନିର୍ମାଣ ଟାଇଟଲ୍ ମିଷ୍ଟର କଟକ ମଧ୍ୟ ଜିତିଥିଲେ । ସେ ଅଲ ଇଣ୍ଡିଆ ରେଡିଓରେ ଅଭିନୟ କରିବା ପାଇଁ କଳାକାରଙ୍କ ନେତୃତ୍ୱ ନେଇଥିଲେ ଏବଂ ଅଲ ଇଣ୍ଡିଆ ରେଡିଓ, କଟକ ଦ୍ୱାରା ପ୍ରସାରିତ ବିଭିନ୍ନ କାର୍ଯ୍ୟକ୍ରମରେ ଜଣେ ଜଣାଶୁଣା ସେଲିବ୍ରିଟି ଥିଲେ । ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସେ ୧୯୭୬ ମସିହାରେ ବାଙ୍କି କଲେଜରେ ଇଂରାଜୀରେ ଅଧ୍ୟାପକ ଭାବରେ ପଦ ଗ୍ରହଣ କରିଥିଲେ। ପରେ ୧୯୮୪ ମସିହାରେ ସେ ଏସବିଏମ୍ କଲେଜ ଜଗତସିଂହପୁର ରେ ଜଣେ ବରିଷ୍ଠ ଅଧ୍ୟାପକ ଭାବରେ ପଦୋନ୍ନତି ପାଇଥିଲେ। ସେ ସାଲିପୁର କଲେଜରେ ଜଣେ ବରିଷ୍ଠ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ ଏବଂ ପରେ କନ୍ଦରପୁର କଲେଜରେ ପ୍ରିନ୍ସପାଲ୍ ଭାବରେ ଶିକ୍ଷାଦାନରୁ ଅବସର ନେଇଥିଲେ ଏବଂ ଅବଶିଷ୍ଟ ସମୟକୁ ପରିବାରର ସାନ ସଦସ୍ୟମାନଙ୍କୁ କୋଚିଂ ଏବଂ ପରାମର୍ଶ ଦେଇଥିଲେ। ସେ ତାଙ୍କ ପୁଅ ଅନୁଭାଭ ମହାନ୍ତିଙ୍କ ଅଭିନୟ କ୍ୟାରିୟର ଗଠନରେ ଏକ ମାର୍ଗଦର୍ଶକ ଭୂମିକା ଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫-ଟି ଅଧ୍ୟକ୍ଷଙ୍କ ଅନ୍ଧାରୁଆ ...

ହେବା ଦ୍ୱାରା ଅନ୍ୟାନ୍ୟ ବାୟୋଟେକ୍‌ନୋଲୋଜି ସଂପର୍କିତ ଉତ୍ପାଦ ପ୍ରସ୍ତୁତକାରୀ କମ୍ପାନି ଓଡ଼ିଶାର ବାୟୋଟେକ୍ ପାର୍କପ୍ରତି ଆକୃଷ୍ଟ ହେବେ ଏବଂ ଏହା ଦ୍ୱାରା ଓଡ଼ିଶାରେ ପୁଞ୍ଜିନିବେଶର ସମ୍ଭାବନା ବୃଦ୍ଧି ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ପାଣ୍ଡିଆନ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ୫-ଟି ଅଧ୍ୟକ୍ଷଙ୍କ ଏହି ଗସ୍ତ ସମୟରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଇଟି ଆଣ୍ଡ ଆଇଟି ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ର ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଥମରୁ ପିଲାଙ୍କ ...

କ୍ଲାସର ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର । ଏଫ୍‌ଏଲ୍‌ଏନ୍ ଅର୍ଥାତ୍ ଫଣ୍ଡାମେଣ୍ଟାଲ ଲିଟେରାସି ଆଣ୍ଡ ନ୍ୟୁମେରିସି । ପିଲାଙ୍କ ସାମାଜିକ, ଭାଷାଶିକ୍ଷା ଓ ଗାଣିତିକ ଜ୍ଞାନର ଦକ୍ଷତାର ଅଭିବୃଦ୍ଧି ପାଇଁ ଧ୍ୟାନ ଦିଆଯାଇଛି । ରଙ୍ଗିନ ଚିତ୍ରକଳାରେ ଶ୍ରେଣୀଗୃହକୁ ସଜାଇ ଆକର୍ଷଣୀୟ ପରିବେଶ ସୃଷ୍ଟି କରାଯାଇଛି । ଏହାସହ ଶିକ୍ଷଣ ସାମଗ୍ରୀ ଭାବେ ବିଭିନ୍ନ ପ୍ରକାରର ପପେଟ, ମାଟି ଖେଳନା, କାର୍ଡ ବୋର୍ଡ, ଅକ୍ଷର ଓ ଶବ୍ଦର ପ୍ଲାକାର୍ଡ, ଚିତ୍ରକଳା ମାଧ୍ୟମରେ ଗଳ୍ପ, ନାଚ ଗୀତ ଆଦି ଦ୍ୱାରା ପିଲାଙ୍କୁ ଶିକ୍ଷିତ କରାଯାଉଛି। ଫଳରେ ସ୍କୁଲ ପ୍ରତି ଆକୃଷ୍ଟ ହେଉଛନ୍ତି ଛାତ୍ରଛାତ୍ରୀ। ଛାତ୍ରଛାତ୍ରୀଙ୍କୁ ଏଫ୍‌ଏଲ୍‌ଏନ୍ ପଦ୍ଧତିରେ ଅଧିକ ଶିକ୍ଷିତ କରିବା ପାଇଁ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ପ୍ରଥମ ପର୍ଯ୍ୟାୟରେ ଗଜପତି ଜିଲ୍ଲାର ୩୨୭ଟି ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ସାମିଲ କରାଯାଇଛି। ଏହି ପଦ୍ଧତି ଦ୍ୱାରା ପିଲାଙ୍କ ସାମାଜିକ, ସାହିତ୍ୟ, ବିଜ୍ଞାନ ତଥା ଗଣିତ ଜ୍ଞାନ ସୁଦୃଢ଼ ହେଉଛି। ଯାହାଙ୍କ ଉଚ୍ଚ ଶିକ୍ଷା ପାଇଁ ବହୁ ଉପଯୋଗୀ। ସରକାରଙ୍କ ଏହି ପ୍ରୟାସ ଫଳପ୍ରଦ ହେଉଥିବା କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ।

### ୩ ବର୍ଷ ମଧ୍ୟରେ...

ସ୍ୱତନ୍ତ୍ର ଦଳ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିସାରିଛନ୍ତି। ପ୍ରସ୍ତାବିତ ବିମାନ ବନ୍ଦର ଶେଷ ହୋଇପାରିଲେ ପୁରୀ ଐତିହ୍ୟ ନଗରୀର ସ୍ୱପ୍ନ ସାକାର ହୋଇପାରିବ ବୋଲି ସେବାୟତ ଓ ବୁଦ୍ଧିଜୀବୀ ଆଶା ରଖିଛନ୍ତି। ପୁରୀରେ ବିମାନବନ୍ଦର ନିର୍ମାଣକୁ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଉଛି।

### ରାଜ୍ୟରେ ଖୋଲିବ...

ଓ ୭ଟି ବେସରକାରୀ ବିଶ୍ୱବିଦ୍ୟାଳୟ ଅଛନ୍ତି। କିଛି ଦିନ ପୂର୍ବରୁ ପୁରୀର ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି। ରାଜ୍ୟରେ ୨୧ଟି ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ସେଣ୍ଟର ଅଫ୍ ଏକ୍ସଲେନ୍ସ ମଧ୍ୟ ଖୋଲିଛି। କଲେଜଗୁଡ଼ିକର ସ୍ଥାୟୀ ଭିତ୍ତିଭୂମି ତିଆରି ହୋଇଥିବାରୁ ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସରୁମ୍ ଓ ଲାବରେଟୋରି ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀ ଇ-ମେଧାବୃତ୍ତି, ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି, ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, କଳିଙ୍ଗ ଶିକ୍ଷା ସାଥୀ ଯୋଜନା ଆଦିର ଲାଭ ନେଇପାରିବେ। ସେହିପରି ବିଜୁ ଯୁବ ସଶକ୍ତିକରଣ ଯୋଜନା, ଗ୍ରୀନ୍ ପ୍ୟାସେଜ୍ ଯୋଜନା, ମାଗଣା ସିଭିଲ୍ ସର୍ଭିସ କୋଚିଂ ଭଳି ବିଭିନ୍ନ ଯୋଜନା କରାଯାଇଛି। ମୋ କଲେଜ ଅଭିଯାନ ଅଧୀନରେ ବହୁ ପୁରାତନ ଛାତ୍ରଛାତ୍ରୀ କଲେଜ ସହ ଯୋଡ଼ି ହୋଇ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ କରାଉଛନ୍ତି। କଲେଜଗୁଡ଼ିକରେ ଖାଲିଥିବା ପଦବୀ ପୂରଣ ଲାଗି ଅଧ୍ୟାପକଙ୍କ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ୨୦୨୨-୨୩ ଶିକ୍ଷାବର୍ଷରେ ୪୬୭ ଜଣ ନିଯୁକ୍ତି ପାଇଥିବା ବେଳେ ୨୦୨୩-୨୪ରେ ୧ ହଜାର ୩୩ ଜଣ ମନୋନୀତ ହୋଇଛନ୍ତି। ଲାପଟପ ଯୋଜନା ଦ୍ୱାରା ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ସିଧାସଳଖ ୩୦ ହଜାର ଟଙ୍କା ପଠା ଯାଉଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସୂଚନା ଦେଇଛନ୍ତି।

### ପୃଥିବୀରୁ କେବେ...

ସମୂହ ମନୁଷ୍ୟର ଅସ୍ତିତ୍ୱ କେବେ ସମାପ୍ତ ହେବ ଏହା ଅନୁମାନ କରିବା ପାଇଁ ଟେକ୍ନୋଲୋଜିର ବ୍ୟବହାର କରିଛନ୍ତି । ଲାଡ ବାଇବଲ ନାମକ ୱେବସାଇଟ୍ ଅନୁସାରେ ମାସାଚ୍ୟୁସେଟ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି (ଏମଆଇଟି) ବୈଜ୍ଞାନିକଙ୍କ ଏହି ଗ୍ରୁପ ଜନସଂଖ୍ୟା, ପ୍ରାକୃତିକ ସଂଶାଧନ ଓ ଶକ୍ତିର ଉପଯୋଗ ଭଳି ଜିନିଷର ଡାଟା ପାଟର୍ଣ୍ଣକୁ ନଜରରେ ରଖି ନିଜର ଭବିଷ୍ୟବାଣୀ ନିର୍ଦ୍ଧାରଣ କରିବାକୁ କମ୍ପ୍ୟୁଟର ମଡେଲର ବ୍ୟବହାର କରିଛନ୍ତି, ଯେଉଁ ଅଧ୍ୟୟନକୁ କ୍ଲବ ଅଫ ରୋମ ପ୍ରକାଶନ କରିଛି। ଏଥିରେ ଆଗାମୀ ବିକାଶ ସମସ୍ୟା ଉପରେ ଆଲୋକପାତ କରାଯାଇଛି। ଯେଉଁଥିରେ ମାନବର ପତନର କାରଣ କ'ଣ ହେବ ତାହା ଆକଳନ କରାଯାଇଛି। ଏହି ଗବେଷଣାରୁ ଟିମ୍ ଜାଣିବାକୁ ପାଇଛି ମାନବ ସମାଜର ପତନ ଏକବିଂଶ ଶତାବ୍ଦୀର ମଧ୍ୟଭାଗରୁ ଆରମ୍ଭ ହେବ। ଆମେ ଏବେ ଯେଉଁ ସମୟରେ ବଞ୍ଚିଛେ ତାହା ଏକବିଂଶ ଶତାବ୍ଦୀ ଓ ଆମେ ଖୁବ ଶୀଘ୍ର ଏହାର ମଧ୍ୟଭାଗ ଆଡକୁ ଅଗ୍ରସର ହେଉଛେ। ଏଥିରୁ ବିଶ୍ୱରେ ମନୁଷ୍ୟ ବିଲୁପ୍ତ ହେବାର ପ୍ରକ୍ରିୟା ଲାଗି ହାତରେ ଦୁଇ ଦଶନ୍ଧୀରୁ ବି କମ ସମୟ ରହିଛି। ଏଥିରେ ସଠିକ ଅନୁମାନ କରାଗଲେ ଏଥି ପାଇଁ ହାତରେ ମାତ୍ର ଆଉ ୧୭ ବର୍ଷ ବଞ୍ଚିଛି। ଯେପରି ବୈଜ୍ଞାନିକମାନେ ଭବିଷ୍ୟବାଣୀ କରିଥିଲେ ମାନବର ପତନ ୨୦୪୦ରୁ ଆରମ୍ଭ ହେବ ବୋଲି କୁହାଯାଇଛି।

# କଂଗ୍ରେସରେ ଯୋଗ ଦେଲେ ଅନୁଗୁଳ ଜିଲ୍ଲାର ବହୁ କର୍ମୀ ଓ ନେତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ବିଜେଡି ଓ ବିଜେପିର ଅନେକ ନେତା ସେମାନଙ୍କ ସମର୍ଥକଙ୍କ ସହିତ ରବିବାର କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗ ଦେଲେ। ଅନୁଗୁଳ ଜିଲ୍ଲା ପାଲଲହଡା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡ଼ି ନେତା ତଥା ରାଜ୍ୟ ସାଧାରଣ ସମ୍ପାଦକ, ଏ.ୟୁ.ସି.ସି ବ୍ୟାଙ୍କର ଡାଇରେକ୍ଟର, କେନ୍ଦୁପତ୍ର କର୍ମଚାରୀ ସଂଘ ଓ ନିର୍ମାଣ ଶ୍ରମିକ ସଂଘର ସଭାପତି ମନୋଜ ସାହୁ, ତାଳଚେର ନିର୍ବାଚନ ମଣ୍ଡଳୀର ବିଜେଡ଼ି ନେତା ତଥା ପୂର୍ବତନ ଯୁବ ବିଜେଡ଼ି ସଭାପତି, ଓଡ଼ିଶା ନିର୍ମାଣ ମଜଦୁର ସଭା ଓ କେନ୍ଦୁପତ୍ର ତୋଳାଳୀ ସଂଘର ସମ୍ପାଦକ ତଥା କୃଷକ ନେତା ସୂର୍ଯ୍ୟମଣି ସାହୁ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ପରିଷଦ ସଦସ୍ୟ ଗୋବିନ୍ଦ ନାୟକ ସେମାନଙ୍କର ଶତାଧିକ ସମର୍ଥକ ମାନଙ୍କ ସହିତ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ଯୋଗଦେଇଥିଲେ। ଏହି ଯୋଗଦାନ ଅନୁଗୁଳ ଜିଲ୍ଲାରେ କଂଗ୍ରେସ ଶକ୍ତି ବୃଦ୍ଧି କରିବା ସହିତ ଆଗାମୀ ନିର୍ବାଚନରେ ଦଳକୁ ସଫଳତା ଆଣିଦେବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏମାନେ ବିଧିବଦ୍ଧ ଭାବେ କଂଗ୍ରେସର ଯୋଗଦେଲା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ଦେଶ ଓ ରାଜ୍ୟରେ ଏକଛତ୍ରବାଦ ସରକାର ଚାଲିଛି। ଦେଶର ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ତଥା ଓଡ଼ିଶା ଓ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସେମାନେ ନିଃସର୍ତ୍ତ କଂଗ୍ରେସରେ ଯୋଗଦାନ କଲେ। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଅନୁଗୁଳ ଜିଲ୍ଲା କଂଗ୍ରେସ କମିଟିର ସଭାପତି ସଂଗ୍ରାମ ମିଶ୍ର ଯୋଗ ଦେଇଥିଲେ।







ଭୁବନେଶ୍ୱର : ଅନ୍ଧାରୁଆ ବାୟୋଟେକ୍ ପାର୍କ ସ୍ଥିତ ସାପିଜେନ୍ ବାୟୋଲଜିକ୍ସ ଟିକା ଉତ୍ପାଦନ ପ୍ଲାଣ୍ଟ ପରିଦର୍ଶନ କରିବା ଅବସରରେ '୫-ଟି ତଥା ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ।

(ଫଟୋ : ସମ୍ବାଦ କଳିକା)

ଭୁବନେଶ୍ୱର
୧୯ ଫେବୃୟାରୀ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଓଡ଼ିଶା ଅସ୍ଥାୟୀ କେନ୍ଦୁପତ୍ର କର୍ମଚାରୀ ସଂଘ




**ବଲାଙ୍ଗୀର, ୧୮/୨ ନ୍ୟୁଜ ବ୍ୟୁରୋ**
କେନ୍ଦୁପତ୍ର କର୍ମଚାରୀ ଓ ଶ୍ରମିକଙ୍କ ଦାବି ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଲେ ଓଡ଼ିଶା ଅସ୍ଥାୟୀ କେନ୍ଦୁପତ୍ର କର୍ମଚାରୀ ସଂଘ । ସମସ୍ତ ସିଜିନାଲ କର୍ମଚାରୀମାନଙ୍କ କାର୍ଯ୍ୟକାଳ ଏକ ମାସ ବୃଦ୍ଧି କରିବା ସହିତ ୩ ରୁ ୪ ହଜାର ଟଙ୍କା ବୃଦ୍ଧି କରିଛନ୍ତି । ଏଥିସହିତ କେନ୍ଦୁପତ୍ର ତୋଳାଳୀଙ୍କ ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ସହିତ ଆହୁରି ଅନେକ ସହାୟତା ଘୋଷଣା କରିଛନ୍ତି । ଏଥିପାଇଁ ପଶ୍ଚିମ ଓଡ଼ିଶାର ୮ଲକ୍ଷ କେନ୍ଦୁପତ୍ର ତୋଳାଳୀ ଓ ୧୮ ହଜାର କର୍ମଚାରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳୀ ମହାସଂଘ ବଲାଙ୍ଗୀର ସର୍କଲ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଚିଲିକାର ଉନ୍ନତି ପାଇଁ ସବୁ କ୍ଷେତ୍ରରେ ସହଯୋଗ କରାଯିବ : ମାନସ ମଙ୍ଗରାଜ




**ଚିଲିକା, ୧୮/୨ ନ୍ୟୁଜ ବ୍ୟୁରୋ**
ଚିଲିକା ନିର୍ବାଚନମଣ୍ଡଳୀରେ ନିର୍ମିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ନିକଟରେ ଥିବା ଐତିହାସିକ ମାମୁଁ ଭଣଜା ପାହାଡ ପାଦଦେଶରେ ହିଲ୍ ସାଇଡ ପାର୍କର ଲୋକାର୍ପଣ କରିଛନ୍ତି ଶ୍ରୀ ମଙ୍ଗରାଜ। ଏନଏସି ଦ୍ୱାରା ନିର୍ମାଣ କରାଯାଇଥିବା ଏହି ପାର୍କରେ ପିଲାଙ୍କ ପାଇଁ ବିଭିନ୍ନ କ୍ରୀଡା ସାମଗ୍ରୀର ବ୍ୟବସ୍ଥା ରହିଥିବା ବେଳେ ସ୍ଥାନୀୟ ବାସିନ୍ଦା ଏବଂ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। ଏହାସହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲୁଗାଁ ଚିଲିକାକୂଳ ନିକଟରେ ନିର୍ମାଣ ହୋଇଥିବା ଏକ ଶୌଚାଳୟ, ଚଲାପଥ ଏବଂ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମଧ୍ୟ ଶୁଭ ଉଦ୍‌ଘାଟନ କରିଛନ୍ତି। ଆଗାମୀ ଦିନରେ ଚିଲିକାର ଉନ୍ନତି ପାଇଁ ସବୁ କ୍ଷେତ୍ରରେ ସମସ୍ତ ସହଯୋଗ କରାଯିବ ବୋଲି କହିଛନ୍ତି ସାଂସଦ ଶ୍ରୀ ମଙ୍ଗରାଜ ।
ଉଦ୍‌ଘାଟିତ ହୋଇଥିବା ଏହି ସମସ୍ତ ନବ ନିର୍ମିତ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ମୁକ୍ତା ଅଭିଯାନ ଦ୍ୱାରା ସମାପନ ହୋଇଥିବା ବେଳେ ମୁକ୍ତା ଯୋଜନାରେ ସାମିଲ ଥିବା ଶ୍ରମିକମାନେ ନିୟୋଜିତ ଥିଲେ। ଉଦ୍‌ଘାଟନ ଅବସରରେ ସ୍ଥାନୀୟ ଲୋକଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ ଶ୍ରୀ ମଙ୍ଗରାଜ। ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଏନଏସିର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ଅଧ୍ୟକ୍ଷା ପ୍ରତିନିଧି ସନ୍ତୋଷ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ।




## ମାତିଲେ ମାଓବାଦୀ

# ଯବାନଙ୍କୁ ଟାଙ୍ଗିଆରେ ହାଣିଲେ



**ବିଜାପୁର, ୧୮/୨ ନ୍ୟୁଜ ବ୍ୟୁରୋ**
ଛତିଶଗଡ ବିଜାପୁରରେ ମାତିଲେ ମାଓବାଦୀ। ମାଓବାଦୀମାନେ ଯବାନଙ୍କୁ ଟାଙ୍ଗିଆରେ ହାଣିଛନ୍ତି । ଦରଭା ସାପ୍ତାହିକ ହାଟରେ ଡ୍ୟୁଟି କରିବା ବେଳେ ମାଓବାଦୀ ଏହି ଆକ୍ରମଣ କରିଛନ୍ତି । ମାଓବାଦୀଙ୍କ ଏଭଳି କାଣ୍ଡ ନେଇ ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। ସିଏଏଫ୍‌ର କମ୍ପାନୀ କମାଣ୍ଡାଣ୍ଟ ତିଜାଉ ରାମ ଭୂରୀୟାଙ୍କୁ ମାଓବାଦୀ ହତ୍ୟା କରିଛନ୍ତି । ମାଓବାଦୀ ସଂଗଠନର ଦର୍ଭା ଗ୍ରୁପର ସଦସ୍ୟମାନେ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଜଣାପଡିଛି। ଘଟଣାସ୍ଥଳରେ ଅଧିକ ସଂଖ୍ୟାରେ ଯବାନଙ୍କୁ ମୁତୟନ କରାଯାଇଛି।

# ବିଜେଡ଼ିରେ ମିଶିଲେ ଅନୁଗୁଳର ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ବିପ୍ଳବ ଜେନା

**ଭୁବନେଶ୍ୱର, ୧୮/୨ ନ୍ୟୁଜ ବ୍ୟୁରୋ**
ରବିବାର ବିଜେଡିରେ ମିଶିଲେ ବିପ୍ଳବ ଜେନା । ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ପଦରୁ ସେ କିଛି ଦିନ ତଳେ ଇସ୍ତଫା ଦେବା ସହ ଦଳ ଛାଡ଼ିଥିଲେ । ତାଙ୍କ ପିତା ସ୍ୱର୍ଗତ ରମେଶ ଜେନା ଅନୁଗୁଳରୁ ଥରେ ବିଧାୟକ ଥିଲେ । ମିଶ୍ରଣ ପୂର୍ବରୁ ପାରମ୍ପରିକ ନୃତ୍ୟ ବାଦ୍ୟରେ ପ୍ରକମ୍ପିତ ହୋଇଥିଲା ଶଙ୍ଖ ଭବନ। ବିପ୍ଳବ ଓ ୧୫ଶହ କଂଗ୍ରେସ ନେତା ବିଜେଡିରେ ସାମିଲ ହୋଇଛନ୍ତି । ବିଜେଡିରେ ମିଶ୍ରଣ ସହ କଂଗ୍ରେସ ଶିବିର ନିୟମିତ ଝଟକା ପାଉଛି । କଂଗ୍ରେସ ଛାଡ଼ିଥିବା ପୂର୍ବତନ ରାଜନଗର ବିଧାୟକ ତଥା ପୂର୍ବତନ କେନ୍ଦ୍ରାପଡ଼ା କଂଗ୍ରେସ ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି ଦୁଇ ଦିନ ତଳେ ବିଜେଡିରେ ଯୋଗ ଦେଇଥିଲେ । ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ବିଜେଡି ସଂଗଠନ




ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଯେ ନିରବଚ୍ଛିନ୍ନ ଭାବେ ଓଡ଼ିଶାକୁ ଗଢି ତୋଳିବାର ପ୍ରୟାସ, ମହିଳା ସଶକ୍ତିକରଣ, ଖାଦ୍ୟ ନିରାପତ୍ତା, ଛାତ୍ର, ଚାଷୀଙ୍କୁ ବିକାଶ ପରି ସବୁ କ୍ଷେତ୍ରରେ ଭାରତବର୍ଷ ପାଇଁ ଦିଗଦର୍ଶନ ପାଲଟିଛନ୍ତି । ତେଣୁ ୨୪ ବର୍ଷରୁ ନିଜ କାର୍ଯ୍ୟକ୍ରମ ପାଇଁ ସେ ଏକ ନମ୍ବର ହୋଇ ରହିଛନ୍ତି । ବିପ୍ଳବ ଜଣେ ଶ୍ରମିକ ନେତା । ବିଜେଡିରେ ମିଶିଲେ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଣବ ଜଣାଇଥିଲେ । ବିପ୍ଳବ ମଧ୍ୟ ନିଜ ଆଡୁ ମିଶିବାକୁ କହିଥିଲେ । ଯାହାକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଛନ୍ତି । ଏକ ସମନ୍ୱୟ କମିଟି କରି ବିପ୍ଳବଙ୍କ ସହ ମିଶି କାମ କରିବାକୁ ଅନୁଗୁଳ ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଦଳକୁ ଆସିଥିବା ନେତାମାନଙ୍କ ସମ୍ମାନ ଅକ୍ଷୁର୍ଣ୍ଣ ରହିବା ନେଇ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ପକ୍ଷରୁ ପ୍ରଣବ ଜଣାଇଛନ୍ତି। ସେହିପରି ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂ କହିଛନ୍ତି ଯେ, ବିପ୍ଳବ ଜଣେ ଲଢୁଆ ନେତା, ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ବିକାଶ ଯାତ୍ରାରେ ଅନୁପ୍ରାଣିତ ହୋଇ ବିପ୍ଳବ ଜେନା ବିଜେଡିରେ ମିଶିଛନ୍ତି। ତାଙ୍କ ସହ ମିଶି ଅନୁଗୁଳ ବିକାଶକୁ ଆଗକୁ ନେବାକୁ ସେ ସୂଚନା ଦେଇଛନ୍ତି । ବିପ୍ଳବ ଜେନା ମଧ୍ୟ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସଞ୍ଜିବନୀ ସାଜିଛି ବଏସ୍‌କେୱାଇ କାର୍ଡ

**ଜଗତସିଂହପୁର, ୧୮/୨ ନ୍ୟୁଜ ବ୍ୟୁରୋ**
ଗରିବ ଲୋକଙ୍କର ଦୂର ହୋଇଛି ସ୍ୱାସ୍ଥ୍ୟ ସମସ୍ୟା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଏସକେୱାଇ କାର୍ଡ ଦ୍ୱାରା ହେଉଛି ମାଗଣା ଚିକିତ୍ସା। ଜଗତସିଂହପୁରର ଦୁଇ ଜଣ ରୋଗୀ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ବେଳେ ମାଗଣାରେ କରାଇଛନ୍ତି ଚିକିତ୍ସା।
ସଞ୍ଜିବନୀ ସାଜିଛି ବିଏସକେୱାଇ କାର୍ଡ। ମାଗଣା ଚିକିତ୍ସାରୁ ରୋଗମୁକ୍ତ ହେଉଛନ୍ତି ଲୋକେ। ଜଗତସିଂହପୁର ବ୍ଲକ ବେନୁପୁର ଗାଁର ସନାତନ ବାରିକ ଦୀର୍ଘ ଦିନ ଧରି ହାର୍ନିଆ ରୋଗରେ ପୀଡିତ ଥିଲେ। ଅସହ୍ୟ ରୋଗ ଯନ୍ତ୍ରଣା ଭୋଗୁଥିଲେ। ଡାକ୍ତରଙ୍କୁ ଦେଖାଇବାରୁ ଅପରେସନ କରିବାକୁ କହିଥିଲେ। ଗରିବ ପରିବାରର ସନାତନଙ୍କ ପାଖରେ ଅର୍ଥର ଅଭାବ ଥିଲା। ଚିକିତ୍ସା ପାଇଁ ଚିନ୍ତାରେ ଥିବା ବେଳେ ବିଏସ୍‌କେୱାଇ କାର୍ଡ ସାଜିଲା ବରଦାନ। କାର୍ଡ ଦେଖାଇ ମାଗଣାରେ ଚିକିତ୍ସା କଲେ ସନାତନ। ଏବେ ସେ ସୁସ୍ଥ ଅଛନ୍ତି। ସେହିପରି ଜଗତସିଂହପୁର ପୌର ପରିଷଦ ଅଧୀନ ଦୁଇ ନଂ ୱାର୍ଡ ବଡ଼ବାଗ ଗାଁର ୬୦ ବର୍ଷର ବୃଦ୍ଧା ସଖୀ ବେହେରା ପେଟରେ ଷ୍ଟୋନ ହେବାରୁ ବହୁତ କଷ୍ଟ ଅନୁଭବ କରୁଥିଲେ। କଟକର ଏକ ଘରୋଇ ହସ୍ପିଟାଲରେ ଦେଖାଇଲେ। ଚିକିତ୍ସା ପାଇଁ ୩୦ ରୁ ୪୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଲେ ଡାକ୍ତର। ପାଖରେ ଟଙ୍କା ନଥିବାରୁ ବିଏସ୍‌କେୱାଇ କାର୍ଡ ଦ୍ୱାରା ଚିକିତ୍ସିତ ହୋଇଛନ୍ତି ସଖୀ। ମାଗଣାରେ ଅପରେସନ ହୋଇଛି। ଏବେ ପୁରା ସୁସ୍ଥ ଅଛନ୍ତି ସୁଖୀ। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ଅଭୂତପୂର୍ବ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ଲୋକମାନଙ୍କୁ ସାମିଲ କରିଥିବାରୁ ଲୋକେ ଉପକୃତ ହେଉଛନ୍ତି।



# ଧରାପଡ଼ିଲେ ୧୦ ଜଣିଆ ଡକାୟତ ଗ୍ୟାଙ୍ଗ୍

**କେନ୍ଦୁଝର, ୧୮/୨ ନ୍ୟୁଜ**
ପୋଲିସ ହାତରେ ଧରାପଡ଼ିଲେ ୧୦ ଜଣିଆ ଡକାୟତ ଗ୍ୟାଙ୍ଗ। କେନ୍ଦୁଝର ଚମ୍ପୁଆ ପୋଲିସ ହାତରେ ଧରାପଡିଛନ୍ତି ଏହି ଡକାୟତ ଗ୍ୟାଙ୍ଗ ସଦସ୍ୟ। ଶନିବାର ରାତିରେ ଚମ୍ପୁଆ ପାଞ୍ଚ ପୋଖରିଆ ନିକଟ ଜଙ୍ଗଲରେ ଡକାୟତି ଯୋଜନାବେଳେ ମାଡ଼ି ବସିଥିଲା ପୋଲିସ। ସେମାନଙ୍କ ଠାରୁ ଗୋଟିଏ ବୋଲେରୋ, ଦୁଇଟି ବନ୍ଧୁକ, ୨ ଅଫୁଟା ଗୁଳି, ୨ କଟୁରୀ, ୱିକେଟ, ଲଙ୍କାଗୁଣ୍ଡ ପ୍ୟାକେଟ ଓ ମଦ ବୋତଲ ଆଦି ଜବତ ହୋଇଛି। ଏମାନେ ଚମ୍ପୁଆ ଓ ଝୁମ୍ପୁରା ଅଞ୍ଚଳରେ ଥିବା ଏଟିଏମରୁ ଲୁଟ୍ ପାଇଁ ଯୋଜନା କରୁଥିଲେ। ପୂର୍ବରୁ ଏମାନଙ୍କ ନାଁରେ ଅନେକ ଅପରାଧିକ ମାମଲା ରହିଥିବା ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକ ସୂଚନା ଦେଇଛନ୍ତି। ଡକାୟତ ଗ୍ୟାଙ୍ଗର ସମସ୍ତ ସଦସ୍ୟ ଚମ୍ପୁଆ ଓ ଆଖପାଖ ଅଞ୍ଚଳର। ଗିରଫ ୧୦ ଜଣଙ୍କ ମଧ୍ୟରେ ୨ ନାବାଳକ ଅଭିଯୁକ୍ତ ରହିଛନ୍ତି । ଅଭିଯୁକ୍ତ ସିପୁନ ବାରିକ ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ପୋଲିସ କହିଛି ।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଆମଦାନୀ ପାଇଁ ଏମ୍.ଏସ୍.ସି.ସହ ଚୁକ୍ତି କଲା ଓଡ଼ିଶା




**ଭୁବନେଶ୍ୱର, ୧୮/୨ ନ୍ୟୁଜ ବ୍ୟୁରୋ**
ପାରାଦ୍ୱୀପ ପୋର୍ଟ ଜରିଆରେ କାର୍ଗୋ ରପ୍ତାନୀ ଓ ଆମଦାନୀ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ । ବିଶ୍ୱର ବୃହତ୍ତମ କଣ୍ଟେନର ସିପିଂ କମ୍ପାନୀ ଏମଏସସି ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି ରାଜ୍ୟ ସରକାର । ଚୁକ୍ତି ଅନୁସାରେ କମ୍ପାନୀ ଗୋଟିଏ ଭେସଲସରେ ୨୫୦ ଟିୟୁ ସାମଗ୍ରୀ ରପ୍ତାନୀ-ଆମଦାନୀ କରିପାରିବ । ଏମଏସଏମଓ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ଏହି ଚୁକ୍ତି ହୋଇଛି ।
ଓଡ଼ିଶା ସରକାରଙ୍କ ପକ୍ଷରୁ ଏମଏସଏମଇ ସଚିବ ଶାଶ୍ୱତ ମିଶ୍ର ଏବଂ ମେଡିଟେରିଆନ ସିପିଂ କମ୍ପାନୀ ଏମଏସସିର ଅଧ୍ୟକ୍ଷ କ୍ୟାପଟେନ ଦୀପକ ତିୱାରୀଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ନାଲକୋ, ବେଦାନ୍ତ, ଜେଏସ୍‌ଡବ୍ଲ୍ୟୁ, କୋଇଲା, ଖଣିଜ ପଦାର୍ଥ, ଇଲେକ୍ଟ୍ରୋନିକ୍ସ ଉତ୍ପାଦ, ଧାତବ ପଦାର୍ଥ ସହ ଅନ୍ୟାନ୍ୟ କମ୍ପାନୀ, କୃଷି ଓ ଉଦ୍ୟାନ କୃଷିଭିତ୍ତିକ ଦ୍ରବ୍ୟ ଏବଂ ସାମୁଦ୍ରିକ ଖାଦ୍ୟ, ମସଲା ବିଦେଶକୁ ରପ୍ତାନୀ କରିବ । ସେହିପରି ବିଦେଶରୁ ମଧ୍ୟ ଆବଶ୍ୟକ ପଦାର୍ଥ ନିର୍ଦ୍ଦିଷ୍ଟ ଓଜନ ପରିମାଣରେ ଆମଦାନୀ କରାଯିବ ।
ଏନେଇ ଏମଏସଏମଇ ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି ଯେ, ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟରେ ଏମଏସଏମଇ କ୍ଷେତ୍ରରେ ୧୨୭,୦୦୦ କୋଟି ଟଙ୍କାର କାରବାର ହୋଇଥିଲା । ମେଡିଟେରିଆନ ସିପିଂ କମ୍ପାନୀ ଏମଏସସି ପ୍ରାଇଭେଟ ଲିମିଟେଡ ପାରାଦ୍ୱୀପ ପୋର୍ଟ ଜରିଆରେ ନିୟମିତ କଣ୍ଟେନର କାର୍ଗୋ ରପ୍ତାନୀ-ଆମଦାନୀ ଦ୍ୱାରା ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ଅର୍ଥନୀତିରେ ଅଭିବୃଦ୍ଧି ଘଟିବ। ସାମାଜିକ ଓ ଅର୍ଥନୈତିକ ବିକାଶରେ ଏହା ଯଥେଷ୍ଟ ସହାୟକ ହେବ । ଏହାଦ୍ୱାରା ସମସ୍ତ ଷ୍ଟକ ହୋଲ୍ଡର, ଏମଏସସି ଏବଂ ରାଜ୍ୟ ସରକାର ଉପକୃତ ହେବେ ।
ଅନ୍ୟପଟେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି ଯେ, ପୂର୍ବରୁ ଭାଇଜାକ ଓ ହଳଦିଆ ମଧ୍ୟ ଦେଇ ଓଡ଼ିଶା ଦ୍ରବ୍ୟ ରପ୍ତାନୀ ହେଉଥିଲା । ବର୍ତ୍ତମାନ ଛତିଶଗଡ଼, ଝାଡଖଣ୍ଡ, ପଶ୍ଚିମବଙ୍ଗର କିଛି ଅଂଶ ଓ ବାଂଲାଦେଶର ପାରାଦ୍ୱୀପ ପୋର୍ଟ ଜରିଆରେ ଆମଦାନୀ-ରପ୍ତାନୀ ପାଇଁ ଆଗ୍ରହ ପ୍ରକାଶ ପାଉଛି ।
ଏମଏସସିର ଅଧ୍ୟକ୍ଷ କ୍ୟାପଟେନ ଦୀପକ ତିୱାରୀ କହିଛନ୍ତି, 'ଭାରତର କୌଣସି ରାଜ୍ୟରେ ଏପରି ଏଗ୍ରିମେଣ୍ଟ ପୂର୍ବରୁ ହୋଇନଥିଲା । ଓଡ଼ିଶାରେ ପ୍ରଥମ କରି ସମ୍ଭବ ହୋଇଛି । ଓଡ଼ିଶାର କାର୍ଗୋ ଓଡ଼ିଶା ବନ୍ଦର ମଧ୍ୟ ଦେଇ ରପ୍ତାନୀ ହେଉ ବୋଲି ମୁଁ ଦୃଢ଼ୋକ୍ତି ପ୍ରକାଶ କରୁଛି । ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଭିତ୍ତିକ ରପ୍ତାନୀ ଆମଦାନୀ ପାଇଁ କଣ୍ଟେନର ମାଧ୍ୟମରେ ସିପିଂ ହେବା ଆମର ଲକ୍ଷ୍ୟ । ଏମଏସସିର ଭେସଲସ ପାରାଦ୍ୱୀପରୁ ଖୁବଶୀଘ୍ର ଆରମ୍ଭ ହେବ । ଏହି ଚୁକ୍ତି ସ୍ୱାକ୍ଷର ଅନୁଯାୟୀ ପ୍ରଥମ ଥର ପାରାଦ୍ୱୀପରୁ ଶ୍ରୀଲଙ୍କାର କଲମ୍ବୋ ପର୍ଯ୍ୟନ୍ତ ରପ୍ତାନୀ ଆରମ୍ଭ କରାଯିବ ।'
ପାରାଦ୍ୱୀପ ପୋର୍ଟର ଉପାଧ୍ୟକ୍ଷ ନିଳାମ୍ବର ଦାସଗୁପ୍ତା କହିଛନ୍ତି ଯେ, ବହୁ ଶତାବ୍ଦୀ ପରେ ପୁଣି ସାମୁଦ୍ରିକ ବାଣିଜ୍ୟ ଆରମ୍ଭ ହେବାର ଏକ ନୂଆ ଯୁଗ ସୃଷ୍ଟି ହୋଇଛି। ପାରାଦ୍ୱୀପ ପୋର୍ଟର ଇକୋସିଷ୍ଟମ, ଆଧୁନିକ କଣ୍ଟେନର, ଆଧୁନିକ କାର୍ଗୋ କଣ୍ଟେନର ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟିକ ଅର୍ଥନୀତିକୁ ସୁଦୃଢ଼ କରିପାରିଛି । ପାରାଦ୍ୱୀପ ପୋର୍ଟ ୧୦୦ ମିଲିୟନ ମେଟ୍ରିକ ଟନ୍ କାର୍ଗୋ ରପ୍ତାନୀ-ଆମଦାନୀରେ ପହଞ୍ଚିସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପରିବହନ କ୍ଷେତ୍ରରେ ୭୫% ରିହାତି ପ୍ରଦାନ କରାଯିବ । ଓଡ଼ିଶାରୁ ଓଡ଼ିଶାର କାର୍ଗୋ ଓ ଓଡ଼ିଶାକୁ ଓଡ଼ିଶା କାର୍ଗୋ ପାରାଦ୍ୱୀପ ପୋର୍ଟର ଲକ୍ଷ୍ୟ ଅଟେ । ତେବେ କଷ୍ଟମ ନିୟମ ଅନୁସାରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଓଡ଼ିଶା କଷ୍ଟମ କମିଶନର ମାଧବ ଚନ୍ଦ୍ର ମିଶ୍ର।